ବର୍ଷ-୯
ସଂଖ୍ୟା- ୧୭୮
ତା-୧୯ ଅଗଷ୍ଟ ୨୦୨୨
ଶୁକ୍ରବାର, ପୃଷ୍ଠା-୮ ,ମୂଲ୍ୟ- ୨ଟଙ୍କା
RNI,Regd.No.ODIODI/2014/54949



ଅଗଷ୍ଟ ୩୧ ଯାଏଁ ବଢ଼ିଲା ପ୍ରାର୍ଥ ଚାଟାର୍ଜୀ ଓ ଅର୍ପିତା ମୁଖାର୍ଜୀଙ୍କ ନ୍ୟାୟିକ ହେପାଜତ

PRAJABARTA
# ପ୍ରଜାବାର୍ତ୍ତା
ଦୈନିକ ଓଡିଆ ଖବର କାଗଜ // Odia Daily News Paper

Vol-9
Issue-178
Date:19, August 2022
Friday, Page-8, Rs-2/-
POSTAL Regd.No.10120(K)/17/2018-21





ଜିମ୍ବାୱେକୁ ୧୦ ୱିକେଟ୍ ?ରେ ହରାଇଲା ଭାରତ

Odisha's first and only one Tribal area's Daily News Paper Published from Undeveloped & Backward K.B.K.Districts soil

ଓଡିଶାର ଅନୁନ୍ନତ ଓ ପଛୁଆ ଜିଲ୍ଲାର ପ୍ରଗତି ତଥା ଉନ୍ନତି ପଥେ କେବିକେ ଜିଲ୍ଲା ମାଟିର ପ୍ରଥମ ଓ ଏକ ମାତ୍ର ଦୈନିକ ଓଡିଆ ଖବର କାଗଜ ଆପଣଙ୍କ ସାଥିରେ...

# ବନ୍ୟା ସ୍ଥିତି ନେଇ ମୁଖ୍ୟ ଶାସନ ସଚିବଙ୍କ ସମୀକ୍ଷା

## ଆଗାମୀ ଲଘୁଚାପ ବର୍ଷା ପରପ୍ରେକ୍ଷୀରେ ହୀରାକୁଦ ଜଳଭଣ୍ଡାର ପରିଚାଳନା ପାଇଁ ନିଷ୍ପତି

ଭୁବନେଶ୍ୱର, ୧୮ ଅଗଷ୍ଟ : ମୁଖ୍ୟଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ରାଜ୍ୟର ବନ୍ୟା ସ୍ଥିତି ସଂପର୍କରେ ସମୀକ୍ଷା କରିଥିଲେ। ଏହି ଅବସରରେ ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ ଜେନା, ଜଳସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ବିଜୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟର ନଦୀଗୁଡ଼ିକର ଜଳପ୍ରବାହର ସ୍ଥିତି ସଂପର୍କରେ ଜଳସଂପଦ ବିଭାଗର ବରିଷ୍ଠ ଯନ୍ତ୍ରୀମାନଙ୍କ ସହ ଶ୍ରୀ ମହାପାତ୍ର ଆଲୋଚନା କରିଥିଲେ ଏବଂ ଆଗାମୀ ଲଘୁଚାପ ବର୍ଷାକୁ ଆଖି ଆଗରେ ରଖି ହୀରାକୁଦର ଗେଟ୍ ପରିଚାଳନା କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ ଜେନା କହିଲେ ଯେ ମହାନଦୀର ବନ୍ୟା ଜଳସ୍ତର ଗତକାଲିଠାରୁ କ୍ରମଶଃ ହ୍ରାସ ପାଉଛି। ହୀରାକୁଦରେ ଏବେ ୩୨ଟି ଗେଟ୍ ଖୋଲା ରହିଛି। ଆଜି ଅପରାହ୍ନ ସୁଦ୍ଧା ହୀରାକୁଦର ଜଳସ୍ତର ବର୍ତ୍ତମାନ ୬୨୩.୯୧ ଫୁଟ୍ ଅଛି । ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୪ ଲକ୍ଷ ୨୪ ହଜାର ୭୮୬ କ୍ୟୁସେକ୍ ଜଳ ପ୍ରବେଶ କରୁଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାରରୁ ୫ ଲକ୍ଷ ୪୫ ହଜାର ୪୭୧ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଖଇରମାଳଠାରେ ୮ ଲକ୍ଷ ୬୦ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଅଛି। ବଡ଼ମୂଳଠାରେ ୮ ଲକ୍ଷ ୬୭ ହଜାର ୫୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ମୁଣ୍ଡଳୀଠାରେ ୧୦ ଲକ୍ଷ ୧୦ ହଜାର ୫୨୫ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ମୁଣ୍ଡଳୀଠାରେ ଜଳସ୍ତର କ୍ରମଶଃ ହ୍ରାସ ପାଉଅଛି। ଆଗାମୀ ୧୯ ଓ ୨୦ ତାରିଖରେ ହେବାକୁ ଥିବା ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପର ପ୍ରଭାବରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ ବୋଲି ଭାରତୀୟ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛନ୍ତି । ଏହି ଲଘୁଚାପର ପ୍ରଭାବରେ ସମ୍ଭାବ୍ୟ ବୃଷ୍ଟିପାତକୁ ନଜରରେ ରଖି ହୀରାକୁଦ ଜଳଭଣ୍ଡାରରୁ ପର୍ଯ୍ୟାୟକ୍ରମେ ଆଉ ୪ ଟି ଗେଟ୍ ବନ୍ଦ କରାଯିବ । ପ୍ରାଥମିକ ସୂଚନା ଅନୁଯାୟୀ ବନ୍ୟା ଯୋଗୁଁ ୧୩ଟି ଜିଲ୍ଲାର ୭୧ଟି ବ୍ଲକ କ୍ଷତିଗ୍ରସ୍ତ ହୋଇଥିବାବେଳେ ଏଥିରେ ୨୦୬୬ଟି ଗ୍ରାମ ପ୍ରଭାବିତ ହୋଇଛି । ବନ୍ୟାରେ ୪୭୦ ଟି ଗ୍ରାମ ଜଳଘେରରେ



ରହିଥିବାବେଳେ ୨ ଲକ୍ଷ ୫୫ ହଜାର ୩୨୫ ଲୋକ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି ଏବଂ ପ୍ରାୟ ୫ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି । ଏହି ସବୁ ଅଂଚଳରେ ୧୯୦ ଟି ରିଲିଫ୍ କେନ୍ଦ୍ରରେ ୧ ଲକ୍ଷ ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି । ୯୦ ହଜାର ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଛି। ବନ୍ୟା ଓ ପ୍ରବଳ ବୃଷ୍ଟିପାତ ଦ୍ୱାରା ଅନେକ ବାସଗୃହ କ୍ଷତିଗ୍ରସ୍ତ ହେବା ସହିତ ବହୁତ ଚାଷ ଜମି ଜଳମଗ୍ନ ହୋଇଅଛି । ପ୍ରଭାବିତ ଲୋକମାନଙ୍କୁ ଆବଶ୍ୟକୟ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଉଅଛି। ୧୧ ଟି ଏନ୍‌ଡିଆରଏଫ୍, ୧୨ ଟି ଓଡ୍ରାଫ୍ ଏବଂ ୫୨ ଟି ଅତିରିକ୍ତ ଅଗ୍ନିଶମ ସେବା ବାହିନୀ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ପ୍ରଭାବିତ ଅଞ୍ଚଳରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ୧୦ ଟି ଭ୍ରାମ୍ୟମାଣ ଆ ?ଓ ୱାଟର ପ୍ଲାଣ୍ଟ ଜରିଆରେ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦିଆଯାଉଅଛି । ସେହିପରି ପ୍ରଭାବିତ ଗୋରୁଗାଈମାନଙ୍କୁ ଆବଶ୍ୟକୀୟ ଗୋଖାଦ୍ୟ ଯୋଗାଇ ଦିଆଯାଉଅଛି । ବନ୍ୟା ପ୍ରଭାବିତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଓ ପଶୁଚିକିତ୍ସାକୁ ତ୍ୱରାନ୍ୱିତ କରାଯାଇଛି । ଜଳସଂପଦ ବିଭାଗର ମୁଖ୍ୟଯନ୍ତ୍ରୀମାନେ ପ୍ରଭାବିତ ଅଞ୍ଚଳରେ ଅବସ୍ଥାନ କରି ନଦୀ ବନ୍ଧର ସୁରକ୍ଷା ତଥା ମରାମତି କାର୍ଯ୍ୟ ତ୍ୱରାନ୍ୱିତ କରୁଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ, ନିୟମିତ ଭାବେ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ସହ ଯୋଗାଯୋଗ କରି ବନ୍ୟା ପରିସ୍ଥିତି ସମୀକ୍ଷା କରୁଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ଦୁଇ ଜଣ ବରିଷ୍ଠ ଅଧିକାରୀଙ୍କୁ ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲାକୁ ବନ୍ୟା ପରିଚାଳନାରେ ଜିଲ୍ଲା ପ୍ରଶାସନକୁ ସହଯୋଗ କରିବା ପାଇଁ ପଠାଇଛନ୍ତି । ଏସ୍‌ଡିଆରଏଫ୍ ଗାଇଡଲାଇନ୍ ଅନୁସାରେ ଜିଲ୍ଲାପାଳମାନେ ଘରୋଇ ଡଙ୍ଗା ଭଡାରେ ନେଇ ଜଳ ଘେରରେ ଥିବା ଲୋକମାନଙ୍କୁ ଉଦ୍ଧାର କରିବା ସହ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଆଗାମୀ ଲଘୁଚାପ ପ୍ରଭାବରେ ବର୍ଷା ହେବାକୁ ଥିବାବେଳେ ଲୋକମାନଙ୍କୁ ପଲିଥିନ ଯୋଗାଇଦେବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ମୁଖ୍ୟମନ୍ତ୍ରୀ ଆଜି ଆକାଶ ମାର୍ଗରୁ କେନ୍ଦ୍ରାପଡା ଜିଲ୍ଲାର ଲୁଣା, ଚିତ୍ରୋତ୍ପଳା ନଦୀର ଦ୍ୱୀପାଂଚଳ, ମହାନଦୀର ଶାଖା ପାଇକା ନଦୀର ଦ୍ୱୀପାଂଚଳ, ଜଗତସିଂହପୁର ଜିଲ୍ଲାର କୁଜଙ୍ଗ, ନାଉଗାଁ ଓ ପୁରୀ ଜିଲ୍ଲାର ଗୋପ, ନିମାପଡା, ଅସ୍ତରଙ୍ଗ, ଡେଲାଙ୍ଗ, ପିପିଲି, କଣାସର ତଳିଆ ଅଂଚଳ ପରିଦର୍ଶନ କରି ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିଛନ୍ତି । ବନ୍ୟାଂଚଳରେ ୧୩ ଟି ଜିଲ୍ଲାର ୬୪ ଟି ଭ୍ରାମ୍ୟମାଣ ଡାକ୍ତରୀ ଦଳ ମୁତୟନ କରାଯାଇଥିବାବେଳେ ୨୦୦୦୦ ଓଆରଏସ୍ ପ୍ୟାକେଟ ଓ ୧ ଲକ୍ଷ ୪୨ ହଜାର ହାଲୋଜିନ୍ ବଟିକା ବଂଟନ କରାଯାଇଛି ।

## ସେପ୍ଟେମ୍ବର ୧୩ରୁ +୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା, ୨୨ରୁ ଆବେଦନ



ଭୁବନେଶ୍ୱର,୧୮ ଅଗଷ୍ଟ : ସେପ୍ଟେମ୍ବର ୧୩ ତାରିଖରୁ ଯୁକ୍ତ ଦୁଇ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ଛାତ୍ରଛାତ୍ରୀଙ୍କ ପାଇଁ ଇନ୍ ?ଷ୍ଟାଣ୍ଟ ପରୀକ୍ଷା ହେବ। ଏ ନେଇ ଆସନ୍ତା ୨୨ ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ । ଏ ନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ସେପ୍ଟେମ୍ବର ୧୩ରୁ ଆରମ୍ଭ ହୋଇ ୧୪ ତାରିଖରେ ଶେଷ ହେବ ପରୀକ୍ଷା । ଚଳିତବର୍ଷ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାରେ ଯେଉଁ ଛାତ୍ରଛାତ୍ରୀ ପାସ ମାର୍କ ରଖି କେବଳ ଗୋଟିଏ ବିଷୟରେ ଫେଲ୍ ? ହୋଇଛନ୍ତି ସେମାନେ ଇନଷ୍ଟାଣ୍ଟ ପରୀକ୍ଷା ଦେଇପାରିବେ । ଅଗଷ୍ଟ ୨୨ରୁ ୨୪ ତାରିଖ ଯାଏଁ ଆବେଦନ ପ୍ରକ୍ରିୟା ଚାଲିବ । ୨୫ ଏବଂ ୨୬ ତାରିଖରେ ପରୀକ୍ଷା ଫର୍ମ ପୂରଣ ଫି' ପୈଠ କରାଯିବ। ପ୍ରାକ୍ଟିକାଲ ନଥିବା ବିଷୟ ଲାଗି ୫୨୦ ଟଙ୍କା ଓ ପ୍ରାକ୍ଟିକାଲ ଥିଲେ ୫୬୦ ଟଙ୍କା ଫି ପୈଠ କରାଯିବ । ଛାତ୍ରଛାତ୍ରୀଙ୍କର ଥିଓରୀ ପରୀକ୍ଷା ସେପ୍ଟେମ୍ବର ୧୩ ଓ ପ୍ରାକ୍ଟିକାଲ୍ ପରୀକ୍ଷା ୧୪ ତାରିଖରେ ଅନୁଷ୍ଠିତ ହେବ। ପରୀକ୍ଷା ପୂର୍ବାହ୍ନ ୧୦ ଟାରୁ ଦିନ ୧ଟା ପର୍ଯ୍ୟନ୍ତ ପରୀକ୍ଷା ଚାଲିବ। କେବଳ ବାୟୋଲଜି ଲାଗି ୨୦ ମିନିଟ୍ ଅଧିକ ସମୟ ଦିଆଯିବ। ଚଳିତ ବର୍ଷ ଏହି ପରୀକ୍ଷା ପାଇଁ ଏକ୍ସରେଗୁଲାର ପରୀକ୍ଷାର୍ଥୀଙ୍କ ସଂଖ୍ୟା ପ୍ରାୟ ୧୬୦୦ ମଧ୍ୟରେ ରହିଛି । ପରୀକ୍ଷା ଶେଷ ହେବା ପରେ ସେପ୍ଟେମ୍ବର ୨୫ ମଧ୍ୟରେ ରେଜଲ୍ଟ ପ୍ରକାଶ ପାଇବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି ।

## ବନ୍ୟା ପାଇଁ ଘୁଞ୍ଚିଲା ASO ଲିଖିତ ପରୀକ୍ଷା



ଭୁବନେଶ୍ୱର,୧୮ ଅଗଷ୍ଟ :ରାଜ୍ୟରେ ଲାଗି ରହିଥିବା ବନ୍ୟା ବିପ୍ଯାତ ପାଇଁ ଆସନ୍ତା ୨୧ ତାରିଖରେ ହେବାକୁ ଥିବା ASO ଲିଖିତ ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇଛି। ତେବେ ଏହି ପରୀକ୍ଷା ନିମନ୍ତେ ନୂଆ ତାରିଖ ଘୋଷଣା କରାଯାଇ ନାହିଁ। ପରୀକ୍ଷା ଘୁଞ୍ଚିବା ନେଇ OPSC ପକ୍ଷରୁ ସୂଚନା ଦିଆଯାଇଛି । ଅଗଷ୍ଟ ୨୧ ତାରିଖ ରବିବାର ଆସିଷ୍ଟାଣ୍ଟ ସେକ୍ସନ୍ ଅଫିସର (ASO) ପରୀକ୍ଷା ନିମନ୍ତେ ଦିନ ଧାର୍ଯ୍ୟ କରାଯାଇଥିଲା । ମାତ୍ର ଓପିଏସସି ବିଜ୍ଞପ୍ତିରେ ଅନୁସାରେ, ରାଜ୍ୟରେ ପ୍ରବଳ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବାରୁ ASO ଲିଖିତ ପରୀକ୍ଷା ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି । ନୂଆ ତାରିଖ ଖୁବଶୀଘ୍ର ଘୋଷଣା ହେବ ବୋଲି ସୂଚନା ଦିଆଯାଇଛି । ASO ଲିଖିତ ପରୀକ୍ଷା ଦେବାକୁ ଆଶାୟୀ ଥିବା ବହୁ ଛାତ୍ରଛାତ୍ରୀ ବନ୍ୟା ଘେରରେ ଥିବାରୁ ସେମାନଙ୍କ ସୁବିଧା ନିମନ୍ତେ ଏହି ପଦକ୍ଷେପ ନିଆଯାଇଛି ।

## ମସ୍‌ଜିଦ୍‌ରେ ବିସ୍ଫୋରଣ; ୨୦ ମୃତ, ୪୦ରୁ ଉର୍ଦ୍ଧ୍ୱ ଆହତ

କାବୁଲ,୧୮ ଅଗଷ୍ଟ : ଆଫଗାନିସ୍ତାନର କାବୁଲରେ ବୋମା ବିସ୍ଫୋରଣ ହୋଇଛି । ଏହି ବୋମା ବିସ୍ଫୋରଣ ଏକ ମସଜିଦରେ ହୋଇଥିବା ନେଇ ଜାତୀୟ ଗଣମାଧ୍ୟମ ରିପୋର୍ଟ କରିଛି, ଯେଉଁଥିରେ କି ୨୦ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୪୦ ଲୋକ ଆହତ ଥିବା ଜଣାପଡ଼ିଛି । କାବୁଲର ଜରୁରୀକାଳୀନ ହସ୍‌ପିଟାଲରେ ୨୭ ଜଣଙ୍କୁ ଭର୍ତ୍ତି କରାଯାଇଛି, ଯେଉଁଥିରେ ୫ ଜଣ ଶିଶୁ ମଧ୍ୟ ସାମିଲ ଅଛନ୍ତି । ବୋମା



ବିସ୍ଫୋରଣ ହୋଇଥିବା ସ୍ଥାନକୁ ତାଲିବାନ ସୁରକ୍ଷାକର୍ମୀମାନେ ଘେରାବନ୍ଦି କରିଛନ୍ତି । ଆହତମାନଙ୍କୁ ଭିନ୍ନ ଭିନ୍ନ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି । କୁହାଯାଉଛି ଯେ, କାବୁଲ ସହରର ସର-ଏ-କୋଟଲା ଖୈରଖାନରେ ଏହି ବୋମା ବିସ୍ଫୋରଣ ହୋଇଛି । କାବୁଲର ସୁରକ୍ଷା ବିଭାଗ ଖାଲିଦ ଜରଦାନ ଏହି ବିସ୍ଫୋରଣ ନେଇ ସ୍ପଷ୍ଟ କରିଛନ୍ତି । ତେବେ ବିସ୍ଫୋରଣ ନେଇ ବର୍ତ୍ତମାନ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି । ମାତ୍ର ଗତମାସରେ ଏହି ଭାବେ ଏକାଧିକ ବିସ୍ଫୋରଣ ହୋଇଥିଲା, ଯେଉଁଥିରେ କି ମସଜିଦକୁ ଟାର୍ଗେଟ କରାଯାଇଥିଲା । ସେଥିରେ ଗୋଟିଏ ନୂଆ କଥା ଥିଲା ଯେ, ଶିୟା ମସଜିଦକୁ ଆତଙ୍କବାଦୀ ସଂଗଠନ ଦ୍ୱାରା ଟାର୍ଗେଟ କରାଯାଇଥିଲା । କିନ୍ତୁ ବୁଧବାର ହୋଇଥିବା ବିସ୍ଫୋରଣ ଅଞ୍ଚଳରେ ଶିୟା ମୁସଲିମ ସଂପ୍ରଦାୟର ଲୋକେ ରହୁନାହାନ୍ତି ।

## ଜନ୍ମାଷ୍ଟମୀ ଅବସରରେ ରାଜ୍ୟବାସୀଙ୍କୁ ଶୁଭକାମନା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୮ ଅଗଷ୍ଟ – ଜନ୍ମାଷ୍ଟମୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ଶୁଭକାମନା ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ – ପବିତ୍ର ଜନ୍ମାଷ୍ଟମୀ ଉପଲକ୍ଷେ ସମସ୍ତଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି। ପ୍ରଭୁ ଶ୍ରୀକୃଷ୍ଣଙ୍କ ଅପାର କରୁଣା ଓ ଆଶୀର୍ବାଦରୁ ପ୍ରତିଟି ଜୀବନ ସୁଖ, ସମୃଦ୍ଧିରେ ପରିପୂର୍ଣ୍ଣ ହେଉ।

## ୬ ବରିଷ୍ଠ ପର୍ଯ୍ୟବେକ୍ଷକଙ୍କୁ ଜିଲ୍ଲା ଦାୟିତ୍ୱ ଦେଲା ବିଜେଡି

ଭୁବନେଶ୍ୱର, ୧୮ ଅଗଷ୍ଟ – ରାଜ୍ୟର ୩୦ ଟି ଜିଲ୍ଲାପାଇଁ ୬ ଜଣ ବରିଷ୍ଠ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ଦେଇଛି ବିଜେଡି। ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏକ ବିଜ୍ଞପ୍ତି ମାଧ୍ୟମରେ ଏହି ସୂଚନା ଦେଇଛନ୍ତି। ବିଜ୍ଞପ୍ତି ଅନୁଯାୟୀ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗୀର ଓ ବରଗଡ଼ ଦାୟିତ୍ୱ ଦିଆଯାଇଛି। ସେହିପରି ପୂର୍ବତନ ସାଂସଦ ପ୍ରସନ୍ନ ଆଚାର୍ଯ୍ୟଙ୍କୁ କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଦାୟିତ୍ୱ ଦିଆଯାଇଛି। ମନ୍ତ୍ରୀ ପ୍ରମିଳା ମଲ୍ଲିକ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଓ ଗଜପତି ଦାୟିତ୍ୱରେ ରହିବେ । ସେହିପରି ଦେବୀପ୍ରସାଦ ମିଶ୍ରଙ୍କୁ ମିଳିଛି ଗଞ୍ଜାମ, ନୟାଗଡ଼, କନ୍ଧମାଳ, ଖୋର୍ଦ୍ଧା, ପୁରୀ ଓ ବୌଦ୍ଧ ଦାୟିତ୍ୱ ମିଳିଛି। ମୟୂରଭଞ୍ଜ, କେନ୍ଦୁଝର ଜିଲ୍ଲା ସମ୍ଭାଳିବେ ମହେଶ୍ୱର ମହାନ୍ତି । ସେହିପରି ପ୍ରତାପ ଜେନାଙ୍କୁ ମିଳିଛି ସର୍ବାଧିକ ୭ଟି ଜିଲ୍ଲାର ଦାୟିତ୍ୱ। ସେଗୁଡ଼ିକ ହେଲା, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ଦେବଗଡ଼, ଅନୁଗୁଳ ଓ ଢେଙ୍କାନାଳ।

## ହୀରାକୁଦର ୨୮ଟି ଗେଟ୍ ଦେଇ ଜଳ ନିଷ୍କାସନ ଜାରି



ଭୁବନେଶ୍ୱର, ୧୮ ଅଗଷ୍ଟ – ହୀରାକୁଦ ଜଳଭଣ୍ଡାରରୁ ଗୁରୁବାର ୧୨ଟି ଗେଟ୍ ବନ୍ଦ କରି ଦିଆଯାଇଛି। ଏବେ ହୀରାକୁଦର ୨୮ଟି ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଛି। ସଂନ୍ଧ୍ୟା ୬ଟା ସୁଦ୍ଧା ଜଳ ଭଣ୍ଡାରର ଜଳସ୍ତର ୬୨୩.୬୦ ଫୁଟ୍ ରହିଛି। ଜଳ ଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୩,୯୫,୮୪୦ କ୍ୟୁସେକ୍ ଜଳ ପ୍ରବେଶ କରୁଥିବା ବେଳେ ୪,୮୧,୪୯୭ କ୍ୟୁସେକ୍ ଜଳ ନିଷ୍କାସନ ହେଉଛି। ସଂନ୍ଧ୍ୟା ୬ ଟା ସୁଦ୍ଧା ଖଇରାମାଳ ଦେଇ ୮ ଲକ୍ଷ ୫୦ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ବରମୁଳ ଠାରେ ୮ ଲକ୍ଷ ୬୨ ହଜାର ୫୦୦ କ୍ୟୁସେକ୍ ଏବଂ ମୁଣ୍ଡଳି ଠାରେ ୧୦ ଲକ୍ଷ ୨ ହଜାର ୮୨୩ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି।

# ଆକାଶ ମାର୍ଗରୁ ମୁଖ୍ୟମନ୍ତ୍ରୀଙ୍କ ବନ୍ୟାଂଚଳ ପରିଦର୍ଶନ

- ବନ୍ୟା କ୍ଷତିଗ୍ରସ୍ତ ଅଂଚଳରେ ୧୫ ଦିନ ପାଇଁ ରିଲିଫ୍ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ
- ପାଣି ଛାଡିବାର ୭ଦିନ ମଧ୍ୟରେ କ୍ଷୟକ୍ଷତି ଆକଳନ, ୧୫ ଦିନରେ ସହାୟତା ଯୋଗାଇବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୮ ଅଗଷ୍ଟ – ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଅପରାହ୍ନରେ ଆକାଶମାର୍ଗରୁ ରାଜ୍ୟର ବନ୍ୟାସ୍ଥିତି ସମୀକ୍ଷା କରିଛନ୍ତି। ବନ୍ୟାଂଚଳରୁ ଫେରିବା ପରେ ମୁଖ୍ୟମନ୍ତ୍ରୀ କ୍ଷତିଗ୍ରସ୍ତ ଅଂଚଳ ପାଇଁ ରିଲିଫ ସହାୟତା ଘୋଷଣା କରିଛନ୍ତି। ଖୋର୍ଦ୍ଧା , ପୁରୀ, କଟକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲା ଯେଉଁ ଗାଁ ମାନଙ୍କ ରେ ପାଣି ପଶିଛି ସେଠାରେ ବିପନ୍ନ ଲୋକ ମାନଙ୍କୁ ୧୫ଦିନ ରିଲିଫ ସହାୟତା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସେହିପରି ସମ୍ବଲପୁର, ବରଗଡ଼, ସୋନପୁର, ବୌଦ୍ଧ ଓ ଅନୁଗୁଳ



ଜିଲ୍ଲା ର ପାଣି ପଶିଥିବା ଗାଁ ର ଲୋକମାନଙ୍କୁ ୭ ଦିନ ପାଇଁ ରିଲିଫ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ପାଣି ଛାଡିବାର ୭ ଦିନ ମଧ୍ୟରେ କ୍ଷୟକ୍ଷତି ଆକଳନ କରିବା ଏବଂ ତାର ୧୫ଦିନ ଭିତରେ ଘରଭଙ୍ଗା ଓ ଫସଲ କ୍ଷତି ସହାୟତା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଭାବିତ ଅଂଚଳରେ ଚାଲିଥିବା ସମସ୍ତ ପ୍ରକାର ସହାୟତା ଯଥା; ରିଲିଫ୍ ଓ ରନ୍ଧା ଖାଦ୍ୟ ଯୋଗାଣ, ସ୍ୱାସ୍ଥ୍ୟସେବା, ପାନୀୟଜଳ ଯୋଗାଣକୁ ତ୍ୱରାନ୍ୱିତ କରିବା ସହିତ ପ୍ରଭାବିତ ଗୋରୁଗାଈମାନଙ୍କୁ ଆବଶ୍ୟକୀୟ ଗୋଖାଦ୍ୟ ଓ ପଶୁଚିକିତ୍ସା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟନାୟକ ଗୁରୁବାର ଆକାଶ ମାର୍ଗରୁ କେନ୍ଦ୍ରାପଡା ଜିଲ୍ଲାର ଲୁଣା, ଚିତ୍ରୋତ୍ପଳା ନଦୀର ଦ୍ୱୀପାଂଚଳ, ମହାନଦୀର ଶାଖା ପାଇକା ନଦୀର ଦ୍ୱୀପାଂଚଳ, ଜଗତସିଂହପୁର ଜିଲ୍ଲାର କୁଜଙ୍ଗ, ନାଉଗାଁ ଓ ପୁରୀ ଜିଲ୍ଲାର ଗୋପ, ନିମାପଡା, ଅସ୍ତରଙ୍ଗ, ଡେଲାଙ୍ଗ, ପିପିଲି, କଣାସର ତଳିଆ ଅଂଚଳ ପରିଦର୍ଶନ କରି ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିଥିଲେ। ବନ୍ୟାରେ ବ୍ୟାପକ ଅଂଚଳ, ଜଳମଗ୍ନ ହେବା ସହିତ ଅନେକ ଚାଷ ଜମି ଓ ବାସଗୃହ କ୍ଷତିଗ୍ରସ୍ତ ହୋଇଥିବା ଘଟଣାରେ ମୁଖ୍ୟମନ୍ତ୍ରୀ ଚିନ୍ତାପ୍ରକଟ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହିତ ମୁଖ୍ୟମନ୍ତ୍ରୀ ଙ୍କ ସଚିବ ୫-ଟି ଭି କେ ପାଣ୍ଡିଆନ ମଧ୍ୟ ବନ୍ୟାଂଚଳ ପରିଦର୍ଶନରେ ଯାଇଥିଲେ।

### ବ୍ରାଉନସୁଗାର କାରବାରକୁ ବିରୋଧ କରିବାରୁ ମରଣାନ୍ତକ ଆକ୍ରମଣ

# ଯୁବକ ଗୁରୁତର, ୬ଜଣଙ୍କୁ ଖୋଜୁଛି ପୋଲିସ

ଭୁବନେଶ୍ୱର,(ନି.ପ୍ର): ସାଲିଆସାହିରେ ବ୍ରାଉନସୁଗାର କାରବାରକୁ ବିରୋଧ କରିବାକରୁ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି ୬ ଦୁର୍ବୃତ୍ତ। ପୋଲିସ ଆହତଙ୍କ ଚିକିତ୍ସାକୁ ନଜର ରଖିବା ସହ ଗିରଫ ପାଇଁ ୬ ଜଣଙ୍କୁ ଖୋଜ୍‌ଖବର କରୁଛି। ଆହତ ଯୁବକ ହେଲେ ସାଲିଆ ସାହିର ନୀଳାଞ୍ଚଳ ବେହେରା। ପୂର୍ବରୁ ଅର୍ଥାତ୍ ୨୦୨୧ରେ ମଧ୍ୟ ସେ ଉକ୍ତ ଅଞ୍ଚଳରେ ଏକ ଯୁବକକୁ ଗୋଡେଇ ଗୋଡେଇ ହାଣିବା ଘଟଣାରେ ଜେଲ୍ ଯାଇ ଫେରିଛନ୍ତି। ଗୁରୁତର ନୀଳାଞ୍ଚଳ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ମାତ୍ର ଅବସ୍ଥା ଗୁରୁତର ଥିବା ଜଣାପଡିଛି। ସୂଚନାନୁସାରେ, ସାଲିଆ ସାହିରେ ରହୁଥିବା ନୀଳାଞ୍ଚଳ ବେହେରା ଓ ତାଙ୍କର ୩ ଜଣ ସାଙ୍ଗ ମଙ୍ଗଳବାର ୧୨ଟା ସମୟରେ ମେ ଫେୟାର ନିକଟରେ ଠିଆ ହୋଇଥିଲେ। ଏହି ସମୟରେ ନୀଳାଞ୍ଚଳ ସହ ଦୁଇ ବର୍ଷ ତଳେ ବିବାଦ କରିଥିବା ଅନ୍ୟ ଏକ ଗୋଷ୍ଠୀର ୬ଜଣ ଯୁବକ ସେଠାକୁ ଆସିଥିଲେ। ତେବେ ବ୍ରାଉନସୁଗାର କାରବାରକୁ ନେଇ କିଛି ସମୟ ଉଭୟଙ୍କ ମଧ୍ୟରେ ବଚସା ହେବା ପରେ ନୀଳାଞ୍ଚଳକୁ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ଅଟୋ ଚାଳକ ନୀଳାଞ୍ଚଳ ବେହେରାଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏ ନେଇ ତାଙ୍କ ଭାଇ ଅଭିଯୋଗ କରି କହିଛନ୍ତି ଦାଦାବଟିକୁ ନେଇ ପୂର୍ବରୁ ସେମାନଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏହାସହ ଦୁର୍ବୃତ୍ତମାନେ ସେଠାରେ ଦୀର୍ଘଦିନ ହେବ ବ୍ରାଉନସୁଗାର କାରବାର କରି ଆସୁଥିଲେ। ଯାହାକୁ ନୀଳାଞ୍ଚଳ ବିରୋଧ କରୁଥିଲେ। ତେଣୁ ସେ ଖାଇବାକୁ ଯାଉଥିବା ସମୟରେ ତାଙ୍କୁ ରାସ୍ତାରେ ଅଟକାଇ ଆକ୍ରମଣ କରିଥିଲେ ବୋଲି କୁହାଯାଉଛି।

# ୫ ପିସ୍ତଲ ୬ ଗୁଳି ଜବତ: ଜଣେ ଗିରଫ



ଭୁବନେଶ୍ୱର,(ନି.ପ୍ର): ବେଆଇନ ପିସ୍ତଲ ଓ ଗୁଳି କାରବାରରେ ସଂପୃକ୍ତ ଅଭିଯୁକ୍ତଙ୍କୁ ଏସଟିଏଫ୍ ଓ ଢେଙ୍କାନାଳ ସଦର ଥାନା ପୋଲିସ ଟିମ୍ ମିଳିତ ଚଢାଉ କରି ଗିରଫ କରିଛି। ଅଭିଯୁକ୍ତଙ୍କ ନିକଟରୁ ୫ଟି ପିସ୍ତଲ ସହ ୬ ଗୁଳି ଜବତ ହୋଇଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଢ଼େଙ୍କାନାଳ ଜିଲା ସଦର ଥାନା ଅଞ୍ଚଳର ରୋହିତ ନାୟକ। ସୂଚନା ମୁତାବକ ରୋହିତ ବେଆଇନ ଗୁଳି ବନ୍ଧୁକ କାରବାର କରିବା ନେଇ ଏସଟିଏଫ ନିକଟରେ ଗୁଇନ୍ଦା ସୂତ୍ରରୁ ଖବର ପହଁଚିଥିଲା। ଗତ ସୋମବାର ସକାଳେ ଅଭିଯୁକ୍ତ ବେଆଇନ ପିସ୍ତଲ ଡିଲ କରିବା ନେଇ ଯାଉଥିଲେ। ଛତିଆ ଇନ୍ଦୁପୁର ରୋଡରେ ଅଭିଯୁକ୍ତ ଯାଉଥିବା ବେଳେ ଏସଟିଏଫ୍ ଓ ଢେଙ୍କାନାଳ ସଦର ଥାନା ପୋଲିସ ମିଳିତ ଚଢାଉ କରିଥିଲେ। ଘଟଣା ସ୍ଥଳରେ ଅଭିଯୁକ୍ତଙ୍କୁ ଯାଞ୍ଚ ବେଳେ ତାଙ୍କ ନିକଟରୁ ୫ ଟି ପିସ୍ତଲ ସହ ୬ଟି ଗୁଳି ପୋଲିସ ଜବତ କରିଥିଲା। ଜବତ ପିସ୍ତଲ ଓ ଗୁଳିର କୌଣସି ପ୍ରକାର ଆଇନଗତ କାଗଜ ପତ୍ର ଅଭିଯୁକ୍ତ ରୋହିତ ଦେଖାଇ ପାରିନଥିଲେ। ଏସଟିଏଫ ଅଭିଯୁକ୍ତଙ୍କୁ ପଚରାଉଚରା ପରେ ଢେଙ୍କାନାଳ ସଦର ଥାନାରେ ୩୬୨/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଭାଉଜ ନାମରେ ନକଲି ଫେସବୁକ୍ ଆକାଉଣ୍ଟ, ନଣଦ ଗିରଫ, ଦିଅର ଫେରାର

ଭୁବନେଶ୍ୱର,(ନି.ପ୍ର): ଭାଉଜ ନାମରେ ନକଲି ଫେସବୁକ୍ ଆକାଉଣ୍ଟ ଖୋଲିବା ସହ ପୀଡିତାଙ୍କ ନମ୍ବର ବ୍ୟବହାର କରିବା ଅଭିଯୋଗରେ ସାଇବର ଥାନା ପୋଲିସ ପୀଡିତାଙ୍କର ନଣଦକୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଅଭିଯୁକ୍ତ ଦିଅର ଫେରାର ରହିଛି। ଗିରଫ ନଣଦ ହେଲେ ଏୟାରଫିଲ୍ଡ ଥାନା ସୁନ୍ଦରପଦାର ଶୁଭଶ୍ରୀ ବେହେରା(୩୦)। ସୂଚନାନୁସାରେ, ଅଭିଯୋଗକାରିଣୀଙ୍କ ସାଇବର ଥାନାରେ ଅଭିଯାଗ କରିଥିଲେ ଯେ, କେହି ଜଣେ କିମ୍ବା ତହିଁରୁ ଅଧିକ ବ୍ୟକ୍ତି ଏକ ନକଲି ଫେସବୁକ୍ ଆକାଉଣ୍ଟ ଖୋଲି, ସେଥିରେ ପୀଡିତାଙ୍କର ଉଭୟ ମୋବାଇଲ ନମ୍ବରକୁ ଏକ ଅଜଣା ଝିଅର ଫଟୋ ଉପରେ ଏଡିଟ କରି, ଫେସବୁକର ଡିବିରେ ରଖିଥିଲା। ଫଳରେ ପୀଡିତାଙ୍କୁ ବିଭିନ୍ନ ନମ୍ବରରୁ କଲ ଆସିବା ଅଜଣା ବ୍ୟକ୍ତିମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ, ପୀଡିତାକୁ ଖରାପ ବ୍ୟବହାର କରୁଥିଲେ। ଏ ନେଇ ପୋଲିସ ମାମଲା ରୁଜୁ କରି ପ୍ରାଥମିକ ଅନୁସନ୍ଧାନରୁ ଜାଣିପାରିଥିଲା ଯେ, ଏ ପ୍ରକାର ଦଣ୍ଡନୀୟ ଅପରାଧ ପୀଡିତାଙ୍କର ନଣନ୍ଦ ଏବଂ ଦିଅର ମିଶିକରି କରିଛନ୍ତି। ପୋଲିସ ବାରମ୍ବାର ଅପରାଧୀ ଏବଂ ତାର ବାପାଙ୍କୁ ଯୋଗାଯୋଗ କରିବା ପରେ ମଧ ସେମାନେ, ତଦନ୍ତରେ କୌଣସି ପ୍ରକାରର ସହଯୋଗ କରି ନଥିଲେ ବରଂ ପୋଲିସକୁ ଅଭଦ୍ରୋଚିତ ଆଚରଣ କରିଥିଲେ। ପରେ ଅଭିଯୁକ୍ତ ନଣଦକୁ ଗିରଫ କରାଯାଇ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି।

## ବୋଲେରୋ ଚୋର ଗିରଫ

ଭୁବନେଶ୍ୱର,(ନି.ପ୍ର): ବୋଲେରୋ ଚୋରି କରିବା ଅଭିଯୋଗରେ ଶ୍ରୀଲିଙ୍ଗରାଜ ଥାନା ପୋଲିସ ଜନୈକ ଚୋରକୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲା ପିପିଲି ଥାନା ଅଞ୍ଚଳର ବବୁଲ୍ ଓରଫ୍ ଜ୍ୟୋତି ରଞ୍ଜନ ପଟ୍ଟନାୟକ(୨୪)। ତା' ନିକଟରୁ ପୋଲିସ ଗୋଟେ ବୋଲେରୋ ଓ ଗୋଟେ ସ୍କୁଟି ଜବତ କରିଛି। ଅଭିଯୁକ୍ତର ଜାମିନ୍ ନାମଞ୍ଜୁର ହୋଇଯିବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଗିରଫ ଅଭିଯୁକ୍ତ ଜଣକ ଅଭିଯୋଗକାରୀଙ୍କର ଓଆର-୦୨-ବିବି-୩୮୯୧ ବିଶିଷ୍ଟ ବୋଲେରୋକୁ ଗ୍ୟାରେଜ ଛକରେ ଥିବା ବ୍ୟାଙ୍କ ଅଫ୍ ଇଣ୍ଡିଆ ସମ୍ମୁଖରୁ ଚୋରିକରି ନେଇଯାଇଥିଲା। ଏ ନେଇ ଥାନାରେ ଅଭିଯୋଗପରେ ପୋଲିସ ମାମଲାର ତଦନ୍ତ କରି ଅଭିଯୁକ୍ତକୁ ତା ଗ୍ରାମରୁ ଗିରଫ କରିବା ସହିତ ତା ହେପାଜତରୁ ସମ୍ପୃକ୍ତ ଚୋରି ଯାଇଥିବ ବୋଲେରା ଏବଂ ଓଡି-୧୩-ଡି-୯୦୬୨ ନମ୍ବର ବିଶିଷ୍ଟ ଏକ ସ୍କୁଟି ଜବତ କରିଥିଲା। ଅଭିଯୁକ୍ତ ନାମରେ ପୂର୍ବରୁ ଧଉଳି ଥାନାରେ ୨ଟି, ଲକ୍ଷ୍ମୀସାଗର ଥାନାରେ ୨ଟି, ଖୋର୍ଦ୍ଧା ଟାଉନ ଥାନାରେ ଗୋଟିଏ, ବଡଗଡ ଥାନାରେ ଗୋଟିଏ, ବଳଙ୍ଗା ଥାନାରେ ୫ଟି ଏବଂ ଡେଲାଙ୍ଗ ଥାନାରେ ଗୋଟିଏ ଅପରାଧିକ ମାମଲା ରହିଥିବା ଜଣାପଡିଛି। ଅଭିଯୁକ୍ତ ଜଣକ ଅଭ୍ୟାସଗତ ଭାବରେ ବିଭିନ୍ନ ଅପରାଧରେ ସମ୍ପୃକ୍ତ ଥିବାରୁ ତା ବିରୁଦ୍ଧରେ ସିଆରପିସି-୧୧୦ ଧାରା ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବାର ପଦକ୍ଷେପ ନିଆଯାଉଛି।

## ବନ୍ୟା ମୁକାବିଲା ପାଇଁ ଅଗ୍ନିଶମ ବିଭାଗ ପ୍ରସ୍ତୁତ



ଭୁବନେଶ୍ୱର,(ନି.ପ୍ର): ରାଜ୍ୟରେ ଲାଗିରହିଥିବା ବନ୍ୟା ପରିସ୍ଥିତିର ଜୋରଦାର ମୁକାବିଲା କରୁଛି ଅଗ୍ନିଶମ ବିଭାଗ। ବନ୍ୟା ପ୍ରଭାବିତ ଉପକୂଳବର୍ତ୍ତୀ ଅଞ୍ଚଳରେ ମୁକାବିଲା ପାଇଁ ସ୍ୱତନ୍ତ୍ର ଭାବରେ ଅଗ୍ନିଶମ ବିଭାଗର ୪୪ ଟିମ ମୁତୟନ କରାଯାଇଛି। ତେବେ ଜନସାଧାରଣଙ୍କୁ ସହଯୋଗ ପାଇଁ ଅନୁରୋଧ କରିବା ସହ ଅଗ୍ନିଶମ ବାହିନୀର ମନବଳ ବଢାଇ ଥିବାରୁ ଗଣମାଧ୍ୟମକୁ ଧନ୍ୟବାଦ ଜଣାଇଛନ୍ତି ଡିଜି ସନ୍ତୋଷ ଉପାଧ୍ୟାୟ।

ରାଜ୍ୟରେ ଲଘୁଚାପ ଜନିତ ଲଗାଣ ବର୍ଷା ପରେ ମହାନଦୀ ସମେତ ବିଭିନ୍ନ ମୁଖ୍ୟନଦୀ ତଥା ଶାଖାନଦୀରେ ସୃଷ୍ଟି ହୋଇଛି ବନ୍ୟା। ତେବେ ଏଭଳି ପରିସ୍ଥିତିରେ ସାଧାରଣ ଲୋକଙ୍କ ସହ ପଶୁପକ୍ଷୀଙ୍କୁ ଉଦ୍ଧାର କରୁଛନ୍ତି ଅଗ୍ନିଶମ ବିଭାଗର ସ୍ୱତନ୍ତ୍ର ଟିମ୍। ବିଭାଗୀୟ ଡିଜି ସନ୍ତୋଷ ଉପଧ୍ୟାୟ କହିଛନ୍ତି "ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ ଅଗ୍ନିଶମ ବିଭାଗ ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ବନ୍ୟାରେ ଅତ୍ୟଧିକ ପ୍ରଭାବିତ ହେଉଥିବା ଉପକୂଳବର୍ତ୍ତୀ ଜିଲ୍ଲା ଗୁଡ଼ିକରେ ପରିସ୍ଥିତିର ମୁକାବିଲା ପାଇଁ ସ୍ୱତନ୍ତ୍ର ଭାବରେ ୪୪ ଟିମ୍ ମୁତୟନ କରାଯାଇଛି। ସେହିପରି ଜଟଣୀରେ ବନ୍ୟା ପାଣିରେ ଫସିଥିବା ଗର୍ଭବତୀଙ୍କ ସହ ଅନେକ ଲୋକଙ୍କୁ ଉଦ୍ଧାର କରାଯାଇଛି। ଗତିରାଉତ ପାଟଣାରେ ପ୍ରାୟ ୫୨୦ ଛାତ୍ରଛାତ୍ରୀଙ୍କୁ ଉଦ୍ଧାର କରିଥିବାରୁ ଅଗ୍ନିଶମ କର୍ମଚାରୀଙ୍କୁ ଏହି ଅବସରରେ ଡିଜି ପ୍ରଶଂସା କରିଛନ୍ତି।

## ତ୍ରିରଙ୍ଗା କାର୍ଯ୍ୟକ୍ରମରେ ୧୦୦ ପତାକା ବଣ୍ଟନ

ଭୁବନେଶ୍ୱର,(ନି.ପ୍ର): ଶ୍ରୀ ଜଗନ୍ନାଥ ସେବା ପ୍ରତିଷ୍ଠାନ ଫାଉଣ୍ଡେସନ ଟ୍ରଷ୍ଟ ଓ ନିଶିଗନ୍ଧା ଭାଷା ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠାନର ମୁଖ୍ୟ ପୃଷ୍ଠପୋଷାକ କରୁଣାକର ମଲ୍ଲିକ, କବି, ଶିକ୍ଷକ, ସମାଜସେବୀଙ୍କ ପୃଷ୍ଠପୋଷକତାରେ ଆଜାଦିକା ଅମୃତ ମହୋତ୍ସବ ଏବଂ ୭୬ତମ ସ୍ୱାଧୀନତା ଦିବସ ଜାତୀୟ ପତକା ଉତ୍ତୋଳନ ଉପଲକ୍ଷେ ଆୟୋଜିତ ରାଜ୍ୟସ୍ତରୀୟ ଆଲାଚନାଚକ୍ର ହର ଘର ତ୍ରିରଙ୍ଗା ଘରେ ଘରେ ତ୍ରିରଙ୍ଗା ଜାତୀୟ ୧୦୦ ପତାକା ବଣ୍ଟନ କରାଯାଇଛି। ଏହାସହ ଭୁବନେଶ୍ୱରରେ ବିଭିନ୍ନ ସ୍ଥାନରେ ପଦ ଯାତ୍ରା ସହ ସପ୍ତସତୀ ନଗର ନାଗରିକ ମଞ୍ଚର ସମସ୍ତ ପ୍ରକାର ସଭ୍ୟ ମାନଙ୍କ ସହଯୋଗରେ ପତକା ଉତ୍ତୋଳନ କରାଯାଇଥିଲା। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ହରିହର କାନୁନଗୋ, ମୁଖ୍ୟବକ୍ତା ଭାବେ ନାଟ୍ୟ ବିଶ୍ୱକର୍ମା ଅଧ୍ୟାପକ ପ୍ରଭାତ ମହାରଣା, ନିଶିଗନ୍ଧା ଭାଷା ପ୍ରତିଷ୍ଠାନ, ନିଶିଗନ୍ଧା ଖବରକାଗଜର ପ୍ରତିଷ୍ଠାତା ତଥା ସଭାପତି ବଳରାମ ତରାଇ ପ୍ରମୁଖ ଉପସ୍ଥିତ ରହି ଦେଶ ସ୍ୱାଧୀନତାର ଗୌରବ ଗାଥା ସମ୍ପର୍କରେ ଆଲୋଚନା କରିଥିଲେ।

## ଏମ୍ସରେ ୭୬ତମ ସ୍ୱାଧୀନତା ଦିବସ ପାଳିତ

ଭୁବନେଶ୍ୱର,(ନି.ପ୍ର): ଏମ୍ସ ଭୁବନେଶ୍ୱରରେ ଉତ୍ସାହ ଉଦ୍ଦୀପନାର ସହିତ ୭୬ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର (ଡ) ଆଶୁତୋଷ ବିଶ୍ୱାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଡ. ବିଶ୍ୱାସ ଦେଶ ସ୍ୱାଧୀନତାର ହୀରକ ଜୟନ୍ତୀ ପାଳନ କରୁଥିବାରୁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ। ମାତୃଭୂମି ପାଇଁ ବଳୀଦାନ ଦେଇଥିବା ଅଗଣିତ ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଭାରତ ପାଇଁ ସେମାନଙ୍କର ଦୂରଦୃଷ୍ଟି ଏବଂ ସ୍ୱପ୍ନକୁ ସ୍ମରଣ କରିବାକୁ ଡ. ବିଶ୍ୱାସ ଆହ୍ୱାନ କରିଥିଲେ। ଏହି ଅବସରରେ ଡ. ବିଶ୍ୱାସ ଏମ୍ସ ଭୁବନେଶ୍ୱରର ସମସ୍ତ କର୍ମଚାରୀ ନିଜକୁ ଫିଟ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍ସ ଭୁବନେଶ୍ୱର ମେଡିକାଲ୍ ଅଧୀକ୍ଷକ ପ୍ରଫେସର (ଡ) ସଚ୍ଚିଦାନନ୍ଦ ମହାନ୍ତି, ଡିନ (ଏକାଡେମିକ୍) ଡ. ଦେବାଶିଷ ହାତା, କୁଳସଚିବ ବି ବି ମିଶ୍ର, ଡିନ୍ (ପରୀକ୍ଷା) ଡ. ମନୋଜ କୁମାର ମହାନ୍ତି, ଡିନ୍ (ଅନୁସନ୍ଧାନ) ଡ. ବିନୋଦ କୁମାର ପାତ୍ର, ଆର୍ଥିକ ପରାମର୍ଶଦାତା ପ୍ରମୋଦ କୁମାର ସାହୁ, ଏସଇ କେ ପି ମିଶ୍ର ପ୍ରମୁଖ ଏହି ଉତ୍ସବରେ ଉପସ୍ଥିତ ଥିଲେ।

## ଶ୍ରୀଜୟଦେବ ଶିକ୍ଷାକେନ୍ଦ୍ରରେ ସ୍ୱାଧୀନତା ଦିବସ ପାଳନ

ଭୁବନେଶ୍ୱର,(ନି.ପ୍ର): କାନନ ବିହାର ଫେଜ୍-୨ ସ୍ଥିତ ଶ୍ରୀ ଜୟଦେବ ଶିକ୍ଷାକେନ୍ଦ୍ରରେ ୭୬ତମ ସ୍ୱାଧିନତା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ସଭାନେତ୍ରୀ ଅନ୍ନପୂର୍ଣ୍ଣା ମିଶ୍ରଙ୍କ ଉପସ୍ଥିତିରେ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପାଣି ପତକା ଉତ୍ତୋଳନ କରିଥିଲେ। ପ୍ରଧାନ ଶିକ୍ଷକ ତାଙ୍କ ଅଭିଭାଷଣରେ ଦେଶ ସ୍ୱାଧୀନ ହେବାର ମହାପୁରୁଷମାନଙ୍କର ଅବଦାନ ବିଷୟରେ ଆଲୋକପାତ କରିଥିଲେ ଓ ପିଲାମାନଙ୍କ ମନରେ ଦେଶଭକ୍ତି ଜାଗ୍ରତ କରିଥିଲେ।

## ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,(ନି.ପ୍ର): ଏମ୍ସ ଭୁବନେଶ୍ୱର ପକ୍ଷରୁ ଏହାର ପ୍ରତିଷ୍ଠାତା ପୂର୍ବତନ ପ୍ରଧାନମନ୍ତ୍ରୀ, କିମ୍ବଦନ୍ତୀ ପୁରୁଷ, ବିଶିଷ୍ଟ ଜନନେତା ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କୁ ତାଙ୍କ ପୁଣ୍ୟତିଥି ଅବସରରେ ମଙ୍ଗଳବାର ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏମ୍ସ ଭୁବନେଶ୍ୱର ଡିନ୍ (ଏକାଡେମିକ୍ସ) ଡ. ଦେବାଶିଷ ହାତା, ପିଆର ସେଲ ମୁଖ୍ୟ ଡ. ପ୍ରଭାସ ରଂଜନ ତ୍ରିପାଠୀ, ଭାରପ୍ରାପ୍ତ ଡିଡିଏ ରଶ୍ମିରଂଜନ ସେଠୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସମାଜର ବିଭିନ୍ନ ବର୍ଗରୁ ଆସିଥିବା ପ୍ରମୁଖ ବ୍ୟକ୍ତିବିଶେଷ ଏମ୍ସ ପରିସରରେ ଥିବା ଶ୍ରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

## ୨୮ ଟନ୍ ଅଷ୍ଟ୍ରେଲିଆନ କୋକ୍ ଜବତ: ମୁଖ୍ୟ ଅଭିଯୁକ୍ତ ଗିରଫ, ଧାମରାରୁ ଯାଜପୁର ଚୋରା ଚାଲାଣ

ଭୁବନେଶ୍ୱର,(ନି.ପ୍ର): ଭଦ୍ରକ ଧାମରାରୁ ଯାଜପୁରକୁ ୧୨ ଚକିଆ ଟ୍ରକରେ ୨୮ ଟନ ଅଷ୍ଟ୍ରେଲିଆନ ହାର୍ଡ କୋକ ଚେରା ଚାଲାଣରେ ସଂପୃକ୍ତ ରାକେଟର ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଭଦ୍ରକ ବଂଶଦା ଥାନା ଅଞ୍ଚଳର ପର୍ଶୁରାମ ମହାଲିକ। ସୂଚନା ମୁତାବକ ଭଦ୍ରକରୁ ସୀମାନ୍ତ ଅଞ୍ଚଳରେ ଥିବା ଜିଲ୍ଲା ଗୁଡିକୁ ଚୋରାରେ ଅଷ୍ଟ୍ରେଲିଆନ କୋକ କାରବାର ଚାଲିଥିବା ନେଇ ଏସ୍‌ଟିଏଫ୍ ନିକଟରେ ଗୁଇନ୍ଦା ସୂତ୍ରରୁ ଖବର ପହଁଚିଥିଲା। ସୋମବାର ମଧ୍ୟାହ୍ନରେ ଏସଟିଏଫ ଟିମ ଚରମ୍ପା ଥାନା ଅନ୍ତର୍ଗତ ତିବଲପୁର ଅଞ୍ଚଳରେ ଖବର ମୁତାବକ ଜାଲ ବିଛାଇଥିଲା। ଖବର ମୁତାବକ ଅଷ୍ଟ୍ରେଲିଆନ କୋକ ବୋଝେଇ ଉକ୍ତ ୧୨ ଚକିଆ ଟ୍ରକକୁ ପିଛା କରିଥିଲା। ଉକ୍ତ ଟ୍ରକକୁ ଏକ ବୋଲେରୋ କାର ସୁରକ୍ଷା ପ୍ରଦାନ କରୁଥିବା ଏସଟିଏଫ ଟିମ ଜାଣିବାପରେ ଭଦ୍ରକ ଗ୍ରାମୀଣ ପୋଲିସ ସହଯୋଗ ନେଇଥିଲା। ଉଭୟ ଟିମ ଟ୍ରକ ଓ ବୋଲେରୋ କାରର ପିଛା କରିଥିଲେ। ମୁଖ୍ୟ ଅଭିଯୁକ୍ତ ପର୍ଶୁରାମଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତମାନେ ଗାଡି ଛାଡି ଫେରାର ହୋଇଯାଇଥିଲେ। ଏ ନେଇ ଭଦ୍ରକ ଗ୍ରାମୀଣ ଥାନାରେ ୪୨୬/୨୨ରେ ଏକ ମାମଲା ରୁଜୁ କରାଯିବା ଅଭିଯୁକ୍ତଙ୍କୁ ଗିରଫ କରି ପୋଲିସ ପଚରାଉଚରା ଜାରି ରଖିଛି।

## ଧନୁଆ ଅବବାହିକାରେ ବନ୍ୟା

ବାଲିପାଟଣା,(ନିପ୍ର): ଭାର୍ଗବୀ ନଦୀର ବନ୍ୟାଜଳ ଅଚ୍ୟୁତ ପୁର କାଜ ଠାରେ ଧନୁଆ ନଦୀରେ ପ୍ରବାହିତ ହେବା ଫଳରେ ବାଲିପାଟଣା ବ୍ଲକର ୫ଟି ପଞ୍ଚାୟତର ତଳିଆ ଅଞ୍ଚଳ ଗ୍ରାମ ଜଳମଗ୍ନ ହେବା ସହିତ ଶତାଧିକ ଏକର ଜମି ଜଳମଗ୍ନ ହୋଇଛି। ଗତକାଲି ରାତିରୁ ବନ୍ୟାଜଳ ଗ୍ରାମରେ ପ୍ରବେଶ ସହିତ ଗ୍ରାମ ରାସ୍ତାରେ ଆଣ୍ଠୁଏ ପାଣିଜମିଛି। ଏହି ବ୍ଲକର ଆଲିଶିଶାସନ୍ ପମ୍ପାଲା କୁରୁଞ୍ଜିପୁର ରାଜସ ଝିଣ୍ଟି ଶାସନ ତୁରିନ୍ତିରା ଆଦି ପଞ୍ଚାୟତର ଧନୁଆ ଅବବାହିକାରେ ତଥା ତଳି ଅଞ୍ଚଳ ପ୍ରଭାବିତ ହୋଇଛି। ବିଶେଷ କରି ଗରିଆ ଟିଙ୍କିପଡ଼ା ବେଲାମରା ନବାଟି ଦେଙ୍ଗ ଦରଡ଼ା ଆଲିଶି ପୁରୋହିତପୁର ସାନ ମାଛପୁର ଆଦି ଗ୍ରାମ ଜଳବନ୍ଦୀ ଅବସ୍ଥାରେ। ମଙ୍ଗଳବାର ସକାଳୁ ପାଣିରେ ଫସିଥିବା କିଛି ଗୃହପାଳିତ ପଶୁଙ୍କୁ ଅଚ୍ୟୁତ ପୁର କାଜ ଠାରେ ଉଦ୍ଧାର କରିଛି ଅଗ୍ନିଶମ ବିଭାଗ। ଗ୍ରାମ ମଧ୍ୟରେ ପାଣି ପଶିଥିବା ବେଳେ ଗୃହ ପାଳିତ ପଶୁମାନେ ପଦାକୁ ବାହାରି ପାରୁ ନାହାନ୍ତି। ଚାଷ ହୋଇଥିବା ଜମି ଉପରେ ବନ୍ୟା ଜଳ ଲହଡ଼ା ମାରୁଛି। ଏହି ବନ୍ୟା ପରିସ୍ଥିତି ଅନୁଧ୍ୟାନ ପାଇଁ ଭୁବନେଶ୍ୱର ଉପ ଜିଲ୍ଲାପାଳଙ୍କ ସମେତ ବାଲିପାଟଣା ତହସିଲଦାର ଗତକାଲି ଠାରୁ ପରିସ୍ଥିତି ଉପରେ ନଜର ରଖିଛନ୍ତି।ଆବଶ୍ୟକ ହେଲେ ଡଙ୍ଗା ସମେତ ଅନ୍ୟ ଜିନିଷ ପାଇଁ ପ୍ରଶାସନ ସଜାଗ ଥିବା ସୂଚନାମିଳିଛି।

## ବ୍ୟାରେଜ-ଡ୍ୟାମ ନିର୍ମାଣକୁ ମଞ୍ଜୁରି

ରାଉରକେଲା,୧୬।୮(ନିପ୍ର): କୋଏଲ ନଦୀ ବୈକୁଣ୍ଠ ଘାଟ ନିକଟରେ ଦୀର୍ଘ ଆଠବର୍ଷ ଧରି ବହୁ ପ୍ରତୀକ୍ଷିତ ବ୍ୟାରେଜ କମ୍ ଡ୍ୟାମ ନିର୍ମାଣ ହେବା ପାଇଁ କ୍ୟାବିନେଟ ମଞ୍ଜୁରୀ ପାଇଛି। ଏହି ଯୋଜନାରେ ୧୨୦ କୋଟି ଖର୍ଚ୍ଚ ହେବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ରଘୁନାଥପାଲ୍ଲି ବିଧାୟକ ସୁବ୍ରତ ତରାଇ। ଏହି ବ୍ୟାରେଜ କମ୍ ଡ୍ୟାମ ନିର୍ମାଣ ହେବା ଦ୍ୱାରା ନୂଆଗାଁ, କୁଆରମୁଣ୍ଡା ଓ ବିଶ୍ରା ବ୍ଲକର ଚାଷୀମାନେ ଉପକୃତ ହେବା ସଙ୍ଗେ ସଙ୍ଗେ ଗମନାଗମନର ସୁବିଧା ହୋଇପାରିବ। ବୈକୁଣ୍ଠ ଘାଟରେ ଲୋକମାନେ ଡଙ୍ଗା ପାରହାଇ ବହୁ ଅସୁବିଧାରେ ଯାତାୟାତ କରୁଛନ୍ତି, ଯାହାକି ବର୍ଷା ଦିନରେ ସମ୍ଭବ ହୋଇପାରୁନାହିଁ। ଡ୍ୟାମ ନିର୍ମାଣ ହେବା ଦ୍ୱାରା ଏହି ଅସୁବିଧା ଦୂର ହେବ ବୋଲି ଆଶା କରାଯାଏ।

## ବନ୍ୟା ସହାୟତା ପାଇଁ କମିଶନରେଟ୍ ପୋଲିସର ଜରୁରୀ ନମ୍ବର ୧୧୨ ଜାରି

ଭୁବନେଶ୍ୱର,(ନି.ପ୍ର): ରାଜ୍ୟର ବିଭିନ୍ନ ସ୍ଥାନରେ ବନ୍ୟା ପରିସ୍ଥିତି ଦେଖାଗଲାଣି। ଏହିକ୍ରମରେ ଭୁବନେଶ୍ୱର ଉପକଣ୍ଠ ଏବଂ ତଳିଆ ଅଞ୍ଚଳ ଗୁଡିକରେ ମଧ ବନ୍ୟା ଦେଖାଯାଇଛି। ବନ୍ୟାରୁ ଲୋକଙ୍କୁ ଉଦ୍ଧାର କରିବାପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଥିବାବେଳେ ଲୋକଙ୍କ ସହାୟତା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ମଧ ଜରୁରୀ ୧୧୨ ନମ୍ବର ଜାରି କରାଯାଇଥିବା ନେଇ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଭୁବନେଶ୍ୱର ସହରାଞ୍ଚଳ ପୋଲିସ ପକ୍ଷରୁ କୁହାଯାଇଛି ଯେ, ବାଲିଅନ୍ତା ଥାନା ଭଇଁଚୁଆ ପଂଚାୟତ, ସତ୍ୟଭାମାପୁର ପଂଚାୟତ, ଗଡଶ୍ରୀରାମପୁର ପଂଚାୟତ, ପ୍ରତାପ ଶାସନ ପଂଚାୟତ, ପୂରଣ ପ୍ରଧାନ ପଂଚାୟତ, ବାଲିଅନ୍ତା ପଂଚାୟତ ଓ ଆଖପାଖ ଅଞ୍ଚଳ, ବାଲିପାଟଣା ଥାନା ଅନ୍ତର୍ଗତ ରଜସ ପଂଚାୟତ, କମ୍ପାଲା ପଂଚାୟତ, କୁରନ୍ଦୀପୁର ପଂଚାୟତ ଓ ଆଖପାଖ ଅଞ୍ଚଳ, ଧଉଳି ଥାନା ଅନ୍ତର୍ଗତ ଟିକରପଡା ପଂଚାୟତ, ଇତିପୁର ପଂଚାୟତ, ଲିଙ୍ଗିପୁର ପଂଚାୟତ, ଧଉଳି ପଂଚାୟତ ଓ ଆଖପାଖ ଅଞ୍ଚଳ ଏବଂ ପାହାଳ ଥାନା ଅନ୍ତର୍ଗତ ହରିଦାସପୁର ପଂଚାୟତ, ଗଙ୍ଗୁଆରି ପଂଚାୟତ, ନୂଆପାଟଣା ପଂଚାୟତ, ନହରକଣ୍ଟା ପଂଚାୟତ ଓ ଆଖପାଖ ଅଞ୍ଚଳବାସୀମାନେ ଆସନ୍ନ ବନ୍ୟା ସଙ୍କଟକୁ ନଜରରେ ରଖି ସତର୍କତା ଅବଲମ୍ବନ କରିବାକୁ ଭୁବନେଶ୍ୱର ପୋଲିସ ପ୍ରଶାସନ ଦ୍ୱାରା ଅନୁରୋଧ କରାଯାଉଛି। ଆବଶ୍ୟକ ସ୍ଥଳେ ସୁରକ୍ଷିତ ସ୍ଥାନରେ ଆଶ୍ରୟନିଅନ୍ତୁ। ପୋଲିସ ସହାୟତା ପାଇଂ ଜରୁରୀ ନମ୍ବର ୧୧୨ କୁ ଫୋନ କରିପାରିବେ।

## ଗଣ୍ଡମୁଣ୍ଡା ଶିବ ଓ ହନୁମାନ ମନ୍ଦିରରୁ ଚୋରି ଉଦ୍ୟମ ବିଫଳ

ଭୁବନେଶ୍ୱର,(ନି.ପ୍ର): ଖଣ୍ଡଗିରି ଥାନା ଗଣ୍ଡମୁଣ୍ଡାରେ ଥିବା ଏକ ଶିବ ମନ୍ଦିର ଓ ହନୁମାନ ମନ୍ଦିରରେ ଦୁର୍ବୃତ୍ତମାନେ ପଶି ସୋମବାର ବିଳମ୍ବିତ ରାତିରେ ଲୁଟ୍ ପାଇଁ କରିଥିବା ଉଦ୍ୟମ ପଣ୍ଡ ହୋଇଛି। ଦୁଇ ଜଣ ଦୁର୍ବୃତ୍ତ ମନ୍ଦିରରେ ପଶି ହୁଣ୍ଡିକୁ ଭାଙ୍ଗି ଦେବା ସହ ପ୍ରବେଶ କରିଥିଲେ ମଧ ଚୋରି କରିପାରିନଥିଲେ। ଲୁଟ୍‌ର ସମସ୍ତ ଦୃଶ୍ୟ ସିସିଫୁଟେଜରେ କଏଦ ହୋଇଛି। ଏ ନେଇ ମନ୍ଦିରର ଟ୍ରଷ୍ଟ ପକ୍ଷରୁ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିବା ସହ ସିସି ଫୁଟେଜରୁ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିଥିବା ଜଣାପଡିଛି।

## ରୋଗୀ ଓ ଶିଶୁମାନଙ୍କୁ ଫଳ ବଣ୍ଟନ

ଭୁବନେଶ୍ୱର,(ନିପ୍ର):ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ (ଇକାରା) ର ସଦସ୍ୟମାନେ ଏହାର ଅଧକ୍ଷା ଶ୍ରୀମତୀ ଅନୁପମା ଶ୍ରୀବାସ୍ତବଙ୍କ ନେତୃତ୍ୱରେ ଭୁବନେଶ୍ୱରସ୍ଥିତ ରେଳବାଇ କେନ୍ଦ୍ରୀୟ ଚିକିତ୍ସାଳୟଠାରେ ଚିକିତ୍ସିତ ହେଉଥିବା ରୋଗୀ ଓ ଶିଶୁମାନଙ୍କୁ ଫଳ, ଖାଦ୍ୟ ପ୍ୟାକେଟ ଓ ଉପହାର ପ୍ରଦାନ କରିଥିଲେ।

## ପ୍ରଥମ ବନ୍ୟାରେ ପରିସ୍ଥିତି ଗମ୍ଭୀର; ବିଭିନ୍ନ ଗ୍ରାମରେ ବନ୍ୟାଜଳ ପ୍ରବେଶ

ନିମାପଡ଼ା, (ନିପ୍ର.): ନିମାପଡ଼ାର କୁଶଭଦ୍ରା ନଦୀ ଏବଂ ବଳଙ୍ଗାର ଭାର୍ଗବୀ ନଦୀରେ ପ୍ରଥମ ବନ୍ୟାଜଳ ପ୍ରବେଶ କରିଥିବା ବେଳେ ପରିସ୍ଥିତି ଅଣାୟତ୍ତ ହୋଇ ପଡ଼ିଥିବାରୁ ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି। ନଦୀର ନିମାପଡ଼ା ଠାରେ ବିପଦ ସଂକେତ ୧୦.୮୨ ମିଟର ଥିବାବେଳେ ରାତି ୮ଟା ପର୍ଯ୍ୟନ୍ତ ୧୦.୦୮ ମିଟରରେ ବନ୍ୟା ଜଳ ପ୍ରବାହିତ ହେଉଥିଲା ବୋଲି ବିଭାଗୀୟ ଅଧିକାରୀଙ୍କ ଠାରୁ ପ୍ରକାଶ। ବଳଙ୍ଗାଠାରେ ଭାର୍ଗବୀ ନଦୀର ବିପଦ ସଂକେତ ୧୦.୪୨ ମିଟର ଥିବାବେଳେ ସଂଧ୍ୟା ୮ଟା ସୁଦ୍ଧା ବନ୍ୟାଜଳ ୧୨ ମିଟର ପ୍ରବାହିତ ହେଉଥିବାରୁ ପରିସ୍ଥିତି ଗମ୍ଭୀର ଥିବା ଜାଣି ଜନସାଧାରଣ ଆଶଙ୍କା ଦେଇ ଗତି କରୁଛନ୍ତି। ଜଳ ସଂପଦ ବିଭାଗ ମୁଖ୍ୟ ଯନ୍ତ୍ରୀ ଚିନ୍ମୟ ରାଉତ, ଅଧୀକ୍ଷଣ ଯନ୍ତ୍ରୀ ଶଶୀ ଭୂଷଣ ମିଶ୍ର, ସହକାରୀ ଯନ୍ତ୍ରୀ ପ୍ରଭାତ ଦାଶ ବିଭିନ୍ନ ଅଂଚଳ ଗସ୍ତ କରି ପରିସ୍ଥିତି ପ୍ରତି କଡ଼ା ନଜର ରଖିଥିବା ସୂଚନା ମିଳିଛି। ଢ଼େଙ୍ଗୁଆଁ ଗ୍ରା.ପ. ଅଫିସ କାର୍ଯ୍ୟାଳୟ ଏବଂ ଆଳିପିଙ୍ଗଳ ମଶାଣି ନିକଟରେ ଭଳିଆ ପଡ଼ିବା ଦେଖି ବିଭାଗ ପକ୍ଷରୁ ବାଲିବସ୍ତା ଓ ଜରିପାଲ ଦିଆଯାଇ ଗଳିଆ ବନ୍ଦ କରାଯାଇଥିଲେ ହେଁ ବିପଦ ଟଳି ନଥିବା ଗ୍ରାମବାସୀଙ୍କ ସୂତ୍ରରୁ ପ୍ରକାଶ।

# ସ୍ୱାଧୀନତା ଦିବସ ଅବସରରେ ଡିଜିଟାଲ ଶିକ୍ଷାକେନ୍ଦ୍ର ଉଦ୍‌ଘାଟିତ



ଭୁବନେଶ୍ୱର,(ନି.ପ୍ର): ସ୍ୱାଧୀନତା ପ୍ରାପ୍ତିର ୭୫ ବର୍ଷ ପୂରଣ ଅବସରରେ ପ୍ରଧାନମନ୍ତ୍ରୀ ତୃଣମୂଳ ସ୍ତରରେ ଟେକ୍ନୋଲୋଜି ଉପରେ ଗୁରୁତ୍ୱ ଦେଉଥିବାବେଳେ ହମାରା ବଚପନ୍ ଏହି ପରିକଳ୍ପନାରେ ସାମିଲ ହୋଇ ସହରାଞ୍ଚଳରେ ରହୁଥିବା ବସ୍ତି ବାସିନ୍ଦାଙ୍କ ଉଦ୍ଦେଶ୍ୟରେ ଦ୍ୱିତୀୟ କମ୍ୟୁନିଟି ଡିଜିଟାଲ ଲର୍ଣ୍ଣିଂ ସେଣ୍ଟର୍‌ର ଶୁଭାରମ୍ଭ କରିଛି। ସ୍ୱାଧିନତା ଦିବସ ଅବସରରେ ସ୍ଥାନୀୟ ୱାର୍ଡ ନଂ-୨୩ ଦୁର୍ଗା ମାଧବ ବସ୍ତିଠାରେ ବିଏମସି ମେୟର ସୁଲୋଚନା ଦାସ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି କମ୍ପ୍ୟୁଟର ଶିକ୍ଷା କେନ୍ଦ୍ର ମାଧ୍ୟମରେ ଦୁର୍ଗାମାଧବ ବସ୍ତି ଓ ଆଖପାଖର ଅନ୍ୟାନ୍ୟ ବସ୍ତିର ଶିଶୁ, ଯୁବଗୋଷ୍ଠି ଓ ମହିଳାମାନଙ୍କୁ ଡିଜିଟାଲ ଶିକ୍ଷା ପଦ୍ଧତିରେ ସାମିଲ କରିବାର ଲକ୍ଷ୍ୟ ରଖାଯାଇଛି। ଉଦ୍‌ଘାଟନି ସମାରୋହରେ ଶ୍ରୀମତି ଦାସ ସେଠାରେ ଉପସ୍ଥିତ ମହିଳା ଓ ଶିଶୁ ମାନଙ୍କୁ ସମ୍ବୋଧିତ କରି କହିଥିଲେ ଯେ, ଡିଜିଟାଲ ସାକ୍ଷରତା ଲୋକମାନଙ୍କୁ ଇଣ୍ଟରନେଟ ବ୍ୟବହାରର ବହୁଳ ଉପକାରିତା ଦେବା ସହ ଯୁବକ ମାନଙ୍କୁ ନିଯୁକ୍ତି ଓ ଶିକ୍ଷାର ସୁଯୋଗ ଆଣିଦେବା ସହ ଗୋଷ୍ଠି ବିକାଶ କାର୍ଯ୍ୟକ୍ରମରେ ସମସ୍ତଙ୍କର ଭାଗିଦାରିତାକୁ ସୁନିଶ୍ଚିତ କରାଇଥାଏ। ମହିଳା ମାନେ ଡିଜିଟାଲ ଶିକ୍ଷା ମାଧ୍ୟମରେ ନିଜ ବ୍ୟବସାୟିକ ବୃତ୍ତିରେ ଉନ୍ନତି ଆଣିବା ସହ ନିଜର ସାମାଜିକ ସ୍ଥିତିକୁ ସୁଦୃଢ଼ କରିବାର ଅନେକ ଉଦାହରଣ ରହିଛି ବୋଲି ସେ କହିଥିଲେ। ଏହି ଅବସରରେ ହମାରାବଚପନ୍ ସଂସ୍ଥାର ପ୍ରତିଷ୍ଠାତ୍ରୀ ତଥା ଅଧ୍ୟକ୍ଷା ଧରିତ୍ରୀ ପଟ୍ଟନାୟକ ଶିଶୁ, ମହିଳା, ଯୁବ ବର୍ଗର ସଶକ୍ତିକରଣରେ ଡିଜିଟାଲ ସାକ୍ଷରତାର ଗୁରୁତ୍ୱକୁ ଉପସ୍ଥାପନ କରି ସଂସ୍ଥାର ଏହି କାର୍ଯ୍ୟକ୍ରମ କିପରି ଡିଜିଟାଲ୍ ଶିକ୍ଷା କ୍ଷେତ୍ରରେ ଥିବା ଅସମାନତାକୁ ଦୂରକରି ଅଧିକରୁ ଅଧିକ ଲୋକଙ୍କ ପାଖରେ ଏହି ସୁଯୋଗ ପହଞ୍ଚାଉଛି ସେ ବିଷୟରେ ଆଲୋକପାତ କରିଥିଲେ। ଦୁର୍ଗାମାଧବ ତଥା ପାଖ ବସ୍ତିରୁ ୮୫ ରୁ ଅଧିକ ମହିଳା ଓ ଶିଶୁ ଏହି ଉଦ୍‌ଘାଟନୀ ଉତ୍ସବରେ ଯୋଗଦାନ କରିଥିଲେ।

## ନିଆରା ଢ଼ଙ୍ଗରେ ହରଘର ତ୍ରିରଙ୍ଗା ଉଡାଇଲେ କର୍ପୋରେଟର ଛବି ଦାସ



ଭୁବନେଶ୍ୱର,(ନି.ପ୍ର): ହରଘର ତ୍ରିରଙ୍ଗା ଅଭିଯାନ କାର୍ଯ୍ୟକ୍ରମକୁ ନିଆରା ଢ଼ଙ୍ଗରେ ଅଗଷ୍ଟ ୧୫ ତାରିଖ ଦିନ ପାଳନ କରାଯାଇଛି ଖଣ୍ଡଗିରି ଥାନା ଡୁମୁଡୁମା ରଘୁନାଥନଗରରେ। କର୍ପୋରେଟର ଛବି ଦାସଙ୍କ ନେତୃତ୍ୱରେ ବ୍ରହ୍ମପୁର ବେଲଗୁଣ୍ଠା ଏକ ଟିମ୍ ରଘୁନାଥନଗରରେ ହରଘର ତ୍ରିରଙ୍ଗା ଅଭିଯାନକୁ ନିଆରା ଢ଼ଙ୍ଗରେ ପାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏକ ହଜାରରୁ ଅଧିକ ବସ୍ତିବାସିନ୍ଦା, ୧୦ ରୁ ଅଧିକ ଏସଏଚଜି ଗ୍ରୁପର ମହିଳାମାନେ, ଛାତ୍ରଛାତ୍ରୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଇନ୍‌ଚାର୍ଜ ମଧୁସ୍ମିତା ପଢ଼ିଆରୀ, ଖଣ୍ଡଗିରି ଥାନର ସବ୍ ଇନ୍ସପେକ୍ଟର ଶଙ୍କର ଭୋଇଙ୍କ ସମେତ ଆଖପାଖ ଅଞ୍ଚଳର ଲୋକେ ଏଥିରେ ସାମିଲ ହୋଇଥିଲେ।

# ହାତୀ ନଦୀର ଆଁ ଭିତରେ ବାଲିଛଡା ଗାଁ ଗ୍ରାମବାସୀଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ




କଳାହାଣ୍ଡି - : ବଣ ପାହାଡ ଘେରା କଳାହାଣ୍ଡିରେ ବର୍ଷା ଋତୁ ଆସିଲେ ବିଭିନ୍ନ ସମୟରେ ବର୍ଷା ତାର ତାଣ୍ଡବ ରଚିଥାଏ । ଆଉ ଏହି ତାଣ୍ଡବ ଯୋଗୁଁ ଜିଲ୍ଲାରେ ଥିବା ତେଲ ,ଉତେଇ ,ସାନ୍ଦୁଲ ନଦୀ ଭଳି ବିଭିନ୍ନ ନଦୀମାନଙ୍କରେ ବନ୍ୟାଜଳ ପ୍ରଭାହିତ ହେବା କାରଣରୁ ନଦୀ କୂଳିଆବାସୀଙ୍କର ଅନେକ ଧନରତ୍ନ କ୍ଷତି ହେବା ସହ ଜିବନ ପ୍ରତି ବିପଦ ଶୃଷ୍ଟି କରେ । ତେବେ ତେଲ ,ଉତେଇ ନଦୀ ଭଳି ହାତୀ ନଦୀରେ ମଧ୍ୟ ବନ୍ୟା ଆସିଲେ ଏଭଳି ଏକ ଭୟର ବାତାବରଣରେ ରୁହନ୍ତି ହାତୀ ନଦୀ କୂଳରେ ଥିବା କଲମପୁର ବ୍ଲକ୍ ଅଧିନସ୍ଥ ଦେପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାଲିଛଡା ଗ୍ରାମବାସୀ । ଆଗକୁ ଗଲେ ବାଘର ଭୟ , ପଛକୁ ଫେରିଲେ ବିଷାକ୍ତ ସର୍ପ ଦଂଶନର ଆଶଙ୍କା ରହିଛି । ତେବେ ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପ ପାଇଁ ଚୀର ସ୍ରୋତା ପାଲଟିଛି ହାତୀ ନଦୀ । ଏହି ନଦୀରେ ପ୍ରତିବର୍ଷ ବନ୍ୟା ଆସିବା ଦ୍ଵାରା କୂଳ ମାଟି ଧୋଇ ହୋଇ ଏବେ ନଦୀ କୂଳରେ ରହିଥିବା ପ୍ରାୟ ୫ ଟି ଘର ନଦୀ ଗର୍ଭରେ ଲୀନ ହୋଇ ସାରିଲାଣି । ଯଦି ନଦୀ କୂଳ ସୁରକ୍ଷା ପାଇଁ କିଛି ବ୍ୟବସ୍ଥା କରାନଯାଏ ତା'ହେଲେ ବାଲିଛଡା ଗ୍ରାମ ସମ୍ପୂର୍ଣ୍ଣ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ ବୋଲି କୁହାଯାଉଛି । କଳାହାଣ୍ଡିରେ ବନ୍ୟାର ପରିସ୍ଥିତି ଦେଖା ଦେଲେ ବାଲିଛଡାକୁ ନେଇ ସମଗ୍ର ଜିଲାରେ ଚର୍ଚ୍ଚା ହୁଏ । ପ୍ରଶାସନିକ ଅଧିକାରୀଙ୍କ ଦ୍ଵାରା ଘନ ଘନ ଏହି ଗ୍ରାମ ପରିଦର୍ଶନ ହୁଏ । କିନ୍ତୁ ବନ୍ୟା ପରେ ନେତା ଓ ପ୍ରଶାସକଙ୍କ ପ୍ରତିଶ୍ରୁତି ସେହି ବନ୍ୟା ପାଣିରେ ଭାସିଯାଏ । ପ୍ରାୟ ୨ଶହ ପରିବାର ଏହି ଗାଁରେ ବସବାସ କରନ୍ତି । ଏହି ଲୋକ ବନ୍ୟା ଆସିଲେ ଘରେ ଘରେ ପାଣି ପଶି ଯାଉଥିବାରୁ କିଏ କାହା ଘରେ ଆଶ୍ରୟ ନେଇଥାନ୍ତି ତାହା ଜାଣିବା ମୁସ୍କିଲ୍ । ବିଶେଷ କରି ଉଚ୍ଚ ପିଣ୍ଡା ଥିବା ସ୍ଥାନରେ ବା ସିମେଣ୍ଟ୍ ଛାତ ଥିବା ଘରଗୁଡିକରେ ଲୋକେ ଆଶ୍ରୟ ନେଇଥାନ୍ତି । ଅନ୍ୟ କେତେକ ଘର ଛାତ ଉପରେ ଖଟିଆ ବାନ୍ଧି ବୃଦ୍ଧ, ବୃଦ୍ଧା, ଶିଶୁ ଓ ଗର୍ଭବତୀ ମହିଳାଙ୍କୁ ସୁରକ୍ଷା ଦେଇଥାନ୍ତି । ଏଭଳି ସ୍ଥିତିରେ ଅସୁବିଧାର ସମ୍ମୁଖିନ ହେଉଥିବା ଲୋକଙ୍କ ସୁବିଧା ପାଇଁ ଏକ ବନ୍ୟା ଆଶ୍ରୟ ସ୍ଥଳ ନିର୍ମାଣ କରାଯାଇଥିଲା । କିନ୍ତୁ ପରିତାପର ବିଷୟ ନିର୍ମାଣ ଦାଇତ୍ଵରେ ଥିବା ଗ୍ରାମ ଉନ୍ନୟନ ବିଭାଜନ ଧର୍ମଗଡ ଓ ତତ୍କାଳୀନ ସ୍ଥାନୀୟ ତହସିଲଦାରଙ୍କ ଦୂରଦୃଷ୍ଟି ଅଭାବ ଯୋଗୁଁ ବନ୍ୟା ପାଣି ଯେଉଁଠି କୂଳ ଲଂଘନ କରେ ସେହି ନିକଟରେ ଥିବା ସରକାରୀ ଜମିରେ ବନ୍ୟା ଆଶ୍ରୟସ୍ଥଳ ନିର୍ମାଣ ପାଇଁ ଜମି ଚିହ୍ନଟ କଲେ । ଅନ୍ୟପଟେ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ରାସ୍ତା ନିର୍ମାଣ ହେଇଥିଲେ ମଧ୍ୟ ରାସ୍ତା ନିର୍ମାଣ ଦାଇତ୍ଵରେ ଥିବା ବିଭାଗ ନକ୍ସା ତିଆରିରେ ତ୍ରୁଟି ଓ ସ୍ଥାନୀୟ ଲୋକଙ୍କ ପରାମର୍ଶକୁ ବେଖାତିର କରିବା ଯୋଗୁଁ ହାତୀ ନଦୀରେ ବନ୍ୟା ଆସିଲେ ଏହି ରାସ୍ତାରେ ପ୍ରାୟ ୩ ଫୁଟରୁ ଅଧିକ ପାଣି ପ୍ରବାହିତ ହେଉଛି । ଯାହାରି ଫଳରେ ଗ୍ରାମବାସୀ ନା ବନ୍ୟା ଆଶ୍ରୟ ସ୍ଥଳକୁ ଯାଇ ପାରନ୍ତି ନା ଗାଁ ରାସ୍ତା ଦେଇ ଇଚ୍ଛାପୁର୍ ପଟକୁ ଆସି ପାରନ୍ତି । ଶେଷରେ ବନ୍ୟା ଘେରରେ ଜଳବନ୍ଦୀ ଅବସ୍ଥାରେ ସମ୍ପୂର୍ଣ୍ଣ ଅସୁରକ୍ଷିତ ଭାବେ ରହିଯାଆନ୍ତି ଗାଁ ଲୋକେ । ତେଣୁ ତୁରନ୍ତ ଏହାର ସମାଧାନ କରିବା ପାଇଁ ପ୍ରଶାସନ ଯତ୍ନବାନ ହେବା ଆବଶ୍ୟକ । ନଚେତ ଏହି ଗାଁ ହାତୀ ନଦୀ ଗର୍ଭରେ ଲୀନ ହେଇଯିବାର ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ ।

# ଅଜଣା ଭିକାରୀ ଙ୍କ ମୃତ ଦେହ ପଡ଼ିଥିବା ଦେଖି ସାହାଯ୍ୟ ର ହାତ ବଢାଇଲେ କଷାଗୁମୁଡ଼ା ପୂର୍ବତନ ସରପଂଚ ଓ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ



କଷାଗୁମୁଡ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା କଷାଗୁମୁଡ଼ା ସଦର ମହକୁମା ଠାରେ। ଆଜି ସକାଳେ କଷାଗୁମୁଡ଼ା ମେନ୍ ରୋଡ କଡ ରେ ଏକ ଅଜଣା ଭିକାରୀ ଙ୍କ ମୃତ୍ୟୁ ଘଟିଥିଲା। ଯାହାର ଖବର ପାଇ ସାଙ୍ଗେ ସଙ୍ଗେ କଷାଗୁମୁଡ଼ା ପୂର୍ବତନ ସରପଂଚ ହରିବନ୍ଧୁ ମାଝୀ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ସେ ପ୍ରଥମେ ମୃତ ଦେହ କୁ ନୂଆ ଗାମୁଛା ପକାଇ ଧୂପ ଜଳିଥିଲେ। ପରେ ସେ ନିଜେ କିଛି ସ୍ୱେଚ୍ଛାସେବୀ ସଂଗଠନ କୁ ଏହାର ଖବର ଦେଇଥିଲେ। ଉକ୍ତ ଖବର ପାଇ କଷାଗୁମୁଡ଼ା ସେଣ୍ଟ.ସୀମନ ଟ୍ରଷ୍ଟ ସଂସ୍ଥାପକ ହିମାଂଶୁ ବଘ,ଗ୍ରାମ୍ୟ କମିଟି ର ସଦସ୍ୟ ଓ ସହିଦ ଲକ୍ଷ୍ମଣ ନାୟକ ସ୍ୱେଚ୍ଛାସେବୀ ସଂଗଠନ ର ସଦସ୍ୟ ମାନେ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ଅଜଣା ବ୍ୟକ୍ତି ଙ୍କ ମୃତ ଦେହ ହୋଇଥିବା ହେତୁରୁ ହରିବନ୍ଧୁ ମାଝୀ ନିଜେ ଏକ ଲିଖିତ ଅଭିଯୋଗ କଷାଗୁମୁଡ଼ା ଥାନା ରେ ଦେଇଥିଲେ ।ଅଭିଯୋଗ କୁ ଆଧାର କରି କଷାଗୁମୁଡ଼ା ପୋଲିସ ପହଞ୍ଚି ମୃତ ଦେହ କୁ ଯାଞ୍ଚ କରିଥିଲେ ଯାହା ଫଳ ରେ ମୃତ ଙ୍କ ପଖୁ ତାଙ୍କ ଆଧାର କାର୍ଡ, ଭୋଟର କାର୍ଡ ପାଇଥିଲେ। ଅଜଣା ବ୍ୟକ୍ତି ର ପରିଚୟ ପାଇଲା ପରେ ସଙ୍ଗେ ସଙ୍ଗେ ତାଙ୍କ ଗ୍ରାମ କୁ ଫୋନ୍ ମାଧ୍ୟମ ରେ ଯୋଗାଯୋଗ କରାଯାଇଥିଲା। ନିଜ ବାପା ଙ୍କ ମୃତ୍ୟୁ ଖବର ପାଇବା ପରେ ଝିଅ ଓ ପରିବାର କିଛି ଲୋକ କଷାଗୁମୁଡ଼ା ଆସିଥିଲେ ଓ ମୃତ ଜଣଙ୍କୁ ନିଜ ବାପା ବୋଲି ପରିଚୟ ପ୍ରଦାନ କରିଥିଲେ। ପରେ ମୃତ ଦେହ କୁ ହରିବନ୍ଧୁ ମାଝୀ ଓ ସ୍ୱେଚ୍ଛାସେବୀ ସଂଗଠନ ଙ୍କ ସାହାଯ୍ୟରେ ମହପ୍ରଣୟମ ଗାଡ଼ି ଡ଼ାକି କଷାଗୁମୁଡ଼ା ପୋଲିସ ଙ୍କ ଉପସ୍ଥିତି ରେ ସବ ବ୍ୟବଚ୍ଛେଦ ପାଇଁ କଷାଗୁମୁଡ଼ା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର କୁ ପଠା ଯାଇଥିଲା। ସବ ବ୍ୟବଚ୍ଛେଦ କରିବା ପରେ ସବ କୁ ତାଙ୍କ ପରିବାର କୁ ହସ୍ତାନ୍ତର କରାଯାଇଥିଲା। ସୂଚନା ଯୋଗ୍ୟ ଯେ ମୃତ ଜଣକ ହେଉଛନ୍ତି ଘାସି ମାଝୀ ପିତା ବାମଦେବ ମାଝୀ, ଗ୍ରାମ ରତା ଖଣ୍ଡି। ସେ ନିଜ ମାନସିକ ସୁନ୍ତଳନ ହରାଇ ଘରୁ ବାହାରି ଯାଇଥିଲେ। ସେ ଏଠି ସେଠି ଭିକ ମାଗି ବଞ୍ଚୁଥିଲେ। ବହୁତ୍ ଦିନରୁ କଷାଗୁମୁଡ଼ା ଆଖ ପାଖ ଅନେକ ଅଞ୍ଚଳ ରେ ଭିକ ମାଗି ବୁଲୁଥିଲେ ଓ ରାତିରେ କଷାଗୁମୁଡ଼ା ର ବିଭିନ୍ନ ଦୋକାନ ଆଗ ରେ ହିଁ ସୋଉ ଥିବା କିଛି ଦୋକାନ ମାଲିକ ମତ ପ୍ରକାଶ କରିଛନ୍ତି। ମୃତ ସବ କୁ ପରିବାର କୁ ସମର୍ପଣ କରିବା ସହ ପରିବାର କୁ କିଛି ଆର୍ଥିକ ସାହାଯ୍ୟ ମଧ୍ୟ ହରିବନ୍ଧୁ ମାଝୀ କରିଥିବା ଦେଖିବାକୁ ମିଳିଛି। ଏଭଳି କାର୍ଯ କୁ ଦେଖି ହରିବନ୍ଧୁ ମାଝୀ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ କୁ ଅଞ୍ଚଳ ବାସି ଅତି ପ୍ରଶଂସା କରୁଥିବା ଦେଖିବାକୁ ମିଳୁଛି।

# ନାମ ମାତ୍ର ନାମି ଦାମୀ ବିନା ପାର୍କିଂରେ ଚାଲିଛି କଣ୍ଟାବାଞ୍ଜି ଏସ. ବି. ଆଇ. ବ୍ୟାଙ୍କ ରାସ୍ତା କୋଡ଼ରେ ରଖା ଯାଉଛି ବାଇକ

କଣ୍ଟାବାଞ୍ଜି ୧୮/୮ (ନି.ପ୍ର): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଏସ.ବି.ଆଇ. ବ୍ୟାଙ୍କ ସର୍ବ ପୁରାତନ ବ୍ୟାଙ୍କ ହୋଇଥିବା ବେଳେ ଦୀର୍ଘ ବର୍ଷ ଧରି ବିନା ପାର୍କିଂ ପ୍ଲେସରେ ଚାଲି ଆସୁଛି, ଏତେ ବର୍ଷ ଧରି ଲୋକେ ଅସୁବିଧାରେ ନିଜ ଯାନବାହାନକୁ ରାସ୍ତା କୋଡ଼ରେ ପାର୍କ କରି ବ୍ୟାଙ୍କିଙ୍ଗ କାର୍ଯ୍ୟ କରୁଥିବା ବେଳେ ବ୍ୟାଙ୍କ ପକ୍ଷରୁ କେବେ ବି ନିଜ ଗ୍ରାହକମାନଙ୍କ ସୁବିଧା ପାଇଁ ଚିନ୍ତା କରୁ ନାହାଁନ୍ତି, ଯେଉଁ ରାସ୍ତା ବଲାଙ୍ଗିର ମୁଖ୍ୟ ରାସ୍ତା ହୋଇଥିବା ହେତୁ ଯାନବାହାନ ଚଳାଚଳ ଭାରି ମାତ୍ରାରେ ହୋଇଥାଏ, ଓ ବ୍ୟାଙ୍କକୁ ଆସୁଥିବା ଗ୍ରାହକ ମାନେ ଅନ୍ୟ କିଛି ଉପାୟ ନ ପାଇ ଶେଷରେ ରାସ୍ତା ଉପରେ ନିଜ ନିଜର ମୋଟର ସାଇକେଲକୁ ରଖି ବ୍ୟାଙ୍କ କାର୍ଯ୍ୟ କରିଥାନ୍ତି, ଅନେକ ସମୟରେ ଏହି ସ୍ଥାନରୁ କିଛି ମୋଟର ସାଇକେଲ ଚୋରୀ ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି, ତଥା ଏହି କାରଣରୁ ଅନେକ ଦୁର୍ଘଟଣା ମଧ୍ୟ ଘଟି ସାରିଛି ତଥାପି ବ୍ୟାଙ୍କ କର୍ତ୍ତୃପକ୍ଷ ଏଥିପ୍ରତି ଚେତା ଶୂନ୍ୟ ହୋଇ ରହିଛନ୍ତି, ଅନ୍ୟ ପକ୍ଷରେ ପାର୍କିଂ ସ୍ଥାନ ନଥାଇ କିଭଳି ଭାବେ ବ୍ୟାଙ୍କ ଚାଲିଛି ଏଥିପ୍ରତି ସ୍ଥାନୀୟ ପ୍ରଶାସନ ପକ୍ଷରୁ କିଛି ପଦକ୍ଷେପ ନେଇଛନ୍ତି କି...? ଯଦି ପଦକ୍ଷେପ ନେଇ ନାହାନ୍ତି ତେବେ କେଉଁ ସ୍ଵାର୍ଥରେ ନେଇ ନାହାନ୍ତି..? ଏଠାରେ ସରକାରୀ ନିୟମ ହିଁ ଉଲଗ୍ନ ତେବେ ଅନ୍ୟ କାହାକୁ କିଭଳି ଭାବେ ପିନ୍ଧାଇବେ..? ଦୀର୍ଘ ବର୍ଷ ଧରି ବ୍ୟାଙ୍କ ଚାଲିଛି ହେଲେ କେବେ ବି ଗ୍ରାହକ ମାନଙ୍କ ସୁବିଧା ବିଷୟରେ ଚିନ୍ତା କରୁ ନାହାଁନ୍ତି କାହିଁକି..? ନା ବିନା ପାର୍କିଂ ବ୍ୟବସ୍ଥାରେ ବି ଚାଲିପାରିବ ବୋଲି କିଛି ନୂତନ ନିୟମ ଏହି ବ୍ୟାଙ୍କ ଗୁଡ଼ିକକୁ ମିଳିଛି..? ଏହି ଅସୁବିଧା ନିମନ୍ତେ ସ୍ଥାନୀୟ ଅନେକ ସଂଗଠନ ପକ୍ଷରୁ ଅଭିଯୋଗ କରି ବିଭିନ୍ନ ସରକାରୀ ବିଭାଗ ଓ ନେତା ମାନଙ୍କ ନିକଟକୁ ଦାବି ପତ୍ର ତଥା ସ୍ମରଣା ପତ୍ର ପ୍ରଦାନ କରାଯାଇଥିଲା ତଥାପି କୌଣସି ସୁଫଳ ନହେବା ଯୋଗୁଁ ସମସ୍ତ ସଂଗଠନ ନୀରବ ହୋଇଯାଇଥିଲେ, କାହିଁକି ଏକ ସାଧାରଣ ପାର୍କିଂ ପ୍ଲେସ ଟିଏ କରି ପାରୁ ନାହାନ୍ତି ଏତେ ବଡ଼ ବ୍ୟାଙ୍କ, ସମ୍ପୃକ୍ତ ବ୍ୟାଙ୍କରେ କୁଟି କୁଟି ଟଙ୍କାର ଲେନ-ଦେନ ହୋଇଥାଏ ତଥାପି ନିଜ ଗ୍ରାହକମାନଙ୍କ ସୁବିଧା ପାଇଁ ଛୋଟିଆ ପାର୍କିଂ ପ୍ଲେସ ଟିଏ କରିବାକୁ ଚାହୁଁନାହିଁ ଏସ.ବି.ଆଇ. ବ୍ୟାଙ୍କ, ତେଣୁକରି ଅନ୍ୟ ସମସ୍ତ ବ୍ୟାଙ୍କ ମାନେ ମଧ୍ୟ ଏହି ସମସ୍ୟାରେ ଗତି କରୁଛନ୍ତି, ତଥା ସୁବିଧା କରିବା ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ଦାବି ରହିଛି ନଚେତ ଆଗାମୀ ଦିନରେ ପି.ଆଇ.ଏଲ. ଫାଇଲ କରାଯିବ ବୋଲି ସୂଚନା ଦେଇଛନ୍ତି, ତଥା ଏଥି ପ୍ରତି ସ୍ଥାନୀୟ ପ୍ରଶାସନ ପକ୍ଷରୁ ମଧ୍ୟ ସଚେତନ କରିବାର ନିହାତି ଆବଶ୍ୟକ ରହିଛି

# ତାଳଚେରରେ ଗଣେଶ ପୂଜା ପାଳନ ନିମନ୍ତେ ଅନ୍ତିମ ପ୍ରସ୍ତୁତି ବୈଠକ

ତାଳଚେର,୧୮/୮: ତାଳଚେରର ପ୍ରସିଦ୍ଧ ଗଣେଶ ପୂଜା ପାଳନ ନିମନ୍ତେ ତୃତୀୟ ତଥା ଅନ୍ତିମ ପ୍ରସ୍ତୁତି ବୈଠକ ଦେଉଳବେଡ଼ା ଡିସିଆଇ ହଲ୍ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଢ଼େଙ୍କାନାଳ ସାଂସଦ ମହେଶ ସାହୁ ଯୋଗ ଦେଇ ତାଳଚେରର ଗଣପର୍ବ ଗଣେଶ ପୂଜାକୁ ଶାନ୍ତିଶୃଙ୍ଖଳା ସହ ପାଳନ କରାଯିବା ସହ ପୋଲିସ ପ୍ରଶାସନକୁ ସହଯୋଗ କରାଯିବା ନେଇ ଗୁରୁତ୍ୱାରୋପ କରିଥିଲେ । ସାଂସଦ ଶ୍ରୀ ସାହୁ ଭସାଣୀ ଦିନ ସଠିକ୍ ସମୟରେ ମେଢ଼ଗୁଡ଼ିକ ଶୋଭାଯାତ୍ରାରେ ଯିବାକୁ ପରାମର୍ଶ ଦେଇଥିଲେ । ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ହାଣ୍ଡିଧୂଆ ଠାରୁ ଘୋଡ଼ାଶାଳ ପର୍ଯ୍ୟନ୍ତ ସିସିଟିଭି ଲଗାଯିବା ଉପରେ ଗୁରୁତ୍ୱାରୋପ କରିବା ସହ ଏଥିରେ ଏମ୍?ସିଏଲ୍ ଲିଙ୍ଗରାଜ କୋଇଲା କ୍ଷେତ୍ର ସହଯୋଗ କରିବାକୁ କହିଥିଲେ । ପୂଜା ଅବସରରେ ସହରର ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସୂଚନା ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ସନ୍ତୋଷ କୁମାର ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନୀଲ କୁମାର ପ୍ରଧାନ, ଉପଜିଲ୍ଲାପାଳ ବିଶ୍ୱରଞ୍ଜନ ରଥ, ଏସ୍?ଡିପିଓ ଏସ୍ ଶ୍ୱାତି କୁମାର ପ୍ରମୁଖ ଯୋଗ ଦେଇ ତାଳଚେରର ଗଣେଶ ପୂଜା ପାଇଁ ପୋଲିସ ଓ ପ୍ରଶାସନ ତରଫରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଡିଜେ ସାଉଣ୍ଡ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ନିଷିଦ୍ଧ, ପ୍ଲାଷ୍ଟିକ ଓ ସୋଲକୁ ସମ୍ପୂର୍ଣ୍ଣ ବର୍ଜନ କରାଯିବାକୁ ପରାମର୍ଶ ଦେଇଥିଲେ । ପୂଜା ଦିନ ଗୁଡ଼ିକରେ ବିଭିନ୍ନ ହୋଟେଲ୍?, ରେଷ୍ଟୁରାଣ୍ଟ, ଫାଷ୍ଟଫୁଡ୍ ଓ ଜଳଖିଆ ଦୋକାନ ଇତ୍ୟାଦି ଗୁଡ଼ିକର ଖାଦ୍ୟ ନିରାପତା ନେଇ ଫୁଡ୍ ଇନିସ୍?ପେକ୍ଟର ଯାଂଚ କରିବେ । ପୌର ପରିଷଦ ପକ୍ଷରୁ ହାଣ୍ଡିଧୂଆ ଅଣ୍ଡରପାସ ଠାରେ ଆଲୋକୀକରଣ ସହ ପାଣି ନିଷ୍କାସନ ବ୍ୟବସ୍ଥା ଓ ମୋବାଇଲ୍ ଶୌଚାଳୟ ବ୍ୟବସ୍ଥା କରାଯିବାକୁ ନିର୍ବାହୀ ଅଧିକାରିଣୀ ରଶ୍ମିରେଖା ଅମାନ୍ତ ସୂଚନା ଦେବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ନିରବଚ୍ଛିନ୍ନ ବିଦ୍ୟୁତ୍ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ରାସ୍ତାଘାଟ ମରାମତ, ଆଲୋକୀକରଣ ବ୍ୟବସ୍ଥା ସହ ସହରର ପରିମଳ ବ୍ୟବସ୍ଥା ନେଇ ଉପଜିଲ୍ଲାପାଳ ଓ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ସ୍ୱତନ୍ତ୍ର ବୈଠକ କରାଯିବ ବୋଲି ଉପଜିଲ୍ଲାପାଳ ପ୍ରକାଶ କରିଥିଲେ । କେନ୍ଦ୍ରୀୟ ଗଣେଶ ପୂଜା କମିଟିର ସଭାପତି କେଶବ ଭୂତିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସର୍ବସମ୍ମତି କ୍ରମେ ନିଆଯାଇଥିବା ପ୍ରସ୍ତାବ ଗୁଡ଼ିକ ଗୃହୀତ ହୋଇଥିଲା । ତାଳଚେରର ପ୍ରସିଦ୍ଧ ଗଣେଶ ପୂଜା ଚଳିତ ମାସ ୩୧ ତାରିଖ ଠାରୁ ଆରମ୍ଭ ହୋଇ ସେପଟ୍ମେର ୧୦ ତାରିଖ ଇନ୍ଦୁପୂର୍ଣ୍ଣିମା ଦିନ ପ୍ରଥମେ ଲଡ୍ଡୁ ନିଲାମ ଓ ପରେ ଭସାଣୀ ଉତ୍ସବ ଅନୁଷ୍ଠିତ ହେବ ଏବଂ ଚଳିତ ବର୍ଷ ଘୋଡ଼ାଶାଳ ଠାରୁ ହାଣ୍ଡିଧୂଆ ପର୍ଯ୍ୟନ୍ତ ପୂଜାମଣ୍ଡପ ଗୁଡ଼ିକୁ ଅଧିକ ଆକର୍ଷଣୀୟ ଓ ଶାନ୍ତିଶୃଙ୍ଖଳାର ସହିତ ପାଳନ କରିବାକୁ ସମସ୍ତ ପୂଜା କମିଟିର କର୍ମକର୍ତାମାନଙ୍କୁ ଏହି ଅବସରରେ ଅନୁରୋଧ କରାଯାଇଥିଲା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ଦେବୀ ମିଶ୍ର, ପୂର୍ଣ୍ଣଚନ୍ଦ୍ର ସାହୁ, ସୁବାଷ ଚନ୍ଦ୍ର ପ୍ରଧାନ, ରମେଶ ବେହେରା, ପ୍ରକାଶ ମହାରଣା, ନିର୍ମଳ ରାଉତ, ତାଳଚେର ଥାନା ଅଧିକାରୀ ଶ୍ରୀନିବାସ ସେଠୀ, କୋଲିୟରୀ ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ପ୍ରମୁଖ ପୂଜା ଆରମ୍ଭ ଦିନ ଠାରୁ ଭସାଣୀ ପର୍ଯ୍ୟନ୍ତ ଶାନ୍ତିଶୃଙ୍ଖଳା ସହ ବିଭିନ୍ନ ପ୍ରସ୍ତାବ ଦେଇଥିଲେ । କେନ୍ଦ୍ରୀୟ ଗଣେଶପୂଜା କମିଟିର ଉପସଭାପତି ଡକ୍ଟର ରଶ୍ମିରଞ୍ଜନ ମିଶ୍ର ସ୍ୱାଗତ ଭାଷଣ, ସାଧାରଣ ସଂପାଦକ ଜୟନ୍ତ ଭୂତିଆ ବିବରଣୀ ପାଠ ଓ କୋଷାଧକ୍ଷ ଅଶୋକ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ । ସହସମ୍ପାଦକ ମାନସ ରଞ୍ଜନ ବାଇ, ରଞ୍ଜିତ୍ ମହାପାତ୍ର, ନିରୋଜ ଦାସ, ସୌଭାଗ୍ୟ ମହାରଣା, ବିଡ଼ିଓ ଚିନ୍ମୟୀ ଚେତନା ଦାସ, ତହସିଲଦାର ମନ୍ମଥ ନାୟକ, ଏମ୍?ସିଏଲ୍ ଲିଙ୍ଗରାଜ କୋଇଲାକ୍ଷେତ୍ର ମହାପ୍ରବନ୍ଧକ ଅଜୟ କୁମାର ଦେହୁରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ କର୍ମଚାରୀ ଏବଂ ବିଭିନ୍ନ ପୂଜା କମିଟିର ସଭାପତି ତଥା ସଂପାଦକ ଓ କେନ୍ଦ୍ରୀୟ ଗଣେଶ ପୂଜା କମିଟିର ସଦସ୍ୟମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ବେଦର ପ୍ରତ୍ୟେକ ମନ୍ତ୍ର, ବିଶ୍ୱର କଲ୍ୟାଣ ପାଇଁ ଉଦ୍ଦିଷ୍ଟ ଆର୍ଯ୍ୟ ସମାଜ ପକ୍ଷରୁ ଶ୍ରାବଣୀ ଉପାକର୍ମ ଉତ୍ସବ ଉଦ୍‌ଯାପିତ



ଭୁବନେଶ୍ୱର, ୧୮.୮ : ଆର୍ଯ୍ୟ ସମାଜ, ଓଡ଼ିଶା ପକ୍ଷରୁ ଶ୍ରାବଣୀ ପୂର୍ଣ୍ଣିମା ଠାରୁ ଆରମ୍ଭ ହୋଇଥିବା ସପ୍ତାହବ୍ୟାପୀ ଶ୍ରାବଣୀ ଉପାକର୍ମ ଉତ୍ସବ ଆଜି ଶ୍ରୀକୃଷ୍ଣ ଜନ୍ମାଷ୍ଟମୀରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଶହୀଦ ନଗରସ୍ଥ ଡ଼ାକ୍ତର ଜଗନ୍ନାଥ ମହାପାତ୍ରଙ୍କ ବାସଭବନରେ ଆୟୋଜିତ ଉତ୍ସବରେ ପୌରହିତ୍ୟ କରି ଆର୍ଯ୍ୟ ସମାଜ ଓଡ଼ିଶାର ସଭାପତି ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର କହିଲେ ଯେ, ବେଦର ପ୍ରତ୍ୟେକ ମନ୍ତ୍ର ବିଶ୍ୱ କଲ୍ୟାଣ ପାଇଁ ଉଦ୍ଦିଷ୍ଟ। ମହର୍ଷି ଦୟାନନ୍ଦ ସରସ୍ୱତୀ ଆଜକୁ ୧୫୦ ବର୍ଷ ତଳେ ଯେଉଁ କୁସଂସ୍କାର ବିରୋଧରେ ସଂଗ୍ରାମ କରିଥିଲେ, ଆଜିର ସମାଜରେ ମଧ୍ୟ ତାର ଆବଶ୍ୟକତା ଅଛି। ପ୍ରଧାପିକା ଡଃ ସଂଘମିତ୍ରା ମିଶ୍ର କହିଲେ ଯେ, ଯଜ୍ଞର ଏକ ସୁଦୂର ପ୍ରସାରୀ ପ୍ରଭାବ ରହିଛି। ପ୍ରତ୍ୟେକ ଗୃହସ୍ଥ ପ୍ରତ୍ୟହ ନହେଲେ ମଧ୍ୟ ମାସକୁ ଦୁଇଥର ପୂର୍ଣ୍ଣିମା ଓ ସଂକ୍ରାନ୍ତିରେ ଘରେ ଅଗ୍ନିହୋତ୍ର କରିବାର ଆବଶ୍ୟକତା ରହିଛି। ପ୍ରଫେସର ବିରାଜ ମୋହନଦାସ ଓ ଡଃ ଅପରାଜିତା ମହାପାତ୍ର ପ୍ରମୁଖ ବେଦ ଓ ଯଜ୍ଞର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ପୂର୍ଣ୍ଣାଙ୍ଗ ଉତ୍କଳ ନ୍ୟାସର ସଭାପତି ସୀତାବଲ୍ଲଭ ମହାପାତ୍ର, ଆର୍ଯ୍ୟ ସନ୍ନ୍ୟାସୀ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ଓଡ଼ିଶା ଗୁରୁକୁଳ ଆନ୍ଦୋଳନରେ ତାଙ୍କର ମୁଖ୍ୟ ଭୂମିକା ବିଷୟରେ ବକ୍ତବ୍ୟ ରଖିଥିଲେ। ପଣ୍ଡିତ ବିନୋଦ ବିହାରୀ ଦାସ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ ।ଶ୍ରାବଣୀ ପୂର୍ଣ୍ଣିମାଠାରୁ ଘରେ ଘରେ ଯଜ୍ଞ କାର୍ଯ୍ୟକ୍ରମରେ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ଡଃ ମନୋଜ ଲେଙ୍କା, ଡଃ ବଦ୍ରୀନାଥ ପଟ୍ଟନାୟକ, ଇଂ ବିବେକାନନ୍ଦ ପାତ୍ର, ଶ୍ରୀମତୀ ସାବିତ୍ରୀ ରାଉତଙ୍କ ବାସଗୃହରେ ସାମୂହିକ ଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ପଣ୍ଡିତ ବିନୋଦ ବିହାରୀ ଦାସ ପରିଚାଳନା କରିଥିଲେ ଓ ସମାଜସେବୀ ବରୁନରାଜ ସହଯୋଗ କରିଥିଲେ।

# କେନ୍ଦ୍ରୀୟ ସେବା ଅଧିକାରୀଙ୍କ ରାୟଗଡ ଜିଲ୍ଲା ଗସ୍ତ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟ ଅନୁଧ୍ୟାନ କଲେ



ରାୟଗଡ:-ତା ୧୮/୮/୨୦୨୨ କେନ୍ଦ୍ରୀୟ ସେବା ଅଧିକାରୀଙ୍କ ଏକ ୬ ଜଣିଆ ଟିମ୍ ଯଥା - ଶ୍ରୀମତୀ ଚିତ୍ରା,ଶ୍ରୀମତୀ ଦିପା ସୁବ୍ରମଣ୍ୟମ,ଶ୍ରୀ ଚରଣ ଜିତ୍ ସିଂ,ଶ୍ରୀ ଗିରିଶ କୁମାର ,ଶ୍ରୀ ଗୌତମ ଭଟ୍ଟାଚାର୍ଯ୍ୟ ,ଶ୍ରୀ ଆଇଜାକ ଜିରାଡ ବେନ୍ ରାୟଗଡ଼ ଗସ୍ତ କରି ଆଜି ଭୋରୁ ଭୁବନେଶ୍ୱର ଗୋପବନ୍ଧୁ ଏକାଡେମୀ କୁ ଫେରିଯାଇଛନ୍ତି । ସେଠାରୁ ସେମାନେ ଦିଲ୍ଲୀ ଫେରିଯିବେ । ତା ୧୨/୮/୨୦୨୨ ରିଖ ଠାରୁ ଜିଲ୍ଲାର ବିଭିନ୍ନ ବ୍ଲକ ତଥା ଅନୁଷ୍ଠାନ ଗୁଡ଼ିକୁ ଗସ୍ତ କରିଥିଲେ ।ଗସ୍ତ କାଳରେ ପ୍ରଥମେ ସେମାନେ ରାୟଗଡ଼ ବ୍ଲକ ସ୍ଥିତ କନ୍ଧମାଲିଗାଁ ଆଶ୍ରମ ବିଦ୍ୟାଳୟ ଗସ୍ତ କରିଥିଲେ ଓ ଛାତ୍ରୀମାନଙ୍କ ରହିବା,ଖାଇବା,ପଢ଼ାପଢ଼ି କରିବା,ସହ ପାଠ୍ୟ କାର୍ଯକ୍ରମ ବିଷୟରେ ପଚାରି ବୁଝିଥିଲେ ଏପରିକି ପିଲାଙ୍କ ସହ ମିଶି ଗଉଗ ମଧ୍ୟ ଖାଇଥିଲେ । ସେଠାରୁ ସେମାନେ କୋଲନରା ବ୍ଲକ ସ୍ଥିତ କନ୍ଧ ଡେଙ୍ଗାସରି ଗ୍ରାମ ପରିଦର୍ଶନରେ ଯାଇଥିଲେ ।ସେଠାରେ ଓଡ଼ିଶା ଜୀବିକା ମିଶନ ତରଫରୁ ହେଉଥିବା ୫ ଏକର ଜମିରେ ଗେଣ୍ଡୁଫୁଲ ଚାଷ,ମହୁ ଚାଷ,ଛତୁ ଚାଷ,ପାନୀୟଜଳ,ସ୍ୱଚ୍ଛ ଭାରତ ଅଭିଯାନ ରେ ନିର୍ମିତ ପାଇଖାନା,ବହୁମୁଖି ଚାଷ ପରିଦର୍ଶନ କରିଥିଲେ ।ବିଭିନ୍ନ ସ୍ୱଂୟ ସହାୟିକା ଗୋଷ୍ଠୀ ର ସଦସ୍ୟମାନଙ୍କୁ ଏସବୁ ସମ୍ପର୍କରେ ପଚାରି ବୁଝିଥିଲେ । ପରଦିନ ବିଷମକଟକ ସ୍ଥିତ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ତରଫରୁ କିରିମଯୋଡି ଗ୍ରାମ ରେ ଦିଆଯାଉଥିବା ସୁବିଧା ସମ୍ପର୍କରେ ଲୋକମାନଙ୍କ ସହ ଆଲୋଚନା କରିଥିଲେ । ସେଠାରେ ସେମାନେ ଆଦିମ ଜନଜାତି ମାନଙ୍କ ସହ ମିଶି ହର ଘର ତ୍ରିରଙ୍ଗା ଉତ୍ସବ ପାଳନ କରିଥିଲେ ।ଅଗଷ୍ଟ ୧୫ ତାରିଖରେ ରାୟଗଡ଼ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ସମାରୋହରେ ଅତିଥିରୁପେ ଅଂଶ ଗ୍ରହଣ କରିଥିଲେ ।ସେହିଦିନ ଜେକେପୁର ସ୍ଥିତ କାଗଜ କଳ ଓ ଥେରୁବାଲି ସ୍ଥିତ ଇମ୍ଫା କମ୍ପାନୀ,ଲକ୍ଷ୍ମୀ ନାରାୟଣ ମନ୍ଦିର ପରିଦର୍ଶନ କରି ଖୁସି ପ୍ରକଟ କରିଥିଲେ । କୋଲନରା ବ୍ଲକ ଗସ୍ତ କରି କେନ୍ଦ୍ର ଓ ରାଜ୍ୟ ତରଫରୁ ଚାଲିଥିବା ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଯଥା ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପିଡିଏସ ,ମଧୁବାବୁ ପେନସନ ଯୋଜନା ଉପରେ ହିତାଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ । ଏତଦବ୍ୟତୀତ ସେମାନେ ରାୟଗଡ଼ା ସ୍ଥିତ ଭିଉ ପଏଣ୍ଟ,ନାଗାବଳୀ ନଦୀ,ଝୁଲା ବ୍ରିଜ,ରେଳ ଷ୍ଟେସନ ରେ ବାଉଁଶ ନିର୍ମିତ ଅଳଙ୍କାର ଓ ରାୟଗଡ଼ ର ଅଧିଷ୍ଠାତ୍ରୀ ଦେବୀ ମାଁ ମଝିଘୋରୀଆଣି ଙ୍କ ଦର୍ଶନ କରିଥିଲେ । ଜିଲ୍ଲା ତରଫରୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୋମନାଥ ପ୍ରଧାନଙ୍କ ଦ୍ଵାରା ଓଡ଼ିଶା ଜୀବିକା ମିଶନ ତରଫରୁ ନିର୍ମିତ ହସ୍ତକଳା କାଷ୍ଠ ହସ୍ତୀ ଓ ମାଁ ମଝିଘୋରୀଆଣି ଙ୍କ ଫୋଟ ପ୍ରଦାନ କରାଯାଇଥିଲା । ଏହି ୭ ଦିନିଆ କାର୍ଯକ୍ରମ ରେ ଶ୍ରୀ କାଳୁ ଚରଣ ନାୟକ ,ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ,ରାୟଗଡ଼ ,ନୋଡାଲ ଅଧିକାରୀ ରୂପେ ସୁଚାରୁରୂପେ କାର୍ଯ୍ୟ ସଂଜଯୋନା କରିଥିଲେ ଏବଂ ଜିଲ୍ଲା କାର୍ଯ୍ୟାଳୟ ସ୍ଥିତ ହେମନ୍ତ କୁମାର ବାଗ ,ଜିଲ୍ଲା ପ୍ରକଳ୍ପ ପରିଚାଳକ, ମୋନରଞ୍ଜନ ବେହେରା ,ଓଡ଼ିଶା ଜୀବିକା ମିଶନ,ଅଶୋକ କୁମାର ଶତପଥୀ,ଜିଲ୍ଲା ମଙ୍ଗଳ ଅଧିକାରୀ, ସୁଦର୍ଶନ ପାଢୀ,ପ୍ରକଳ୍ପ ପରିଚାଳକ , ଡିକେଡିଏ ଚାଟିକଣା ,ଗୌରହରି ପଟ୍ଟନାୟକ, ବିଡ଼ିଓ ,କୋଲନରା,ନୃସିଂହ ଚରଣ ପଟ୍ଟନାୟକ, ଏ ବିଡ଼ିଓ , କୋଲନରା ,ନାରାୟଣ ମିଶ୍ର ,ଡେପୁଟି କଲେକ୍ଟର, ଜିଭି ଏସ୍ ରାଓ , ବରିଷ୍ଠ ରାଜସ୍ୱ ସହାୟକ , ରାମ ସାହୁ , ନାଜିର ,ସମୀର ପିଡ଼ିକା , ଭିନ୍ନକ୍ଷମ ବିଭାଗ , ରମେଶ ଚନ୍ଦ୍ର ପ୍ରଧାନ ,ଡ୍ରାଇଭର ଓ ଆର୍ ଟି ଓ କର୍ଯ୍ୟଳୟ କର୍ମକର୍ତ୍ତା ସହଯୋଗ କରିଥିଲେ ।

# ଲାୟନ୍ସ କ୍ଲବ ଭୁବନେଶ୍ୱର ନୟାପଲ୍ଲୀର ବୃକ୍ଷରୋପଣ କାର୍ଯ୍ୟକ୍ରମ



ଭୁବନେଶ୍ୱର, ୧୮.୮ : ଓଡ଼ିଶା ସରକାରଙ୍କର ଜିଲ୍ଲା ଶିଶୁ ଅଧିକାରୀଙ୍କ ନିୟମାବଳୀ ଅନୁସାରେ 'ଅମୃତ କା ମହୋତ୍ସବ'କୁ ୧୬ ଓ ୧୭ ଅଗଷ୍ଟ ୨୦୨୨ ଦୁଇଦିନ ଧରି ବିଭିନ୍ନ ଶିଶୁଗୃହରେ ପାଳନ କରାଯାଇଛି। ଉକ୍ତ ଦୁଇଦିନରେ ଲାୟନ୍ସ କ୍ଲବ ନୟାପଲ୍ଲୀର ସଭାପତି ଟି. ରବିକୁମାର ପାତ୍ର, ଅନେକ ସଭ୍ୟ ଓ ଓଡ଼ିଶା ସରକାରଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଆଶ୍ରୟ, ପ୍ରତିଭା, ସୁଭଦ୍ରା ମହତାବ, ଜୀବନଜ୍ୟୋତି, ଆମ ଗୃହ, ଦିବ୍ୟଜ୍ୟୋତି ଏବଂ ଆଦୃତ ପ୍ରମୁଖ ଶିଶୁଗୃହମାନଙ୍କରେ ସହସ୍ରାଧିକ ବୃକ୍ଷରୋପଣ କାର୍ଯ୍ୟକ୍ରମ ସମ୍ପାଦନ କରିଛନ୍ତି। ଦ୍ୱିତୀୟ ଦିନରେ ବାଣୀଶ୍ରୀ ପଟ୍ଟନାୟକଙ୍କ ଉପସ୍ଥିତି ସଭ୍ୟମାନଙ୍କୁ ଉତ୍ସାହିତ କରିଥିଲା। ସେ ଆମଗୃହ ଅନ୍ତେବାସୀ ଶିଶୁଙ୍କ ଗହଣରେ ସ୍ୱଚ୍ଛତା ଅଭିଯାନର ଶପଥ ପାଠ କରାଇଥିଲେ। ଏଥିସହିତ ସରକାରଙ୍କର ସୂଚନା ଅନୁଯାୟୀ ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗିତା ଏବଂ ନୃତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ କରିବା ପାଇଁ କ୍ଲବର ସଭାପତି ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଲାୟନ ପ୍ରଦୀପ୍ତ ମହାନ୍ତି, ମଧୁସୂଦନ ଦାସ, କୁନାଲ କିଶୋର ଦାସ, ପରଭେଜ ଖାନ, ନିକୁଞ୍ଜ ଷଡ଼ଙ୍ଗୀ, ଦେବସ୍ମିତା ମିଶ୍ର ଓ ପ୍ରମୋଦ ପାତ୍ର ପ୍ରମୁଖ ସଭ୍ୟମାନଙ୍କର ସହଯୋଗ ପାଇଁ ସଭାପତି ଲାୟନ ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂପାଦକୀୟ

# ବନ୍ୟା ପାଇଁ ରାଜନୀତି ନ ହେଉ !

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆକାଶମାର୍ଗରୁ ରାଜ୍ୟର ବନ୍ୟାସ୍ଥିତି ସମୀକ୍ଷା କରିଛନ୍ତି। ବନ୍ୟାଂଚଳରୁ ଫେରିବା ପରେ ମୁଖ୍ୟମନ୍ତ୍ରୀ କ୍ଷତିଗ୍ରସ୍ତ ଅଂଚଳ ପାଇଁ ରିଲିଫ ସହାୟତା ଘୋଷଣା କରିଛନ୍ତି।ଖୋର୍ଦ୍ଧା , ପୁରୀ, କଟକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜ଼ିଲ୍ଲା ଯେଉଁ ଗାଁ ମାନଙ୍କ ରେ ପାଣି ପଶିଛି ସେଠାରେ ବିପନ୍ନ ଲୋକ ମାନଙ୍କୁ ୧୫ଦିନ ରିଲିଫ ସହାୟତା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସେହିପରି ସମ୍ବଲପୁର, ବରଗଡ଼, ସୋନପୁର, ବୌଦ୍ଧ ଓ ଅନୁଗୁଳ ଜ଼ିଲ୍ଲା ର ପାଣି ପଶିଥିବା ଗାଁ ର ଲୋକମାନଙ୍କୁ ୭ ଦିନ ପାଇଁ ରିଲିଫ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ପାଣି ଛାଡିବାର ୭ ଦିନ ମଧ୍ୟରେ କ୍ଷୟକ୍ଷତି ଆକଳନ କରିବା ଏବଂ ତାର ୧୫ଦିନ ଭିତରେ ଘରଭଙ୍ଗା ଓ ଫସଲ କ୍ଷତି ସହାୟତା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।ପ୍ରଭାବିତ ଅଂଚଳରେ ଚାଲିଥିବା ସମସ୍ତ ପ୍ରକାର ସହାୟତା ଯଥା; ରିଲିଫ୍ ଓ ରନ୍ଧା ଖାଦ୍ୟ ଯୋଗାଣ, ସ୍ୱାସ୍ଥ୍ୟସେବା, ପାନୀୟଜଳ ଯୋଗାଣକୁ ତ୍ୱରାନ୍ୱିତ କରିବା ସହିତ ପ୍ରଭାବିତ ଗୋରୁଗାଈମାନଙ୍କୁ ଆବଶ୍ୟକୀୟ ଗୋଖାଦ୍ୟ ଓ ପଶୁଚିକିତ୍ସା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟନାୟକ ଗୁରୁବାର ଆକାଶ ମାର୍ଗରୁ କେନ୍ଦ୍ରାପଡା ଜିଲ୍ଲାର ଲୁଣା, ଚିତ୍ରୋତ୍ପଳା ନଦୀର ଦ୍ୱୀପାଂଚଳ, ମହାନଦୀର ଶାଖା ପାଇକା ନଦୀର ଦ୍ୱୀପାଂଚଳ, ଜଗତସିଂପୁର ଜିଲ୍ଲାର କୁଜଙ୍ଗ, ନାଉଗାଁ ଓ ପୁରୀ ଜିଲ୍ଲାର ଗୋପ, ନିମାପଡା, ଅସ୍ତରଙ୍ଗ, ଡେଲାଙ୍ଗ, ପିପିଲି, କଣାସର ତଳିଆ ଅଂଚଳ ପରିଦର୍ଶନ କରି ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିଥିଲେ। ବନ୍ୟାରେ ବ୍ୟାପକ ଅଂଚଳ, ଜଳମଗ୍ନ ହେବା ସହିତ ଅନେକ ଚାଷ ଜମି ଓ ବାସଗୃହ କ୍ଷତିଗ୍ରସ୍ତ ହୋଇଥିବା ଘଟଣାରେ ମୁଖ୍ୟମନ୍ତ୍ରୀ ଚିନ୍ତାପ୍ରକଟ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହିତ ମୁଖ୍ୟମନ୍ତ୍ରୀ ଙ୍କ ସଚିବ ୫-ଟି ଭି କେ ପାଣ୍ଡିଆନ ମଧ୍ୟ ବନ୍ୟାଂଚଳ ପରିଦର୍ଶନରେ ଯାଇଥିଲେ। ରାଜ୍ୟବାସୀଙ୍କୁ ଜଳବନ୍ଦୀ କରି ହନ୍ତସନ୍ତ କରୁଥିବା ଚଳିତ ବର୍ଷର ବନ୍ୟା ସଂପୂର୍ଣ୍ଣ ମନୁଷ୍ୟକୃତ । ରାଜ୍ୟରେ ବନ୍ୟା ପରିସ୍ଥିତି ଅସମ୍ଭାଳ ହେଉଥିବାବେଳେ ବନ୍ୟା ପରିଚାଳନାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ରାଜ୍ୟ ସରକାର। ରାଜ୍ୟ ସରକାରଙ୍କ ବେଖାତିର ଓ ମନମୁଖୀ ଶାସନ କାରଣରୁ ରାଜ୍ୟର ଲୋକେ ପାଣିଘେରରେ ରହି ଜୀବନ ଓ ଜୀବିକା ସହ ସଂଗ୍ରାମ କରୁଛନ୍ତି। ବନ୍ୟା, ବାତ୍ୟା ବହୁଳ ରାଜ୍ୟ ହୋଇଥିବାରୁ ଓଡିଶାବାସୀ ପ୍ରତ୍ୟେକ ବର୍ଷ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛନ୍ତି, କିନ୍ତୁ ଏହାର ସ୍ଥାୟୀ ସମାଧାନ ପାଇଁ ରାଜ୍ୟ ସରକାରଙ୍କ କୌଣସି ଆନ୍ତରିକତା ନାହିଁ । ଚଳିତ ବର୍ଷ ବନ୍ୟାରେ ପ୍ରଭାବିତ ହୋଇଥିବା ଲୋକମାନଙ୍କ ଦୁର୍ଦ୍ଦଶା ଅବର୍ଣ୍ଣନୀୟ । ମନୁଷ୍ୟକୃତ ବନ୍ୟା ପାଇଁ ରାଜ୍ୟ ସରକାର ସଂପୂର୍ଣ୍ଣ ଦାୟୀ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ।ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଆଜି ନିଜେ ପୁରୀ ଜିଲ୍ଲା କଣାସ ବ୍ଲକର ବଳଭଦ୍ରପୁର, ବଡାସ, ଦୋକନ୍ଦା, ସାନପୁଟ, ବୋତଲମା, ଗଡବଳଭଦ୍ରପୁର, ଅଶ୍ୱସ୍ତପାରି, ବୈଦନାଥପାଟଣା, କଖାରୁବସ୍ତ, ତରପଡା, ବାଲିପାଟଣା, କଦଳିଦୋଣ୍ଡା ଗାଁ ବୁଲି ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିଛନ୍ତି । ପ୍ରଶାସନ ଚାହିଁଥିଲେ ଘାଇ ସୃଷ୍ଟିକୁ ରୋକା ଯାଇପାରିଥାନ୍ତା ବୋଲି ମକରାଠାରେ ସୃଷ୍ଟି ହୋଇଥିବା ଘାଇ ଅଂଚଳବାସୀ ରାଜ୍ୟବାସୀଙ୍କୁ କହିଥିଲେ । ଏହା ପରେ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଏସଆରସିଙ୍କ ସହ ଫୋନ ଯୋଗେ କଥାବାର୍ତ୍ତା ହୋଇ ବନ୍ୟା କ୍ଷତିଗସ୍ତଙ୍କ ସ୍ୱାର୍ଥରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି । ସେହିପରି ରାଜ୍ୟ ସଭାପତି ଶ୍ରୀ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଗଠିତ ବିଜେପିର ଗୋଟିଏ ଦଳ ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନଙ୍କ ନେତୃତ୍ୱରେ ଆଜି କଟକ ଜିଲ୍ଲା ବାଙ୍କୀ ବ୍ଲକ ଅନ୍ତର୍ଗତ ପାଥପୁର ଓ କଇମୁଣ୍ଡି ପଂଚାୟତର ବିଭିନ୍ନ ବନ୍ୟା ପ୍ରଭାବିତ ଗ୍ରାମାଂଚଳ ଗସ୍ତ କରିଛନ୍ତି । ଏହି ପ୍ରତିନିଧି ଦଳରେ ରାଜ୍ୟ ସଂପାଦକ ଅମର ନାୟକ, ପିଙ୍କି ପ୍ରଧାନ, ସ୍ଥାନୀୟ ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭ୍ରାଂଶୁ ପାଢୀ, କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ହୃଷିକେଶ ଜେନା ପ୍ରମୁଖ ସାମିଲ ଥିଲେ । ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତା ମନମୋହନ ସାମଲଙ୍କ ନେତୃତ୍ୱରେ ଅନ୍ୟ ଏକ ପ୍ରତିନିଧି ଦଳ କେନ୍ଦ୍ରାପଡା ଜିଲ୍ଲା ଡେରାବିଶି ବ୍ଲକର ବଶାପୁର, ପୁରୁଷୋତମପୁର ପଂଚାୟତର ବିଭିନ୍ନ ବନ୍ୟାଚଂଳ ମାର୍ଶାଘାଇ ବ୍ଲକର ଜଳପୋକ, କରିଲୋପାଟଣା, ଆୟତପୁର, ଡିହବଳରାମପୁର, ମେହେନ୍ଦୀନଗର, କରାଣ୍ଡିଆପାଟଣା ପଂଚାୟତର ବିଭିନ୍ନ ଗ୍ରାମ, ମହାକାଳପଡା ବ୍ଲକର ଆଖୁଆ, ବଉଳାଙ୍ଗ, ରାଘବପୁର, ମାଣ୍ଡିଆକୁଦ, ପରକୁଳ, ପିକରାଳି, ତିଖିରି, ମଙ୍ଗରାଜପୁର ପଂଚାୟତର ବିଭିନ୍ନ ବନ୍ୟା ପ୍ରଭାବିତ ଗ୍ରାମ ଗସ୍ତ କରି ବାସ୍ତବ ସ୍ଥିତି ଅନୁଧ୍ୟାନ କରିବା ସହିତ ଉଦ୍ଧାର ଓ ରିଲିଫ କାର୍ଯ୍ୟର ତଦାରଖ କରିଛନ୍ତି । ରାଜ୍ୟ ସରକାର ସମ୍ବେଦନଶୀଳ ହୋଇ କ୍ଷତିଗ୍ରସ୍ତଙ୍କ ଉଦ୍ଧାର ଓ ରିଲିଫ କାର୍ଯ୍ୟକୁ ତ୍ୱରାନ୍ୱିତ କରବା ପାଇଁ ବନ୍ୟାଂଚଳ ଗସ୍ତ କରିଥିବା ପ୍ରତିନିଧି ଦଳର ସଦସ୍ୟମାନେ ଦାବୀ କରିଛନ୍ତି । ମୁଖ୍ୟଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ରାଜ୍ୟର ବନ୍ୟା ସ୍ଥିତି ସଂପର୍କରେ ସମୀକ୍ଷା କରିଥିଲେ। ଏହି ଅବସରରେ ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ ଜେନା, ଜଳସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ବିଜୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟର ନଦୀଗୁଡ଼ିକର ଜଳପ୍ରବାହର ସ୍ଥିତି ସଂପର୍କରେ ଜଳସଂପଦ ବିଭାଗର ବରିଷ୍ଠ ଯନ୍ତ୍ରୀମାନଙ୍କ ସହ ଶ୍ରୀ ମହାପାତ୍ର ଆଲୋଚନା କରିଥିଲେ ଏବଂ ଆଗମୀ ଲଘୁଚାପ ବର୍ଷାକୁ ଆଖି ଆଗରେ ରଖି ହୀରାକୁଦର ଗେଟ୍ ପରିଚାଳନା କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ ଜେନା କହିଲେ ଯେ ମହାନଦୀର ବନ୍ୟା ଜଳସ୍ତର ଗତକାଲିଠାରୁ କ୍ରମଶଃ ହ୍ରାସ ପାଉଛି। ହୀରାକୁଦରେ ଏବେ ୩୨ଟି ଗେଟ୍ ଖୋଲା ରହିଛି। ଆଜି ଅପରାହ୍ନ ସୁଦ୍ଧା ହୀରାକୁଦର ଜଳସ୍ତର ବର୍ତ୍ତମାନ ୬୨୩.୯୧ ଫୁଟ୍ ଅଛି । ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୪ ଲକ୍ଷ ୨୪ ହଜାର ୭୮୬ କ୍ୟୁସେକ୍ ଜଳ ପ୍ରବେଶ କରୁଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାରରୁ ୫ ଲକ୍ଷ ୪୫ ହଜାର ୪୭୧ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଖଇରମାଳଠାରେ ୮ ଲକ୍ଷ ୬୦ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଅଛି। ବଡମୂଳଠାରେ ୮ ଲକ୍ଷ ୬୭ ହଜାର ୫୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ମୁଣ୍ଡଳୀଠାରେ ୧୦ ଲକ୍ଷ ୧୦ ହଜାର ୫୨୫ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ମୁଣ୍ଡଳୀଠାରେ ଜଳସ୍ତର କ୍ରମଶଃ ହ୍ରାସ ପାଉଅଛି ।ଆଗାମୀ ୧୯ ଓ ୨୦ ତାରିଖରେ ହେବାକୁ ଥିବା ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପର ପ୍ରଭାବରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ ବୋଲି ଭାରତୀୟ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛନ୍ତି । ଏହି ଲଘୁଚାପର ପ୍ରଭାବରେ ସମ୍ଭାବ୍ୟ ବୃଷ୍ଟିପାତକୁ ନଜରରେ ରଖି ହୀରାକୁଦ ଜଳଭଣ୍ଡାରରୁ ପର୍ଯ୍ୟାୟକ୍ରମେ ଆଉ ୪ ଟି ଗେଟ୍ ବନ୍ଦ କରାଯିବ । ପ୍ରାଥମିକ ସୂଚନା ଅନୁଯାୟୀ ବନ୍ୟା ଯୋଗୁଁ ୧୩ଟି ଜିଲ୍ଲାର ୭୧ଟି ବ୍ଲକ କ୍ଷତିଗ୍ରସ୍ତ ହୋଇଥିବାବେଳେ ଏଥିରେ ୨୦୬୬ଟି ଗ୍ରାମ ପ୍ରଭାବିତ ହୋଇଛି । ବନ୍ୟାରେ ୪୭୦ ଟି ଗ୍ରାମ ଜଳଘେରରେ ରହିଥିବାବେଳେ ୨ ଲକ୍ଷ ୫୫ ହଜାର ୩୨୫ ଲୋକ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି ଏବଂ ପ୍ରାୟ ୫ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି । ଏହି ସବୁ ଅଂଚଳରେ ୧୯୦ ଟି ରିଲିଫ୍ କେନ୍ଦ୍ରରେ ୧ ଲକ୍ଷ ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି । ୯୦ ହଜାର ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଛି। ବନ୍ୟା ଓ ପ୍ରବଳ ବୃଷ୍ଟିପାତ ଦ୍ୱାରା ଅନେକ ବାସଗୃହ କ୍ଷତିଗ୍ରସ୍ତ ହେବା ସହିତ ବହୁତ ଚାଷ ଜମି ଜଳମଗ୍ନ ହୋଇଅଛି । ପ୍ରଭାବିତ ଲୋକମାନଙ୍କୁ ଆବଶ୍ୟକୀୟ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଉଅଛି। ୧୧ ଟି ଏନଡିଆରଏଫ୍, ୧୨ ଟି ଓଡ୍ରାଫ୍ ଏବଂ ୫୨ ଟି ଅତିରିକ୍ତ ଅଗ୍ନିଶମ ସେବା ବାହିନୀ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି ।

# ପବିତ୍ର ଜନ୍ମାଷ୍ଟମୀ ଉପଲକ୍ଷେ



ଶ୍ରୀମଦ୍ ଭାଗବତ ଗୀତା ଚତୁର୍ଥ ଅଧ୍ୟାୟର ଶ୍ଳୋକ ନଂ ୭-୮ରେ ଲେଖାଅଛି, ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ । ଅଭ୍ୟୁଥାନମ୍ ଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହଂ ।।ପରିତ୍ରାଣାୟଃ ସାଧୁନାଂ ବିନାଶାୟ ଚ ଦୁଷ୍କୃତାଂ । ଧର୍ମ ସଂସ୍ଥାପନାର୍ଥାୟଃ ସମ୍ଭବାମି ଯୁଗେ ଯୁଗେ ।। ଅର୍ଥାତ୍ ଯେତେ ବେଳେ ଧର୍ମର କ୍ଷୟ ଓ ଅଧର୍ମର ବୃଦ୍ଧି ହୁଏ ସେତେ ବେଳେ ଧର୍ମର ପ୍ରତିଷ୍ଠା ପାଇଁ ମୋର ଆବିର୍ଭାବ ହୁଏ । ବର୍ତ୍ତମାନ ପରିସ୍ଥିତିରେ ଦେଖିବାକୁ ଗଲେ ସକଳ ଧର୍ମର ଅବସ୍ଥା ଶୋଚନୀୟ ଦେଖାଯାଉଛି। ଧର୍ମର ଅସଲ ମର୍ମକୁ ଲୋକେ ଭୂଲି ଯାଇଛନ୍ତି । ଧର୍ମର ମାନ୍ୟତା ଓ ମର୍ଯ୍ୟାଦା ଲୋପ ପାଇବାରେ ଲାଗିଛି। ବିଶ୍ୱରେ ମାନବିକତାର ଉତ୍କଟ ସଂକଟ ଦେଖାଦେଇଛି ଏବଂ ଭଲ ମଣିଷଟିଏ ଖୋଜି ପାଇବା ବିରଳ। ଅସାଧୁତା, ଦୁର୍ନୀତି, ବ୍ୟଭିଚାର, ମିଥ୍ୟାଚାର , ଘୃଣା, ଦୁଷ୍କର୍ମ, ଦୈନନ୍ଦିନ ଜୀବନଶୈଳୀରେ ପରିଣତ ହୋଇ ସାରିଲାଣି। ବିଦ୍ରୋହ ଓ ଆନ୍ଦୋଳନ ସାଧାରଣ ଘଟଣା, ହତ୍ୟାକୁ ଉଭୟେ ଶାସକ ଓ ଶାସିତ ଶାନ୍ତି ସ୍ଥାପନ ଦିଗରେ ନ୍ୟାୟପୂର୍ଣ୍ଣ ମାର୍ଗ ବୋଲି ବିଚାରୁଛନ୍ତି। ପ୍ରାକୃତିକ ବିପ୍ରାପ୍ତ ଦ୍ୱାରା ବିଶ୍ୱର ଭାରସାମ୍ୟର ମଧ ଅବନତୀ ଘଟିଛି। କେଉଁଠି ଦୁର୍ଭିକ୍ଷ ତ କେଉଁଠି ଭୟଙ୍କର ବୃଷ୍ଟି ତ କେଉଁଠାରେ ଭୂମିକମ୍ପ ତ କେଉଁଠାରେ ପ୍ରଚଣ୍ଡ ତାତି। ଏପରିକି ଏଡ୍ସ, ସ୍ୱାଇନ୍‌ଫ୍ଲୁ ଏବଂ ଇବୋଲା ପରି ବଡ଼ ରୋଗ ମଣିଷ ଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି । ଯେଉଁ ଗତିରେ ଶାନ୍ତି ଆଜି ପୃଥିବୀରୁ ଲୋପ ହେବାରେ ଲାଗିଛି, ତାହା ପ୍ରତି ବିଚାରବନ୍ତ ବ୍ୟକ୍ତିକୁ ଚିନ୍ତାରେ ପକାଇଛି। ଏଥିରେ ଉଭୟ ଆସ୍ତିକ ଓ ନାସ୍ତିକ ପ୍ରଭାବିତ ହୋଇଛନ୍ତି। ଏହି ପରିସ୍ଥିତିରେ ଧର୍ମ ଧ୍ୱଜାକୁ ଟେକି ରଖିବା ତଥା ଧର୍ମ ସଂସ୍ଥାପନାର୍ଥାୟକୁ ପ୍ରତିଷ୍ଠା କରିବା ପାଇଁ କେହି ଜଣେ ଐଶୀ ଦୂତର ଆଗମନ ଆବଶ୍ୟକ ମନେ ହେଉଛି । ପବିତ୍ର କୋରାନ କୁହେ ପ୍ରତ୍ୟେକ ଯୁଗରେ ଓ ପ୍ରତ୍ୟେକ ଜାତି ଏବଂ ପ୍ରତ୍ୟେକ ଗୋଷ୍ଠୀରେ ନବୀ,ରସୁଲ ବା ଅବତାରମାନେ ସଚେତକ ବା ପଥପ୍ରଦର୍ଶକ ଭାବେ ଆବିର୍ଭାବ ହୋଇଥାନ୍ତି । ଇସଲାମ କୁହେ କୌଣସି ଅବତାରଙ୍କ ମଧ୍ୟରେ ପାର୍ଥକ୍ୟ ନକରି ସେମାନଙ୍କୁ ସମ୍ମାନ ପ୍ରକଟ କରିବା ଉଚିତ୍ । ସତ୍ୟ ଯୁଗରେ ନୃସିଂହ ଅବତାର ଆସିଥିଲେ । ପାପି ହିରଣ୍ୟକଷପକୁ ବଧ କରି ଅବତାରତ୍ୱର ସମ୍ମାନ ଓ ମର୍ଯ୍ୟାଦା ସ୍ଥାପିତ କରିଥିଲେ । ତ୍ରେତୟା ଯୁଗରେ ରାମଚନ୍ଦ୍ର ଅବତାରତ୍ୱର ବେଷରେ ଆସିଥିଲେ । ପାପି ରାବଣର ଲଙ୍କାକୁ ଧ୍ୱଂସକରି ରାବଣକୁ ନିପାତ କଲେ । ଏବଂ ଅଧର୍ମକୁ ବିନାଶ କରି ଧର୍ମକୁ ପ୍ରତିଷ୍ଠା କଲେ । ସେହିଭଳି ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ଅବତାର ରୂପରେ ଆସି ପାପି କଂସର ଅନ୍ୟାୟ ଓ ଅତ୍ୟାଚାରକୁ ଦମନ କରି "ବିନାଶୟ ଚ ଦୁଷ୍କୃତାମ୍''ର ନିଦର୍ଶନ ଦେଖାଇଲେ । ନବୀଶ୍ରେଷ୍ଠ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମ କୁହନ୍ତି ଭାରତ ବର୍ଷରେ କହ୍ନେଆ ନାମକ ଜଣେ ଅବତାର ଆସିଛନ୍ତି, ଯାହାଙ୍କ ରଙ୍ଗ ସ୍ୟାମଳ । ପବିତ୍ର ଜନ୍ମାଷ୍ଟମୀ ଦିବସ ଶ୍ରୀକୃଷ୍ଣଙ୍କ ଜନ୍ମ ଦିନ । ଜନ୍ମ ଦିନର ସ୍ମୃତିରକ୍ଷା ଉତ୍ସବ ପାଳନ ସ୍ୱରୂପ ପୂଜାର୍ଚ୍ଚନା ଓ ପିଠାପଣା ଆଦି ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥାଏ । କିନ୍ତୁ ଏହି ବାହ୍ୟ ଉପଚାର ସହିତ ମନରେ ପ୍ରକୃତ କୃଷ୍ଣ ପ୍ରେମ ଜାଗ୍ରତ କରିବା ତଥା ତାଙ୍କର ଆଧାତ୍ମିକ ଜୀବନ ଚରିତ ଏବଂ ସାଙ୍କେତିକ ଭାଷାକୁ ବୁଝିବା ଆବଶ୍ୟକ । ଶ୍ରୀକୃଷ୍ଣ ଥିଲେ ଗୋପ ଓ ଗୋପୀମାନଙ୍କ ପାଳକ । ଯାହାଙ୍କୁ ଅନ୍ୟ ଅର୍ଥରେ ଗୋପାଳ କୁହାଯାଏ । ଶ୍ରୀକୃଷ୍ଣ ବିଷୟରେ କୁହାଯାଏ କି ସେ ଗୋପୀମାନଙ୍କର ବସ୍ତ୍ର ହରଣ କରି ତାଙ୍କ ସହ ଜଳକେଳୀ କରୁଥିଲେ । ଅର୍ଥାତ୍ ସେ ତାଙ୍କ ମାନ୍ୟକାରୀ ମାନଙ୍କ ଠାରୁ ସେମାନଙ୍କ ଧର୍ମ ଭୀରୁତାର ଜୀର୍ଣ୍ଣନ ଓ ମଳିନ ପୋଷାକକୁ ହଟାଇ ଐଶ୍ୱରୀୟ ବାଣୀ ଦ୍ୱାରା ଧର୍ମପିପାସୁଙ୍କ ତୃଷା ନିବାରଣ କରୁଥିଲେ । କୁହାଯାଏ ଶ୍ରୀକୃଷ୍ଣ ବଂଶୀ ବଜାଇ ଗୋପୀମାନଙ୍କୁ ନିଜର କରିନେଉଥିଲେ । ଜାଣିବା ଉଚିତ୍ ଯେ ବଂଶୀର ନିଜସ୍ୱ କୌଣସି ଧ୍ୱନୀ ନାହିଁ । ଯେକେହି ତାକୁ ବଜାଇଥାଏ ତାର ଧ୍ୱନୀ ବଂଶୀ ଦ୍ୱାରା ଧ୍ୱନିତ ହୋଇଥାଏ । ଅର୍ଥାତ୍ କୃଷ୍ଣ ଥିଲେ ପରମେଶ୍ୱରଙ୍କ ହସ୍ତର ଦିବ୍ୟବଂଶୀ । ଐଶ୍ୱରୀକ ବାଣୀ ତାଙ୍କ ମାଧ୍ୟମରେ ଧ୍ୱନିତ ହେଉଥିଲା। ସେ ଈଶ୍ୱରଙ୍କ ବାଣୀକୁ ଗୋପୀମାନଙ୍କୁ ଶୁଣାଉ ଥିଲେ । ସେହି ଈଶ୍ୱର ପ୍ରେମୀମାନେ ଐଶୀବାଣୀ ଧ୍ୱନୀରେ ପାଗଳ ହୋଇ ଘର,ଦ୍ୱାର,କୁଳ ଓ ମାନ ମର୍ଯ୍ୟାଦାକୁ ତେଜି ତାଙ୍କରି ଆଡ଼କୁ ଧାଇଁ ଆସୁଥିଲେ । ଶ୍ରୀକୃଷ୍ଣଙ୍କ ସହ ରାଧା ନାମ ବେଶ ପରିଚିତ । ଯିଏ ଧ୍ୟାନ କରେ ନିଜ ଆରାଧ ଦେବତାଙ୍କୁ, ସେ ହେଉଛନ୍ତି ରାଧା । ଏହି ଶବ୍ଦଟି ଆରାଧନା ଶବ୍ଦରୁ ଉଦ୍ଧୃତ । କୃଷ୍ଣ ନାମ ଜପ କରିବା ଓ ଧ୍ୟାନରତ ହେବାରେ ଉପାସନାକାରୀର ଜୀବନ ଉଦ୍‌ଭାସିତ ହୋଇଥାଏ। ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି, '' ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ । ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିସ୍ୟାମି ମା ଶୁଚଃ । '' ଅର୍ଥାତ୍ ହେ ଅର୍ଜୁନ ! ତୁମେ ସବୁ ମନ ଗଢା ଧର୍ମ ତ୍ୟାଗ କରି ମୋର ଶରଣ ନିଅ । ମୁଁ ତୁମକୁ ସବୁ ପାପରୁ ମୁକ୍ତି ଦେବି । ଶୋଚନା କରନାହିଁ । ଏହି ଦେହଧାରୀ ମାନବାବତାର ହିଁ ସକଳ ଚିନ୍ତନ ଓ ଶକ୍ତିର ମୂଳଉତ୍ସ । ସେମାନେ ଈଶ୍ୱରଙ୍କୁ ପାଇବାର ମୂଳ ଆଧାର ହୋଇ ଆସିଥାନ୍ତି । ଏଯୁଗର ପଥପ୍ରଦର୍ଶକ ଅହମଦୀୟା ମୁସଲିମ ସମ୍ପ୍ରଦାୟର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦ କୁହନ୍ତି, ସର୍ବଶକ୍ତିମାନ ଅଲ୍ଲାଃ ମୋତେ ଶ୍ରୀକୃଷ୍ଣଙ୍କ ସଂବନ୍ଧରେ ଦୈବୀବାଣୀ ମାଧମରେ କହିଛନ୍ତି କି '' ହେ କୃଷ୍ଣ ରିଦ୍ର ଗୋପାଲ୍ ତେରି ମହିମା ଗୀତା ମେଁ ଲିଖିଗଇ ହୈ।''ଅର୍ଥାତ୍ ହେ କୃଷ୍ଣ ରୁଦ୍ର ଗୋପାଳ ତୁମ ମହିମା ଗୀତାରେ ଲେଖାହୋଇଛି । କୁହନ୍ତି ମୁଁ କୃଷ୍ଣଙ୍କୁ ଗଭୀର ପ୍ରେମ କରେ । କାରଣ ମୁଁ ତାହାଙ୍କ ସ୍ୱରୂପରେ ରୂପାୟିତ ହୋଇଛି । ପୁଣି କୁହନ୍ତି,ମୁଁ ସବୁ ମୁସଲମାନ, ଖ୍ରୀଷ୍ଟିୟାନ, ହିନ୍ଦୁ ଓ ଆର୍ଯ୍ୟମାନଙ୍କ ନିକଟରେ ଘୋଷଣା କରୁଛି ଯେ ଏହି ସଂସାରରେ ମୋର କେହି ଶତ୍ରୁ ନାହାନ୍ତି । ମୁଁ ମାନବ ସମାଜକୁ ଏପରି ପ୍ରେମ କରେ, ଯେପରି ଜଣେ କରୁଣାମୟୀ ମାତା ତା' ସନ୍ତାନକୁ ପ୍ରେମ କରେ , ବରଂ ତା' ଠାରୁ ମଧ ଅଧିକ । ମଣିଷ ପ୍ରତି ସହାନୁଭୂତି ପ୍ରଦର୍ଶନ କରିବା ମୋର କର୍ତବ୍ୟ ।କଳିର ଅଧର୍ମ କାଳରେ ଧର୍ମ ଓ ସତ୍ୟର ଜୟ ହେଉ । ପାପ ଓ ଅସତ୍ୟର ବିନାଶ ହେଉ । ଶ୍ରୀକୃଷ୍ଣଙ୍କ '' ସମ୍ଭବାମି ଯୁଗେ ଯୁଗେ''ର ଯୁଗନ୍ତକାରୀ ବାର୍ତା ଅଶାନ୍ତ ଜଗତକୁ ଶାନ୍ତି,ପ୍ରେମ ଓ ମୈତ୍ରୀର ନୂତନ ଦିଗ୍‌ଦର୍ଶନ ଦେଉ । ଏହା ହିଁ ପବିତ୍ର ଜନ୍ମାଷ୍ଟମୀରେ ଆମର କାମନା । '' ମେଁ ମୁସଲିମ୍ ହୁଁ ତୁ ହିନ୍ଦୁ ହୈ ଦୋନୋ ହି ଇନ୍‌ସାନ୍ ।ଲା' ମେଁ ତେରି ଗୀତା ପଢଲୁଁ ତୁ ପଢଲେ କୋରାନ୍ ।।ଅପନେ ତୋ ଦିଲ୍ ମେଁ ହୈ ଦୋସ୍ତ ବସ୍ ଏକ୍ ହି ଅରମାନ୍ ।ଏକ୍ ଥାଲି ମେଁ ଖାନା ଖାଏ ସାରା ହିନ୍ଦୁସ୍ତାନ୍ ।।''

# ଅମୃତ ଆନନ୍ଦ

ଆତ୍ମ ଉପଲବ୍ଧି ଜୀବନର ପରମ ଲକ୍ଷ୍ୟ। ଆତ୍ମା କୌଣସି ବାହ୍ୟ ବସ୍ତୁ କିମ୍ବା ଦୂରାଗତ ପଦାର୍ଥ ନୁହେଁ। ମୁଁ ସ୍ୱୟଂ ହିଁ ଆତ୍ମା। ଏହି ବସ୍ତୁତ ସ୍ୱସତ୍ତାର ଉପଲବ୍ଧି ପାଇଁ ଏତେସବୁ ପ୍ରୟାସ। ଆମର ଜନ୍ମ ଆମର ସମସ୍ତ କର୍ମ, ଏହି ବିଶ୍ୱର ସଂସାର ପରମ ଈଶ୍ୱର। ବେଦ ବେଦାନ୍ତ ଆଦି ସମସ୍ତ ଶାସ୍ତ୍ରର ଲକ୍ଷ୍ୟ ଓ ଆବଶ୍ୟକତା କେବଳ ଏହି ଆତ୍ମ ଉପଲବ୍ଧି ପାଇଁ। ଦୁର୍ଲଭ ମାନବ ଜନ୍ମ ଯଦି ଏହା ଏହି ଜନ୍ମରେ ନହେଲା ତେବେ ଜୀବନ ବ୍ୟର୍ଥ ହୋଇଗଲା। ମିଳିଥିବା ସୁଯୋଗ ହାତଛଡ଼ା ହେଲାବୋଲି ବୁଝିବାକୁ ହେବ। ସଂସାର ଚକ୍ର ଘୁରୁଛି। ଶାସ୍ତ୍ରରେ କୁହାଯାଇଛି 'ପୁନର୍ବିତ୍ତଂ ପୁନର୍ମିତ୍ରଂ ପୁନଭର୍ଯ୍ୟା ପୁନର୍ମହୀ, ଏତ ସର୍ବଂ ପୁନଲଭ୍ୟଂ ନଶରୀର ପୁନଃ ପୁନଃ।' ବିତ୍ତ, ମିତ୍ର, ଭାର୍ଯ୍ୟା, ଭୂପତି ହେବା ବାରମ୍ବାର ଜୀବନରେ ଆସିପାରେ ହେଲେ ପ୍ରାପ୍ତ ହୋଇଥିବା ଏହି ଶରୀର କେବେ ପୁନର୍ବାର ପ୍ରାପ୍ତ ହୁଏନାହିଁ। ଏହି ସଂସାର ରୂପକ ଜନ୍ମମୃତ୍ୟୁ ଚକ୍ର ଅତ୍ୟନ୍ତ ଦୁଃଖଦାୟକ। ବୁଦ୍ଧିମାନ ବ୍ୟକ୍ତି ଏହି ସଂସାର ଚକ୍ରରୁ ନିବୃତ୍ତ ହେବାପାଇଁ ପ୍ରାପ୍ତ ସୁଯୋଗକୁ ଆଦୌ ହାତଛଡ଼ା କରିବା ଉଚିତ ନୁହେଁ। ଏଥିରୁ ନିବୃତ୍ତ ହେବାର ପୂର୍ଣ୍ଣ ଅଧିକାର ଆମର ଅଛି। ମୁକ୍ତି ମନୁଷ୍ୟର ଜନ୍ମଗତ ଅଧିକାର। ଏହି ଅଧିକାରରୁ କେହି ଆମକୁ ବଞ୍ଚିତ କରି ପାରିବେ ନାହିଁ କିମ୍ବା ବାଧା ଦେଇ ପାରିବେ ନାହିଁ । କିନ୍ତୁ ନିବୃତ୍ତ ହେବାର ଦାୟିତ୍ୱ ଆମର। ଆତ୍ମ ସାକ୍ଷାତକାର ବା ଆତ୍ମ ଉପଲବ୍ଧି କୌଣସି ଏକ ଅଦ୍ଭୁତ ଉଦ୍ଭାବନ ନୁହେଁ କିମ୍ବା କୌଣସି ନୂତନ ବସ୍ତୁତ ପ୍ରାପ୍ତି ନୁହେଁ। ଆତ୍ମ ବିସ୍ମୃତିର ଉପଲବ୍ଧି ବା ଆବିଷ୍କାର ହେଉଛି ଆତ୍ମ ସାକ୍ଷାତକାର। ଏହା ଏକ ବୋଧ, ଏକ ଅବଗତି। ବିସ୍ମୃତ ଚେତନାର ପୁନ୍ନ ଜାଗରଣ ସହିତ ତାକୁ ଅନୁଭବ କରିବାର ଅବବୋଧ ହେଉଛି ଆତ୍ମ ଉପଲବ୍ଧି। ଏଥିପାଇଁ ସମୟ, ଶ୍ରମ, ଅବାଗମନ ଆଦି କିଛିର ଆବଶ୍ୟକତା ନାହିଁ। କେବଳ ବୋଧ ହେବାର ଅଛି। ଏହି ବୋଧଶୀଳ ଅବସ୍ଥା ସବୁଠାରୁ ସହଜ ଓ ସବୁଠାରୁ କଷ୍ଟ ମଧ୍ୟ। ମୁଁ ଆତ୍ମା। ଏହି ବୋଧ ଦୃଢ଼ ହୋଇଗଲେ ହେଲା। ଖାଲି ଶୁଣା କଥାରେ ଆତ୍ମଜ୍ଞାନ ହୋଇଯାଏ ନାହିଁ। ପୋଥିଗତ ବିଦ୍ୟାକୁ ଅନୁଭବରେ ଆଣିବାକୁ ହେବ। ମିଳିଥିବା ଜ୍ଞାନକୁ ବିଜ୍ଞାନରେ ରୂପାନ୍ତର କରିବାକୁ ହେବ। କୁହାଯାଇଛି - 'ଜ୍ଞାନ ଶାସ୍ତ୍ରୀୟ, ବିଜ୍ଞାନ ଅନୁଭବ'। ଜ୍ଞାନ ବିଜ୍ଞାନ ନ ହେଲେ ଅନୁଭବରେ ଆସିବ ନାହିଁ। ଜ୍ଞାନ ବିଜ୍ଞାନ ହେବା ଅର୍ଥ ନିଜ ସ୍ଥିତିରେ ଦୃଢ଼ ହେବ। ଆତ୍ମ ସଚ୍ଚିଦାନନ୍ଦ ସ୍ୱରୂପ। ଏହା ଆତ୍ମ ସ୍ଥିତି। ସତ ଏବଂ ଚିତ ଏକ ଏବଂ ଅଭିନ୍ନ। ଯେଉଁଠାରେ ସତ ଯେଉଁଠାରେ ଚିତ ସେଠାରେ ସ୍ୱତଃ ଆନନ୍ଦ ଅଭିବ୍ୟକ୍ତ ହେବେ। ଏହା ଏକ ଅନିର୍ବଚନୀୟ ସ୍ଥିତି। ପରମ ଆନନ୍ଦ, ପରମ ପ୍ରଶାନ୍ତିର ଏହା ଘନୀଭୂତ ରୂପ। ଚେତନାର ଜାଗରଣରେ ପରମ ଆନନ୍ଦ ପ୍ରାପ୍ତ ହୁଏ। ପ୍ରଥମେ ଗୁରୁ କିମ୍ବା ଜ୍ଞାନୀ ମାନଙ୍କ ମୁଖରୁ ଶୁଣିବା ଦରକାର। ଏହି ବିଷୟରେ ସ୍ୱାଧ୍ୟାୟ କରିବା ଉଚିତ। ତାପରେ ଯାହା ଶ୍ରବଣ ଓ ସ୍ୱାଧ୍ୟାୟରୁ ଜାଣିଲେ ତାହା ବିଷୟରେ ମନନ କରିବା ଦରକାର। ଏହି ବିଚାର ଗଭୀର ହେଲେ ଧୀରେ ଧୀରେ ଧ୍ୟାନରେ ମନ ନିମଗ୍ନ ହୋଇଯିବ। ଗଭୀର ଧ୍ୟାନ ଦ୍ୱାରା ଆତ୍ମସାକ୍ଷାତକାର ସମ୍ଭବ ହୋଇପାରିବ। ସେତେବେଳେ ସ୍ୱତଃ ଅନୁଭବ ହେବ 'ତତ ତ୍ୱମ ଅସି'। ମୁଁ ହିଁ ସେହି ଅନିର୍ବଚନୀୟ ସତ୍ତା। ମୁଁ ଏକ ଏବଂ ଅଭିନ୍ନ।

ଧ୍ୟାନ ବିନା ଜ୍ଞାନ ନାହିଁ। ଧ୍ୟାନ ହେଉଛି ଏକତ୍ୱ ଅନୁଭବର ସାଧନା। ନିୟମିତ ଧ୍ୟାନ ସାଧକକୁ ଅଧିକରୁ ଅଧିକ ଅନ୍ତର୍ମୁଖୀ କରିଥାଏ। ଧ୍ୟାନ ଦ୍ୱାରା ମନ ସୂକ୍ଷ୍ମର ସୂକ୍ଷ୍ମତର ହୋଇ ଶେଷରେ ଆତ୍ମ ଚେତନାରେ ନିମଜ୍ଜିତ ହୋଇଯାଏ। ଆତ୍ମ ଚେତନା ସହ ଏକାକାର ହେବା ହେଉଛି ଅମୃତ ପ୍ରାପ୍ତି। ଏକଦା ଅମୃତ ପ୍ରାପ୍ତି ପାଇଁ ବିଶ୍ୱର ଦୁଇ ବୃହତ ଶକ୍ତି ଦେବ ଓ ଦାନବ ମାନେ ଏକତ୍ରିତ ହୋଇ ସମୁଦ୍ର ମନ୍ଥନ କରିଥିଲେ। ସମୁଦ୍ର ମନ୍ଥନରୁ ଅନେକ ଅମୂଲ୍ୟ ବସ୍ତୁ ସହିତ ଅମୃତ ପ୍ରକଟ ହୋଇଥିଲେ। ମନ୍ଥନ ପ୍ରଭାବରେ ପ୍ରଥମେ ହଳାହଳ ବିଷ ପ୍ରକଟ ହୋଇଥିଲା। ସମୁଦ୍ର ମନ୍ଥନ ହେଉଛି ପ୍ରତୀକାତ୍ମକ ଭାବେ ମାନସ ମନ୍ଥନ। ସେହିଭଳି ଧ୍ୟାନ ହେଉଛି ମାନସ ମନ୍ଥନ। ମନର ମୂଳେ ଏ ଜଗତ। ଆମରି ମନତିର ବିଷ, ଆମରି ମନରେ ଅମୃତ। ମନ ହେଉଛି ରତ୍ନଗର୍ଭା ରତ୍ନାକର। ଆପଣାର ସମସ୍ତ ଶକ୍ତି ଲଗାଇ ଧ୍ୟାନ କରିବାକୁ ପଡ଼ିଥାଏ। ଧ୍ୟାନ କଲେ ଅନନ୍ତ ଜନ୍ମରୁ ସଞ୍ଚିତ ପାପ କର୍ମର ଫଳ ପ୍ରଥମେ ସମ୍ମୁଖକୁ ଆସିଥାଏ ଶେଷରେ ଅମୃତ ପ୍ରକଟ ହୋଇଥାନ୍ତି। ଆତ୍ମ ଅନୁଭବ ହେଉଛି ଅମୃତ ପ୍ରାପ୍ତି। ଏହା ସମାଧିର ଗଭୀରତମ ଅବସ୍ଥାରେ ଅନୁଭୂତ ହୋଇଥାଏ। ଆମର ସମସ୍ତ ସାଧନାର ମୂଳ ହେଉଛି ଶାଶ୍ୱତ ଶାନ୍ତି ଏବଂ ପରମାନନ୍ଦ ପ୍ରାପ୍ତି। ଏଥିପାଇଁ ଧ୍ୟାନ ହେଉଛି ପ୍ରଶସ୍ତ ପଥ। ଧ୍ୟାନ କରିବା ନୁହେଁ ଧ୍ୟାନ ସ୍ୱାଭାବିକ ଭାବେ ସ୍ୱତଃ ହୋଇଟିବା ଉଚିତ। ଗଭୀର ପ୍ରେମ ହେଉଛି ଗଭୀର ଧ୍ୟାନର ଆଧାର। ଜଣେ ମା'ର ତା ନବଜାତ ଶିଶୁ ପ୍ରତି ମାନସିକ ଆକର୍ଷଣ, ପ୍ରେମିକ ପ୍ରେମିକାଙ୍କର ମାନସିକ ଆକର୍ଷଣ ଭଳି ଈଶ୍ୱରଙ୍କ ପ୍ରତି ଆକର୍ଷଣ ହେବା ଦରକାର। ସତସଙ୍ଗ, ସ୍ୱାଧ୍ୟାୟ, ଶ୍ରଦ୍ଧା, ଭକ୍ତି, ପ୍ରେମ ଧୀରେ ଧୀରେ ଧ୍ୟାନରେ ରୂପାନ୍ତର ହୋଇଯାଏ। ସେତେବେଳେ ଧ୍ୟାନ କରିବାକୁ ପଡ଼େ ନାହିଁ। ଧ୍ୟାନ ସ୍ୱତଃ ହୋଇଯାଏ। ଭଗବାନ ଶ୍ରୀମଦ ଭଗବତ ଗୀତାରେ କହିଛନ୍ତି - 'ତସ୍ମାସର୍ବେଷୁ କାଳେଷୁ ମାମନୁସ୍ମର ଯୁଧ ଚ। ମର୍ଯ୍ୟାର୍ପିତ ମନୋବୁଦ୍ଧିର୍ମାମେ ବୈଷ୍ୟସ୍ୟ ସଂଶୟ' ଅର୍ଥାତ୍ ତୁମେ ସବୁ ସମୟରେ ମୋତେ ସ୍ମରଣକର ଏବଂ ଯୁଦ୍ଧ କର। (ଯୁଦ୍ଧ ଅର୍ଥ ଏଠାରେ କର୍ତ୍ତବ୍ୟ କର୍ମ) ମୋ ଠାରେ ମନବୁଦ୍ଧି ଅର୍ପଣ କଲେ ନିଃସନ୍ଦେହରେ ମୋତେ ହିଁ ପ୍ରାପ୍ତି ହେବ। ଏହା ହେଉଛି ସବୁ ସାଧନାର ମୂଳ ବୀଜ। ପ୍ରେମ ଭକ୍ତିର ସହିତ ଈଶ୍ୱରାନୁରାଗ ଧୀରେ ଧୀରେ ସାଧନାର ଗଭୀରତମ ପ୍ରଦେଶ ସୂକ୍ଷ୍ମାତି ସୂକ୍ଷ୍ମ ସମାଧି ଆଡ଼କୁ ଟାଣି ନେବ। ପରମ ପ୍ରଶାନ୍ତି, ପରମ ଆନନ୍ଦ କୌଣସି ଗ୍ରନ୍ଥ ବା ମଠ ମନ୍ଦିର, ମସଜିଦ, ଚର୍ଚ୍ଚ ଆଦିରେ ମିଳେ ନାହିଁ। ଏହା ଅନ୍ତକରଣର ସଞ୍ଚିତ ଗୁପ୍ତଧନ। ଗଭୀର ଧ୍ୟାନ ଦ୍ୱାରା ମାନସ ମନ୍ଥନ କରି ଅପାର ଆନନ୍ଦର ଅମୃତ ଧାରା ପାନ କରିବାକୁ ହୋଇଥାଏ। ଅମୃତ ଆନନ୍ଦ ସମସ୍ତଙ୍କୁ ପ୍ରାପ୍ତ ହେଉ।



# ନିଆରା କାରିଗରି

ଜାପାନର କଳାକାର କୋତେତ୍‌ସୁ ଜାପାନର ପାରମ୍ପାରିକ କାଗଜ କଳା ଓ ଫଟୋଗ୍ରାଫର ସଙ୍ଗମରେ ସୃଷ୍ଟି କରିଛନ୍ତି ନିଆରା କାରିଗରି। ସେ କାର୍ଟୁନ ହିରୋଇନ୍‌ଙ୍କର ଚିତ୍ର କରି ତାଙ୍କୁ ପାରମ୍ପାରିକ ଉପାୟରେ କାଟି ବିଭିନ୍ନ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ସ୍ଥାନରେ ତାକୁ ଦେଖାଇ ଫଟୋ ଉଠାନ୍ତି। ସେ ଏଭଳି ଭାବେ ଫଟୋ ଉତୋଳନ କରିଥାଆନ୍ତି ଯେ, ଲାଗେ ସତେ ଯେମିତି ପ୍ରକୃତିର ବିଭିନ୍ନ ରଙ୍ଗରେ କାଗଜର କାରିଗରିଗୁଡିକ ରଙ୍ଗିନ ହୋଇ ଜୀବନ୍ତ



ହୋଇ ଉଠନ୍ତି। ଅର୍ଥାତ୍ କୋତେତ୍‌ସୁ ରଙ୍ଗିନ ପେନ୍‌ସିଲ୍ ଅବା ରଙ୍ଗ ତୁଳୀ ସାହାର୍ଯ୍ୟରେ କାର୍ଟୁନ ଚରିତ୍ରଗୁଡିକରେ ରଙ୍ଗ ନ ଭରି କେତେବେଳେ ରଙ୍ଗିନ ଫୁଲ ବଗିଚା ତ କେବେ ସୂର୍ଯ୍ୟୋଦୟ ସୂର୍ଯ୍ୟାସ୍ତ, ଆଉ କେବେ ନୀଳ ଆକାଶର ଭସା ବାଦଲ ଦୃଶ୍ୟରେ ଏହି କାଗଜ କଳାରେ ରଙ୍ଗ ଭରନ୍ତି। କୋତେତ୍‌ସୁଙ୍କର ଏହି କଳାକୁ ସୋସିଆଲ ମିଡିଆରେ ବେଶ୍ ପ୍ରଶଂସା କରାଯାଉଛି।

# ବଲିଉଡ୍‌ରେ ଆକ୍ଟିଂ କରିବା କଷ୍ଟ



ବଲିଉଡ୍‌ରେ ଏଂଟ୍ରି କରିବା ଯେତିକି କଷ୍ଟ, ତାଠାରୁ ଅଧିକ କଷ୍ଟ ଏଠାରେ ନିଜର ରିଲ୍ ଲାଇଫକୁ କଂଟିନ୍ୟୁ କରିବା। ତଥାପି ମୋର ନିଜ ଉପରେ ଭରସା ରହିଛି। ସମୟ ଆସିବ ମୋତେ ଭଲ ଅଫର ମିଳିବ ବୋଲି କହନ୍ତି ହେମାଲ ଇଙ୍ଗ୍‌ଲେ। ହିନ୍ଦୀ ସିନେମା 'ସାଇରତ୍'ରେ ତାଙ୍କୁ ବ୍ରେକ୍ ମିଳିଥିଲା। ଆରମ୍ଭରୁ ହିଁ ଭାଗ୍ୟ ତାଙ୍କର ସାଥ ଦେଇ ନଥିଲା। ପ୍ରଥମ ସିନେମାଟି ତାଙ୍କ କ୍ୟାରିୟରକୁ ମାଇଲେଜ ଦେବ ବୋଲି କେତେ ଆଶା ରଖିଥିଲେ ସେ। ହେଲେ ସବୁକିଛି ପାଣି ଫୋଟକା ପରି ମିଳାଇଗଲା। ହେଲେ ଏବେ ସେ ନିଜ କ୍ୟାରିୟରକୁ ନୂଆ ରୂପରେ ଆରମ୍ଭ କରିବାକୁ ମାଇଣ୍ଡ ମେକଅପ୍ କରିଛନ୍ତି। ନିକଟରେ ସେ ଏକ ଅନଟାଇଲଡ ସିନେମା ସାଇନ୍ କରିଛନ୍ତି। ନାରୀକେନ୍ଦ୍ରିକ ଏହି ଫିଲ୍ମରେ ତାଙ୍କୁ ମିଳିଛି ନିଜର ମନଲାଖି ଭୂମିକା। ତା ସହ ଏକ ୱେବ୍ ସିରିଜ୍‌ରେ ମଧ୍ୟ ହେମାଲ ଅଭିନୟ କରୁଛନ୍ତି। ଦଶଟି ଏପିସୋଡ୍ ବିଶିଷ୍ଟ ଏହି ସରିଜ୍ ଯୁଦ୍ଧ ଉପରେ ଆଧାରିତ ଏବଂ ଏଥିରେ ତାଙ୍କର ଭୂମିକାଟି ହେଲା 'ରାଧା'। ଏ ନେଇ ସେ କହନ୍ତି, ଅତୀତରେ ଯାହା ଘଟିଗଲା ତାହାର ପୁନରାବୃତି ହେଉ ତାହା ମୁଁ ଚାହେଁନା। ଏଣିକି ଆକ୍ଟିଂ କ୍ୟାରିୟରରେ ମାପିଚୁପି ପାଦ ରଖିବି। ନିକଟରେ ଏକ ଭଲ କାହାଣୀକୁ ଆଧାର କରି ନିର୍ମିତ ହେବାକୁ ଯାଉଥିବା ସିନେମାଟିଏ ସାଇନ୍ କରିଛି। ଖାସ୍ କଥା ହେଲା ଏଥିରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହା ମୋ କ୍ୟାରିୟରକୁ ମାଇଲେଜ ଦେବ ବୋଲି ଆଶା ରଖିଛି। ତେବେ ଆଗକୁ ବଲିଉଡ୍‌ରେ ହେମାଲ କି କମାଲ୍ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ଥାଇଲାଣ୍ଡର ଡେଭିଡ୍ ମନ୍ଦିର

ଦେବାଦେବୀଙ୍କ ମନ୍ଦିର ସହ ଅନେକ ସମୟରେ କିଛି ଅଜବ ମନ୍ଦିର ବି ସାରା ପୃଥିବୀରେ ଦେଖିବାକୁ ମିଳେ। କିଛି ସ୍ଥାନରେ ତ ଲୋକଙ୍କ ପ୍ରିୟ ତାରକା, ସେ ସିନେ ତାରକା ହୁଅନ୍ତି କି ଖେଳ ତାରକାଙ୍କ ମନ୍ଦିର ବି ରହିଛି। ସେହିଭଳି ଏକ ମନ୍ଦିର ଥାଇଲାଣ୍ଡରେ ବି ଅଛି। ଉକ୍ତ ମନ୍ଦିରର ନାମ 'ପରୱିତ୍'। କିନ୍ତୁ ଏହା ବେଶ୍ ପରିଚିତ ଡେଭିଡ୍ ବେକହାମ୍ ମନ୍ଦିର ଭାବେ। କାରଣ ଏହି ବୌଦ୍ଧ ମନ୍ଦିରରେ ଫୁଟବଲ ତାରକା ଡେଭିଡ୍ ବେକହାମଙ୍କର ଏକ ସୁନାର ମୂର୍ତି ରହିଛି। ଏହି ମୂର୍ତିକୁ ୧୯୯୯ରେ ମନ୍ଦିରରେ ସ୍ଥାପନ କରାଯାଇଥିଲା, ଯେବେ ମାଂଚେଷ୍ଟର ଇଂଲିଶ କ୍ଲବ ଗୋଟିଏ ସିଜିନରେ ଲଗାତର ତିନୋଟି ଟ୍ରଫି ନିଜ ନାମରେ କରିଥିଲା। ଏଠାରେ ଡେଭିଡ୍ ବେକହାମ୍‌ଙ୍କ ମୂର୍ତିକୁ ହିନ୍ଦୁଧର୍ମର ପୌରାଣିକ ଚରିତ୍ର ଗରୁଡ଼ଙ୍କୁ ସ୍ଥାପିତ କଲା ଭଳି ସ୍ଥାପନ କରାଯାଇଛି। ମନ୍ଦିରରେ ୱୁଲଭେରିନ୍, ସୁପରମ୍ୟାନ୍, ପପେ ଦ ସେଲର, କ୍ୟାପଟେନ୍ ଆମେରିକା, ପିକାଚୁ ବିଭିନ୍ନ କାର୍ଟୁନ ଚରିତ୍ର ଓ ସୁପର






ହିରୋଙ୍କର ବି ମୂର୍ତି ରହିଛି। ବିଶ୍ୱାସ କରାଯାଏ ଏହି ଚରିତ୍ର ସବୁ ଭଲର ପ୍ରତୀକ। ଆଉ ଏମାନେ ବୌଦ୍ଧଧର୍ମର ରକ୍ଷା କରିପାରିବେ।

# ଦୋଛକିରେ କିଆରା



କିଆରା ଆଡଓ୍ୱାନୀ ଦୋଛକିରେ ପଡିଯାଇଛନ୍ତି। ତାଙ୍କ ପାଇଁ ପରିସ୍ଥିତି ଏଣୁ ମାରିଲେ ଗୋହତ୍ୟା ତେଣୁ ମାରିଲେ ବ୍ରହ୍ମ ହତା ପରି ହୋଇଛି। କଥା କଣ କି, ନିକଟରେ ଏକ ନୂଆ ସିନେମାରେ ଅଭିନୟ କରିବାକୁ ତାଙ୍କର ଅଫର ମିଳିଛି। ଏହାର କାହାଣୁ ପୁଣି ସେଥିରେ ନିଜ ଭୂମିକାକୁ ନେଇ ବେଶ୍ ଖୁସି ଅଛନ୍ତି କିଆରା। ହେଲେ ତା ଭିତରେ ଟିକେ କେଁ ରହିଯାଇଛି। ଏଥିରେ ତାଙ୍କୁ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡିବ। ବାସ୍ ସେଥିପାଇଁ ତାଙ୍କର ଟେନସନ୍ ବଢ଼ିଯାଇଛି। ଏ ନେଇ କିଆରା କହନ୍ତି, ଏହି ନୂଆ ଫିଲ୍ମର କାହାଣୀ ଏବଂ ମୋ ଭୂମିକା କେହି କାହାକୁ କମ୍ ନୁହେଁ। ହେଲେ ଏଥିରେ ମୋତେ ଯେଉଁ ବୋଲ୍ଡ ଶଟ୍ ଦେବାକୁ କୁହାଯାଉଛି ତାହା ମୋ ପାଇଁ ଟେନସନ୍ ବଢ଼ାଇଦେଇଛି। ମୁଁ ଯେତିକି ବୁଝିଛି, ଏପରି ସିନ୍‌ର କାହାଣୀ ସହ ସେପରି ସଂଯୋଗ ନାହିଁ। ହେଲେ ଯଦି ମୁଁ ମନା କରିବି ତେବେ ଭଲ ସୁଯୋଗଟିଏ ହାତରୁ ଖସିଯିବ। ତେଣୁ ମୁଁ କଣ କରିବି କିଛି ଜାଣିପାରୁନାହିଁ। ତଥାପି ଏଥିପାଇଁ ମୁଁ କିଛି ଦିନ ସମୟ ଚାହିଁଛି ଓ ପ୍ରଯୋଜକ ସେ ନେଇ ରାଜି ଅଛନ୍ତି। ଯାହା ହେଲେ ବି ମୋତେ କିଛି ଫାଇନାଲ କରିବାକୁ ପଡିବ। ସେପଟେ ଶୁଣିବାକୁ ମିଳୁଛି ଏପରି ସିନ୍ ପାଇଁ କିଆରା ଅଧିକ ପାରିଶ୍ରମିକ ଦାବି କରୁଛନ୍ତି।

# ଯକ୍ଷ୍ମା ରୋଗୀଙ୍କ ପାଇଁ ଗଙ୍ଗଶିଉଳି ପତ୍ର ଲାଭପ୍ରଦ



ଆମର ସାମାନ୍ୟତମ ଦେହ ଅସୁସ୍ଥ ହେଲେ ଆମେ ତତ୍‌କ୍ଷଣାତ୍ ଡାକ୍ତରଖାନା ଯିବାକୁ ପସନ୍ଦ କରିଥାନ୍ତି। ମାତ୍ର ଏମିତି ଅନେକ ଔଷଧୀୟ ଗଛ ଆମ ଚାରିପାଖରେ ଥାଇ ମଧ୍ୟ ଆମେ ତାହାକୁ ଚିହ୍ନି ପାରନ୍ତି ନାହିଁ। ଆଜି ସେମିତି କିଛି ଗଛ ସମ୍ପର୍କରେ ଆଲୋଚନା କରିବା, ଯେଉଁଗୁଡିକ ବେଶ୍ ଆବଶ୍ୟକୀୟ ଏବଂ ଆମ ହାତ ପାହାନ୍ତାରେ ମିଳିଥାଏ। ଯଦି ଆପଣ ଯକ୍ଷ୍ମା ରୋଗରେ ଆକ୍ରାନ୍ତ ତେବେ ଗଙ୍ଗଶିଉଳୀ ଗଛର ପତ୍ର ଆପଣଙ୍କ ସକାଶେ ଖୁବ୍ ଲାଭପ୍ରଦ। ଦୈନିକ ସକାଳୁ ଦୁଇ ଚାରୋଟି ଗଙ୍ଗଶିଉଳୀ ପତ୍ର ନେଇ ବାଟି କରି ପିଅନ୍ତୁ। ଆପଣ ଅପେକ୍ଷାକୃତ ସୁସ୍ଥ ରହିବେ। ଆପଣଙ୍କ ବାଡ଼ିରେ ମଂଜୁଆତି ଗଛ ଅଛି କି ? ଏହାର ପତ୍ର ମଧ୍ୟ ଖୁବ୍ ଉପକାରୀ। ଯଦି ଆପଣଙ୍କର କେଶ ଝଡ଼ିବା ସମସ୍ୟା ରହିଛି ତେବେ ଏହି ପତ୍ରକୁ ବାଟି କରି ମୁଣ୍ଡରେ ଲଗାନ୍ତୁ। ଦେଖିବେ କେଶ ଝଡ଼ିବା ସମସ୍ୟା କମ୍ ଅନୁଭୂତ ହେବ। ଏହା ବ୍ୟତୀତ ଭୃଷଙ୍ଗ ଓ ଧନିଆ ଗଛର ପତ୍ର ବି ଖୁବ୍ ଭଲ ଦେହ ପାଇଁ। ଏହି ଦୁଇଟି ଯାକ ପତ୍ର ପେଟ ସମସ୍ୟା ଦୂର କରିଥାନ୍ତି। ଡାଲିରେ ପକାଇ ଛୁଙ୍କ ମାରନ୍ତୁ କିମ୍ବା କଂଚା ଖାଆନ୍ତୁ ଏହାକୁ ଖାଇଲେ ହଜମ ଭଲ ହୋଇଥାଏ। ପିଆଜ ପତ୍ର ବି ଆପଣଙ୍କ ପାଇଁ ଖୁବ୍ ଲାଭଦାୟ। ଏହାକୁ ଲୋକେ ପିଆଜ ଷଣ୍ଢା ନାମରେ ଜାଣନ୍ତି। ଏହାକୁ ଖାଇଲେ ଥଣ୍ଡା, ଶ୍ୱାସ, କଫ ସମସ୍ୟା ଦୂର ହୋଇଥାଏ। ନିମ୍ବ ଗଛ ଯଦି ବାଡ଼ିରେ ଅଛି ଆପଣଙ୍କର ଆଉ ଚର୍ମ ରୋଗ ହେବ ନାହିଁ। ଲିମ୍ବ ପତ୍ର ଦୈନିକ ୭, ୮ଟି ବାଟି କରି କିମ୍ବା ସିଝାଇ କରି ତାହାର ପାଣି ପିଅନ୍ତୁ। ଚର୍ମ ରୋଗ ସମ୍ପୂର୍ଣ୍ଣ ଭଲ ହୋଇଯିବ।

# ଆମ୍ବର ଦାମ୍ ଏକ କିଲୋକୁ ୩ ଲକ୍ଷ

ସାଧାରଣତଃ ଅନ୍ୟାନ୍ୟ ଜିନିଷ ଅଥବା ଖାଦ୍ୟ ଜିନିଷ ତୁଳନାରେ ବିଭିନ୍ନ ପ୍ରକାର ଫଳର ମୂଲ୍ୟ ଅଧିକ ଥାଏ। କିଛି ଫଳର ମୂଲ୍ୟ ୨୦୦ରୁ ୩୦୦ କିଲୋ ପ୍ରତି ମିଳିଥାଏ। ମାତ୍ର ଏପରି କିଛି ଫଳ ରହିଛି ଯାହାର ମୂଲ୍ୟ ଲକ୍ଷ ଲକ୍ଷ ଟଙ୍କା ରହିଛି। ଆଜ୍ଞା ହିଁ, କଥାଟା କାନକୁ ଆଶ୍ଚର୍ଯ୍ୟ ଲାଗିଲେ ମଧ୍ୟ ସତ। ଜାଣନ୍ତୁ ସେଭଳି କିଛି ମହଙ୍ଗା ଫଳ ବିଷୟରେ...। 'ତାଇୟୋ ନୋ ତାମାଗୋ' ଏକ ପ୍ରକାର ଫଳ। ଏହା ହେଉଛି ଏକ ପ୍ରକାର ଆମ୍ବ। ଯାହା ଦୁନିଆର ସବୁଠାରୁ ମହଙ୍ଗା ଆମ୍ବ ବୋଲି ଜଣାଶୁଣା। ଏହି ଆମ୍ବ ଜାପାନର ମିୟାଜାକି ପ୍ରଦେଶରେ ଚାଷ କରାଯାଏ। ଏହାପରେ ସାରା ଦେଶରେ ବିକ୍ରି ହୋଇଥାଏ। ଏହି ଆମ୍ବର ଏକ କିଲୋଗ୍ରାମ୍‌ର ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଅଧିକ। ୟୁବ୍ରି ମେଲନ (ଏକ ପ୍ରକାର ତରଭୂଜ) ଦୁନିଆର ସବୁଠାରୁ ମହଙ୍ଗା ଫଳ ବୋଲି କୁହାଯାଏ। ଏହି ଫଳ ମଧ୍ୟ ଜାପାନରେ ଚାଷ କରାଯାଏ ଏବଂ ବିକ୍ରି ହୋଇଥାଏ। ଏହା ଜାପାନ ବାହାରକୁ ଖୁବ୍ କମ୍ ରପ୍ତାନୀ ହୋଇଥାଏ। ଏହି ପ୍ରକାର ତରଭୁଜ ସୂର୍ଯ୍ୟକିରଣଠାରୁ ଦୂରରେ ଥିବା ସବୁଜ ଗୃହରେ ଚାଷ କରାଯାଏ। ଆପଣଙ୍କୁ ଆଶ୍ଚର୍ଯ୍ୟ ଲାଗିପାରେ ଏହି ଫଳର ୨ଟିର ମୂଲ୍ୟ ପ୍ରାୟ ୨୦ ଲକ୍ଷ ଟଙ୍କା। ଆପଣ ଅନେକ ତରଭୁଜ ଦେଖିଥିବେ ଓ ଖାଇଥିବେ। ମାତ୍ର କେବେ ବର୍ଗାକାର ତରଭୁଜ ଦେଖିଛନ୍ତି କି ? ଆଜ୍ଞା ହଁ ଦୁନିଆରେ କେବଳ ଗୋଲାକାର ନୁହେଁ ବରଂ ବର୍ଗକାର ତରଭୁଜ ମଧ୍ୟ ରହିଛି। ଏଗୁଡିକ ଜାପାନରେ ଚାଷ କରାଯାଏ। ଏହି ତରଭୁଜର ମୂଲ୍ୟ ପ୍ରାୟ ୬୦ ହଜାର ଟଙ୍କା। ଏହାର ଓଜନ ୫ କିଲୋ ହେବ। ବାସ୍ତବରେ ଏହି ତରଭୁଜ ବର୍ଗାକାର ହେବାର କାରଣ ଏକ ପ୍ରକାର ବର୍ଗାକାର ବାକ୍ସ ଭିତରେ ରଖି ଏହାକୁ ଚାଷ କରାଯାଏ। ହଳଦିଆ ରଙ୍ଗ ଦେଖାଯାଉଥିବା ଏହି ସପୁରୀ ଦୁନିଆର ସବୁଠାରୁ ମହଙ୍ଗା ଫଳ ମଧ୍ୟରୁ ଗୋଟିଏ। ଏହାକୁ ଇଂଲଣ୍ଡର 'ଲଷ୍ଟ ଗାର୍ଡେନ୍ସ ଅଫ୍ ହେଲିଗନ'ରେ ଚାଷ କରାଯାଏ। ଏହି କାରଣରୁ ଏହାକୁ 'ଲଷ୍ଟ ଗାର୍ଡେନ୍ସ ଅଫ୍ ହେଲିଗନ ପାଇନାପୁଲ୍ସ'ର ନାମରେ ଏହା ଜଣାଶୁଣା। ଏହା ପ୍ରସ୍ତୁତ ହେବାକୁ ପ୍ରାୟ ୨ ବର୍ଷ ସମୟ ଲାଗିଥାଏ। ଏହି ସପୁରୀ ଗୋଟିଏର ମୂଲ୍ୟ ପ୍ରାୟ ୧ ଲକ୍ଷ ଟଙ୍କା। ରୁବି ରୋମାନ। ଏହା ଏକ ପ୍ରକାର ଅଙ୍ଗୁର। ଏହା ଜାପାର ସବୁଠାରୁ ମହଙ୍ଗା ଫଳ ଭାବେ ଜଣାଶୁଣା। ଗୋଟିଏ ଅଙ୍ଗୁର ପେନ୍ଥାର ମୂଲ୍ୟ ପ୍ରାୟ ୭ ଲକ୍ଷ ଟଙ୍କାରୁ ଅଧିକ। ମହଙ୍ଗା ହେତୁ ଏହି ଅଙ୍ଗୁରକୁ ଧନୀମାନଙ୍କର ଫଳ ବୋଲି କୁହାଯାଏ।

# ୨୮୦ ବୋତଲ କଫସିରିଫ ଜବତ, ୧ ଗିରଫ



ପାଟଣାଗଡ଼୧୮/୮ (ନି.ପ୍ର): ପାଟଣାଗଡ ବ୍ଲକ ଲରମ୍ଭା ଥାନା ଅନ୍ତର୍ଗତ ତମିଆଁ ବ୍ରିଜ୍‌ଠାରେ ଅବକାରୀ ବିଭାଗ ପକ୍ଷରୁ ଜଣେ ୧୯ ବର୍ଷିଆ ଯୁବକଙ୍କଠାରୁ ୨୮୦ବୋତଲ ବେଆଇନ୍ କଫ ସିରିଫ ଜବତ କରିବା ସହ ଯୁବକକୁ ଗିରଫ କରିବି । ଖରିଫ ହୋଇଥିବା ଯୁବକ ଜଣକ ହେଲେ ବରଗଡ ଜିଲ୍ଲା ଭେଡେନ ଥାନା ଅନ୍ତର୍ଗତ ଗୌରେନମୁଣ୍ଡା ଗାଁର ଜିତୁ ବନଛୋର । ଜିତୁର କୋଭିଡ ପରୀକ୍ଷା ପରେ କୋର୍ଟ ଚାଲଣ କରିଥିବା ଅବକାରୀ ଥାନା ଅଧିକାରୀ ସତ୍ୟନାରାୟଣ ଦାସଙ୍କଠାରୁ ଜଣାପଡିଛି । ସୂଚନା ଅନୁସାରେ ଜିଲ୍ଲା ସୁପରିଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶ କ୍ରମେ ପାଟଣାଗଡ ଅବକାରୀ ଥାନା ଅଧିକାରୀ ସତ୍ୟନାର୍ରାଣ ଦାସ ତମିଆଁ ବ୍ରିଜ ନିକଟରେ ବେଆଇନ କଫ ସିରଫ ଚାଲାଣ ହେବାକୁ ଯାଇଥିବା ଖବର ପାଇଥିଲେ । ଆଜି ଭୋର ସକାଳୁ ଅବକାରୀ ବିଭାଗର ଏକ ଟିମ ବାହାରି ତମିଆଁ ବ୍ରିଜ ପଟକୁ ଯାଇଥିଲେ । ସେ ସମୟରେ ତମିଆଁ ବ୍ରିଜ୍ ଉପରେ ଜଣେ ଯୁବକ ଏକ ବସ୍ତା ଧରି ଏକୁଟିଆ ଛିଡା ହୋଇଥିଲା । ଯୁବକଙ୍କୁ ଉପରେ ମୃତଦେହ କରି ପ୍ରଥମେ ଯୁବକଙ୍କୁ କାବୁ କରି ନେଇ ସେ ଧରିଥିବା ବସ୍ତାକୁ ଯାଞ୍ଚ କରିଥିଲେ । ବସ୍ତା ଭିତରୁ ୨୮୦ ବୋତଲ ବେଆଇନ କଫ ସରିଫ ଥିବା ଦେଖିବାକୁ ପାଇଥିଲେ । ବେଆଇନ କଫ ସିରଫର ଆନୁମାନିକ ବଜାର ମୂଲ୍ୟ ୬୦ ହଜାର ଟଙ୍କା ହେବ ବୋଲି ଜଣାପଡିଛି ।

## ଗୁରୁକୂଳ ପାଠଶାଳାରେ ଆଜାଦିକା ଅମୃତ ମହୋତ୍ସବ

ପୁରୀ, ୧୮/୮ (ନି.ପ୍ର): ଗୁରୁକୂଳ ବେଦ ପାଠଶାଳା ପକ୍ଷରୁ ୭୬ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଚରକ ନଗର ସ୍ଥିତ ପାଠଶାଳାରେ ୩ଦିନ ବ୍ୟାପି ଆଜାଦିକା ଅମୃତ ମହୋତ୍ସବର ଆୟୋଜନ କରାଯାଇଥିଲା । ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୂଳସଚିବ ତଥା ପାଠଶାଳାର ସଭାପତି ରାମଚନ୍ଦ୍ର ମିଶ୍ର କାର୍ଯ୍ୟକ୍ରମର ଉଦ୍‌ଘାଟନ କରି ଦେଶର ମୁକ୍ତିଯୋଦ୍ଧାମାନଙ୍କ ଦେଶପ୍ରୀତି ସମ୍ପର୍କରେ ଆଲୋଚନା କରିଥିଲେ । ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ଼କ୍ଟର ରବିଶଙ୍କର ମିଶ୍ର ସ୍ୱାଧୀନତା ସଂଗ୍ରାମୀ ଜୟୀ ରାଜଗୁରୁ ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କର ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ । ସ୍ୱାଧୀନତା ସଂଗ୍ରାମୀମାନଙ୍କ ଜୀବନୀ ସମ୍ପର୍କରେ ଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା ।

# ଡିଏଫ୍ ଓ ଅଫିସ ପରିସରରେ ୭୬ ତମ ଜାତୀୟ ପତାକା ଉତ୍ତୋଳନ



ବଲାଙ୍ଗୀର ୧୮/୮ (ନି.ପ୍ର): ବଲାଙ୍ଗୀର ଜଙ୍ଗଲ ବିଭାଗ ତରଫରୁ ପତାକା ଉତ୍ତୋଳନ କରିଥିଲେ । ବନ ବିଭାଗର ମୁଖ୍ୟ ନୀତିଶ କୁମାର ଏବଂ ଆଜାଦି କି ଅମୃତ ମହୋତ୍ସବ ପାଳିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ ବଲାଙ୍ଗୀର ଡିଏଫ୍‌ଓ ନିତୀଶ କୁମାର ଯୋଗ ଦେଇ ଜାତୀୟ ପତାକାକୁ ସକାଳ ପ୍ରାୟ ୮/୩୦ ମିନିଟ୍‌ରେ ଉତ୍ତୋଳନ କରିବା ସହ ଦେଶର ମହାନ ବରପୁତ୍ରଙ୍କ ବଳିଦାନ ସଂପର୍କରେ ସ୍ମୃତିଚାରଣ କରିଥିଲେ । ବନ ସଂରକ୍ଷଣ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ଜଙ୍ଗଲ ବିଭାଗ ହାତକୁ ନେଇଥିଲେ ବିଭିନ୍ନ ପଦକ୍ଷେପ ସଂପର୍କରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜଙ୍ଗଲ ବିଭାଗ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ ଓ ସମସ୍ତ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ଶେଷରେ ଜନସାଧାରଣଙ୍କ ମିଷ୍ଟାନ୍ନ ବଂଟନ କରାଯାଇଥିଲା । ବଲାଙ୍ଗୀର ଜିଲ୍ଲାରୁ ଅନ୍ତର୍ଯ୍ୟାମୀ ସାହୁଙ୍କ ରିପୋର୍ଟ ।

# ଜିଲ୍ଲାପାଳଙ୍କ ଗୁଡାରି ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ



ରାୟଗଡା୧୮/୮ (ନି.ପ୍ର): ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ ଆଜି ଗୁଡାରି ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀମତି ସ୍ୱଧା ଦେବୀ ସି, ଆରକ୍ଷୀ ଅଧିକକ୍ଷ ବିବେକାନନ୍ଦ ଶର୍ମା, ପିଡି, ଡିଆର୍‌ଡିଏ ଶ୍ରୀ ରବିନାରାୟଣ ତ୍ରିପାଠୀ, ଉପଜିଲ୍ଲାପାଳ ଗୁଣପୁର ଲୋକନାଥ୍ ଦଳବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଲାଲମୋହନ ରାଉତରାୟ, ପଂଚାୟତ ସମିତି ଅଧକ୍ଷ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ବରିହା, ପ୍ରକଳ୍ପ ନିର୍ଦ୍ଦେଶକ ଜଳଛାୟା ମିଶନ ଦୟାନିଧି ବାଘ, ନିର୍ବାହୀ, ଯନ୍ତ୍ରୀ, ଜିଲ୍ଲା ଗ୍ରାମୀୟ ଜଳଯୋଗଣ ସଂସ୍ଥା ରାୟଗଡ ଶ୍ରୀ ଚିତ୍ତରଂଜନ ଜେନା, ତହସିଲଦାର ଗୁଡାରି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ରମେଶ ଚନ୍ଦ୍ର ନାୟକ, ବିଡିଓ ନୃସିଂହ ଚରଣ ସେଠୀ ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଗୁଡିକର ଶୁଣାଣୀ କରିଥିଲେ । ଆଜି ମୋଟ ୧୩୨ଟି ଅଭିଯୋଗ ଜିଲ୍ଲାପାଳଙ୍କ ନଜରକୁ ଆସିଥିଲା । ସେଥି ମଧ୍ୟରେ ୧୦୭ ଟି ବ୍ୟକ୍ତିଗତ ଅଭିଯୋଗ ଥିଲାବେଳେ ୨୫ ଗୋଟି ଗ୍ରାମବାସୀ ମାନଙ୍କ ଅଭିଯୋଗ ଥିଲା । ଜିଲ୍ଲାପାଳ ୬ ଜଣଙ୍କୁ ୮୦ ହଜାର ଟଙ୍କା ମୁଖ୍ୟମନ୍ତ୍ରୀ ସହାୟତା କୋଷରୁ ପ୍ରଦାନ କରିଥିବାବେଳେ ଭେଡ କୁରସରୁ ଜଣକୁ ୭୫୦୦ ଟଙ୍କା ପ୍ରଦାନ କରିଥିଲେ । ଜିଲ୍ଲାପାଳ ଉକ୍ତ ଅଭିଯୋଗ ଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ଜିଲ୍ଲାପାଳ ତହସିଲଦାରଙ୍କ ତରଫରୁ ଦିଆଯାଉଥିବା ଉକ୍ତ ଅଭିଯୋଗ ଗୁଡିକୁ ପାଇଲା ପରେ ବିଭାର୍ଗୀ ଅଧିକାରୀ ମାନଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ଜିଲ୍ଲାପାଳ ତହସିଲଦାରଙ୍କ ତରଫରୁ ଦଆଯାଉଥିବା ବିଦ୍ୟାଳୟମାନଙ୍କୁ ଆରଓଆର ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ କନିଷ୍ଠ ଯନ୍ତ୍ରୀ ଓ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜନଜାତି ଓ ଜାତି ଉନ୍ନୟନ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ଏହାପରେ ସିରିଗୁଡି ଗ୍ରାମ ଅନ୍ତର୍ଗତ ନତାଜୀ ସୁଭାଷ ଚନ୍ଦ୍ର ବୋଷ ଉଚ୍ଚ ବିଦ୍ୟାଳୟ ବୁରୁକୁଡି, ମଧୁବନ ଗ୍ରାମ ଅନ୍ତର୍ଗତ ବୋଳିଗୁଡା ମିଶନ ଶକ୍ତି ପରିଦର୍ଶନ କରିଥିଲେ । ଓ ସ୍ୱୟଂ ସାହାୟକ ଗୋଷ୍ଠ ସଦସ୍ୟା ମାନଙ୍କୁ ସହିତ କରିଥିଲେ । ତାପରେ ପଲିଥିନି ଭିତରେ ମଧ ଚାଷକୁ ବୁଲିଦେଖିଥିଲେ ଓ ପ୍ରଶଂସା କରିଥିଲେ ।

# ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପାଠ ଅନୁଷ୍ଠିତ



ପାଟଣାଗଡ ୧୮/୮ (ନି.ପ୍ର): ଓଡିଆସାହିତ୍ୟ ଏକାଡେମୀ ପକ୍ଷରୁ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ପାଟଣେଶ୍ୱରୀ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପାଟଣାଗଡ ଠାରେ ସ୍ୱରଚିତ ଦେଶାତ୍ମବୋଧକ କବିତା ପାଠ ହୋଇଥିଲା । ଆୟୋଜକ ଦିଲ୍ଲୀପ କୁମାର ମିଶ୍ର ଓ ସଂଯୋଜକ ଆଶିଷ କୁମାର ଚନ୍ଦ୍ରଙ୍କ ସଂଯୋଜନାରେ ଅତିଥି ଭାବରେଡ ରବି ନାରାୟଣ ତ୍ରିପାଠୀ ଅବସରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ, ଶ୍ରୀଯୁକ୍ତ ଅରୁଣ କୁମାର ପଟ୍ଟନାୟକ, ସଭାପତି ସାଂସ୍କୃତିକ ପରିଷ ପାଟଣାଗଡ ଓ ଶ୍ରୀମତି ଭାଗ୍ୟଲତା ମେହେର, ଅଧକ୍ଷା (ଯୁକ୍ତ ଦୁଇ) ପାଟଣେଶ୍ୱରୀ ମହିଳା ମହାବିଦ୍ୟାଳୟର ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କୋଡିଏ ଜଣ କବି ନିଜର ସ୍ୱରଚିତ ଦେଶାତ୍ମବୋଧକ କବିତା ପାଠ କରିଥିଲେ । ଏହି ଅବସରରେ ସ୍ୱବ୍ୟମାଟୀ ମାଝୀ, ରାଜେଶ ଶ୍ରର୍ମା, ବିଶ୍ୱାସ ପଟ୍ଟନାୟକ, ଶିବ ପ୍ରସାଦ ପାଢ଼ୀ, ସନ୍ତୋଷ ଦାଶ ବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିବାବେଳେ ଶ୍ରୀ ଅଶୋକ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅମୃତ କଳସ ସୁନା ଗହଣା ଦୋକାନରୁ ଲୁଟ ଘଟଣା: ୪ ଡକାୟତି ଗିରଫ ଓ ଦେଶୀ ପିସ୍ତଲର ସହ ୨ଟି ଗୁଳି ଜବତ



ପାଟଣାଗଡ୧୮/୮ (ନି.ପ୍ର): ପାଟଣାଗଡରେ ଅମୃତ କଳସ ଗହଣା ଦୋକାନରୁ ଗତ ୬ ତାରିଖ ଦିନ ଦୋକାନୀ ମାଲିକଙ୍କୁ ମାରଣନ୍ତକ ଆକ୍ରମଣ କରି ୧ କେଜି ୫୦୦ ଗ୍ରାମ ସୁନା ଅଳଙ୍କାର ସହ ନଗଦ ୪୨ ହଜାର ଟଙ୍କା ଲୁଟ୍ କରି ନେଇଥିଲେ । ଉକ୍ତ ଘଟଣାକୁ କେନ୍ଦ୍ର କରି ପାଟଣାଗଡ ମାରଡି ସମାଜ ଓ ବଣିକ ସଂଘ ପକ୍ଷରୁ ଏସ୍‌ପିଙ୍କୁ ଭେଟ ଶିଘ୍ର ଡକାୟ ମାନଙ୍କୁ ଧରିବାକୁ ଦାବିପତ୍ରର ପ୍ରଦାନ କରିଥିଲେ । ପାଟଣାଗଡ ପୋଲିସ ଘଟଣାକୁ ଦୃଷ୍ଟିରେ ରଖି ଛାନ୍‌ଭିନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରି ପାଟଣାଗଡ ନିକଟସ୍ଥ ଗ୍ରାମ ପଂଚାୟତ ସମଲେଶ୍ୱର ଗାଁରୁ ଡାକ୍ତର ବର୍ଗତି, ଆମପୁରର ଆବାଜ ମେହେରା, ଓ ବରଗଡ ଜିଲ୍ଲାର ବିଜେପୁରର ଚନ୍ଦ୍ରମଣି ମେହେର, ଉଲୁଣ୍ଡାରୁ ଅଲେଖ ବଡିହାରିଙ୍କୁ ଧରି ଅଧିକ ପଚରାଉଚରା କରିଥିଲେ । ସେମାନଙ୍କ ଠାରୁ ଏକ ଦେଶୀ ପିସ୍ତଲ ୮ଏମ ଏମର ୨ଟି ଗୁଳି ସହ ୪୨ ହଜାର ୫୦୦ ଟଙ୍କା ଜବତ କରି ପାଟଣାଗଡ କୋର୍ଟ ଚାଲାଣ କରିଥିବା ନେଇ ପାଟଣାଗଡ ଏସ୍‌ପି ଓ ଜ୍ୟୋତିମୟ ଭୁକ୍ତ ସୂଚନା ଦେଇଛନ୍ତି । ଏହି ସମୟରେ ଥାନା ଅଧିକାରୀ ଅନ୍ତ ପ୍ରଧାନ ଉପସ୍ଥିତ ଥିଲେ ।

# ପୋଲିସରା ପ୍ରେସ୍ କ୍ଲବ୍ ପକ୍ଷରୁ ଏବଂ ଅଂଚଳରେ ସ୍ୱାଧୀନତା ଦିବସ ପାଳିତ



ପୋଲସରା ୧୮/୮ (ନି.ପ୍ର): ସ୍ୱାଧୀନତା ର ଅମୃତ ମହୋତ୍ସବ ପାଳନ ଅବସରରେ ପୋଲସରା ପ୍ରେସ୍ କ୍ଲବ୍ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏ ଉପଲକ୍ଷେ ଆଜକୁ ଜାତୀୟ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରେସ୍ କ୍ଲବର ବରିଷ୍ଠ ସାମ୍ବାଦିକ ହରି ହର ପାତ୍ର ଜାତୀୟ ପତାକା ଉତ୍ତୋଳନ କରିବା ସହତ ସ୍ୱାଧୀନଦତା ସଂଗ୍ରାମ ରେ ବିଭିନ୍ନ ସଂସ୍ଥା, ସଂଗଠନ ଓ ବ୍ୟକ୍ତି ବିଶେଷଙ୍କ ତାଗ ଓ ଅବଦାନ ସମ୍ପର୍କରେଆଲୋକପାତ କରିବା ସହିତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରେସ୍ କ୍ଲବର ଅଧକ୍ଷା କେ. ସୁମିତା ପାତ୍ର, ବରିଷ୍ଠ ସାମ୍ବାଦିକ କେ, ସନ୍ତୋଷ କୁମାର ପାତ୍ର, ସନ୍ତୋଷ କୁମାରପଣ୍ଡା, ସୀମାଞ୍ଚଳ ସାହୁ, ପ୍ରଗତି ବନ୍ଧୁ ଦାସ, ସୁଶାନ୍ତ ମହାରଣା, ନାରାୟଣ ସାହୁ, ଟି. ଆଶିଷ ସୁବୁଦ୍ଧି, ଅଧାପକ ସୁଶାନ୍ତ ସାହୁ, ଶିକ୍ଷକ ନେତା ପ୍ରକାଶ ଚନ୍ଦ୍ର ପ୍ରଧା. ଅବସରପ୍ରାପ୍ତ ଶିକ୍ଷକ ରାଧାଶ୍ୟାମ ପଣ୍ଡା, କେ ସୁଶାନ୍ତ କୁମାର ପାତ୍ର, କାହ୍ନୁଚରଣ ପ୍ରଧାନ, ସୁରେନ୍ଦ୍ର ଡାକୁଆ ଏବଂ କେ ସୁଧାଂଶୁ ଶେଖର ପାତ୍ର ପ୍ରମୁଖ ପତାକା ଉତ୍ତୋଳନ କାଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ସେହିପରି ଏହି ପୋଲସରା ଅଂଚଳର ସମସ୍ତ ସରକାରୀ ଓ ବେସରକାରୀ, ଶିକ୍ଷାନୁଷ୍ଠାନ, ବିଭିନ୍ନ ସଂଗଠନ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବ୍ୟବସାୟ ପ୍ରତିଷ୍ଠାନ, ସମସ୍ତ ସରକାରୀ ଓ ବେସରକାରୀ ଚିକିତ୍ସାଳୟ ସମସ୍ତ ଅଂଗନୱାଡି କେନ୍ଦ୍ର, ପୋଲିସ ଷ୍ଟେସନ, ବନବିଭାଗ କାର୍ଯ୍ୟାଳୟ ସିଡିପିଓ କାର୍ଯ୍ୟାଳୟ, କୋର୍ଟ ଏନ୍‌ଏସି କାର୍ଯ୍ୟାଳୟ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନରେ ବହୁ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ପାଳନ କରାଯାଇଥିବାବେଳେ ହର୍ ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ କରାଯାଇଥିଲା ।

# ଜାତୀୟ ପତାକା ଉତ୍ତୋଳନ କଲେ ଜଙ୍ଗଲ ଓ ପରିବେଶ ଓ ପଂଚାୟତିରାଜ ମନ୍ତ୍ରୀ ପ୍ରଦୀପ ଅମାନ



ବଲାଙ୍ଗୀର କଳାହାଣ୍ଡି ୧୮/୮ (ନି.ପ୍ର): ଜିଲ୍ଲା ସଦର ମହକୁମାଠାରେ ଜିଲ୍ଲା ସ୍ତରୀୟ ୭୬ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି ।। କରୋନା କଟକଣା ଯୋଗୁଁ କୋଭିଡ ନିର୍ଦ୍ଦେଶାବଳୀ ଅନୁସାର ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା । ଏହି ଉପଲକ୍ଷେ ପ୍ରତ୍ୟୁଷରୁ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ ସହରରେ ରାମଧ୍ୟାନ ପ୍ରଚାର କରାଯାଇଥିଲା । ସକାଳ ଘ୭.୩୦ମି. ସମୟରେ ସମସ୍ତ ସରକାରୀ ବେସରକାରୀ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନ ଗୁଡିକରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ସକାଳ ଘ ୭.୪୫ ମି ଠାରୁ ଗାନ୍ଧୀନଗରପଡା ସ୍ଥିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି, କଚେରୀ ଛକ ସ୍ଥିତ ଡ ବିଆର୍ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀ, ଗାନ୍ଧଈ ଭବନ ସମ୍ମୁଖସ୍ଥ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତୀ ଓ ଶିଶୁ ଉଦ୍ୟାନ ନିକଟସ୍ଥ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତୀରେ ଜିଲ୍ଲାପାଳ ଚଂଚଳ ରାଣା, ବଲାଙ୍ଗୀର ପୌରାଧକ୍ଷ ଲିକା ସାହୁ ଅତିରକ୍ତ ଜିଲ୍ଲାପାଳ ଲମ୍ବୋଦର ଧରୁଆ, ଅତିରିକ୍ତ ଜିଲ୍ଲାପାଳ ରାଜ୍ୟ ମହେନ୍ଦ୍ର କୁମାର ମହାପାତ୍ରଙ୍କ ସମେତ ସହରର ମାନ୍ୟଗଣ୍ୟ ବ୍ୟକ୍ତି ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପୂର୍ବାହ୍ନ ଘ ୯.୧୫ ମି. ସମୟରେ ମନୋହରପୁର ରଜର୍ଭ ପୋଲିସ ପଡିଆରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ୭୬ ତମ ସ୍ୱାଧୀନତା ଦିବସ ସମାରୋହରେ ଜଙ୍ଗଲ ପରିବେଶ ସ ଜଳ ବାୟୁ ପରିବର୍ତ୍ତନ ପଂଚାୟତରାଜ ଓ ପାନୀୟ ଜଳ ଏବଂ ସୂଚନା ଓ ଲୋକ ସଂପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ମୁଖ୍ୟ ଅତିଥି ଭବେ ଯୋଗଇ ଦେଇ ଆନୁଷ୍ଠାନିକ ଭାବେ ଜାତୀୟ ପାତାକ ଉତ୍ତୋଳନ କରିଥିଲେ । ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ଯେଉଁ ମହାପୁରୁଷମାନେ ଦେଶ ତଥାଜାତି ଉଦ୍ଦେଶ୍ୟରେ ଭାରତ ବର୍ଷର ସ୍ୱାଧୀନତା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଯାଇଛନ୍ତି ସେହି ମହାମନିଷୀ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସ୍ୱାଧୀନତା ସଂଗ୍ରାମରେ ବଲାଙ୍ଗୀର ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀମାନଙ୍କ ଅବଦାନକୁ ସ୍ମରଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ବଲାଙ୍ଗୀର ଜିଲ୍ଲାର ପର୍ଯ୍ୟଟନ, ଲୋକ ସଂସ୍କୃତି, ଲୋକକଳା, ଲୋକନୃତ୍ୟ କୁଟୀର ଶିଳ୍ପର ଏକ ସ୍ୱତନ୍ତ୍ର ପରିଚୟ ରହିଛି ବୋଲି ଉଲ୍ଲେଖ କରିବା ସହିତ ଏହାର ପ୍ରଚାର ପ୍ରସାର ଦିଗରେ ଜିଲ୍ଲାବାସୀଙ୍କ ପ୍ରଚେଷ୍ଟା ସ୍ୱାଗତ ଯୋଗ୍ୟ ବୋଲି କହିଥିଲେ । ବଲାଙ୍ଗୀର ଜିଲ୍ଲାର ସର୍ବାଙ୍ଗୀନ ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ କାର୍ଯ୍ୟକାରୀ ହେଉଥିବା ବହୁବିଧ ବିକାଶ ମୂଳକ ପ୍ରକଳ୍ପର କାର୍ଯ୍ରକାରିତା ସଂପର୍କରେ ସୂଚନାଦେଇ ର୍ଲୋର ସୁକତେଲ ଜଳ ସେଚନ ପ୍ରକଳ୍ପ , ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ, ବଲାଙ୍ଗୀରରେ ଅତ୍ୟାଧୁନିକ ବସ୍ ଟର୍ମିନାଲ, ଦାଦନ ପୂର୍ଣ୍ଣ ବ୍ଲକରେ କାର୍ଯ୍ୟକାରୀ ହେଉଥିବା ପରବର୍ତ୍ତୀ ମନରେଗା ଯୋଜନା, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ସହାୟତା, ବ୍ଲକ ଓ ଜିଲ୍ଲା ସ୍ତରରେ ନିର୍ମାଣ କରାଯାଉଥିବା ମିଶନ ଶକ୍ତି ଭବନର ନିର୍ମାଣ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଯ୍ୟକ୍ରମ, ହରିଶଙ୍କର ପର୍ଯ୍ୟଟସ୍ଥଳୀର ବିକାଶ ନିମନ୍ତେ କାର୍ଯ୍ୟକାରୀ ହେଉଥିବା ବିକାଶ ମୂଳକ କାର୍ଯ୍ୟ, ବୃହତ ପାନୀଳ ଜଳ ପ୍ରକଳ୍ପ ସକାଶେ ବଲାଙ୍ଗୀର ଜିଲ୍ଲା ନିମନ୍ତେ ୧୦ ଗୋଟି ପାନୀୟ ଜଳ ପ୍ରକଳ୍ପ ପାଇଁ ୧୧୭୫.୪୧କୋଟି ଟଙ୍କାର ବ୍ୟବସ୍ଥା, କ୍ରୀଡାଭିତ୍ତି ଭୂମି ଇତ୍ୟାଦି ଉନ୍ନୟନ ମୂଳକ କାର୍ଯ୍ୟ ସଂପର୍କରେ ସୂଚନା ଦେଇଥିଲେ ।

# ପର୍ଯ୍ୟାଟନ ସ୍ଥଳୀ ଫୁରଲିଝରନ ରାସ୍ତା ଧସିଲା

ଜୁନାଗଡ ୧୮/୮ (ନି.ପ୍ର): କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଗମନାଗମନ ପାଇଁ ରାସ୍ତା ନିର୍ମାଣରେ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ବିକାଶର ବିପରୀତ ଚିତ୍ର ଦେଖିବାକୁ ମିଳୁଛି । କଳାହାଣ୍ଡି ଜିଲ୍ଲା ଜୁନାଗଡ ବ୍ଲକରୁ ସିଧା କଳାହାଣ୍ଡି ଜିଲ୍ଲା ପର୍ଯ୍ୟଟନ ସ୍ଥଳ ଫୁରଲିଝରନକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ ଅତି ନିମ୍ନ ମାନର ହେତୁ । ଲାବାନସର ଗାଁ ବ୍ରିଜ ଓ ପିଚୁ ରାସ୍ତାର ଅନେକ ଯାଗାରେ ଫାଟ ଓ ଘାଇ ସୃଷ୍ଟି ହୋଇଥିବା ଦେଖବାକୁ ମିଳିଛି । କିଛିଦିନ ତଳେ ଆଦିବାସୀ ଅଧୁଷତ ଅଂଚଳକୁ ଉନ୍ନତ ମାନର ରାସ୍ତା ନିର୍ମାଣ ହେଲେ ଉପାନ୍ତ ଦୁର୍ଗମାଞ୍ଚଳରେ ରହୁଥିବା ଲୋକମାନଙ୍କ ପାଇଁ ସ୍ୱାସ୍ଥ୍ୟସେବା ଠିକ୍ ଭାବରେ ପହଚିଂ ପାରିବ ଏବଂ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ମାନେ ମଧ୍ୟ ସୁବିଧାରେ ଯାନବାହନ ମାଧ୍ୟମ ଔଷଧ ଏବଂ ଠିକ ଚିକିତ୍ସା ସେବା ପଂହଚିଂଛି ପାରିବ । ଏ ଅଂଚଳରେ ବସବାସ କରୁଥିବା ଲୋକମାନେ ସୁବିଧାରେ ଭବାନୀପାଟଣାସ୍ଥିତ ସରକାରୀ ଜିଲ୍ଲା ଡାକ୍ତରଖାନାକୁ ଯାତାୟାତ କରିପାରିବେ । ଉଚ୍ଚ ଶିକ୍ଷା ନିମନ୍ତେ ସହରକୁ ଆସିବାକୁ ସୁବିଧା ହେବ । ଏହା ଦ୍ୱାରା ଶିକ୍ଷା ଜୀବନ ଶୈଳୀକୁ ଅତି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହେବ ବୋଲି ଗତ କିଛିଦିନ ତଳେ ଓଡିଶା ରାଜ୍ୟ କମିଟକୁ ଠିକାଦାର ସଂଘ କଳାହାଣ୍ଡି ସହଯୋଗ ନିମନ୍ତେ ପତ୍ରଲେଖି ପାଟି ଟାଙ୍କି କାନ୍ଥ ଭାବରେ ଲିଖିତ ପତ୍ର ଛାପା ମାରି ନିବେଦନ କରିଥିଲେ । କିନ୍ତୁ ଏହି ରାସ୍ତା ଶଗଡା ଗ୍ରାମପଂଚାୟତର ଆଦିବାସୀ ଗାଁ ଲାବାନସର, ଓଲବାହିଲି, କାଶିପଦର, ଅମବଲସା, ଦେହର, ବାଞ୍ଛିବାହାଲ, ବଣ୍ଡଡୋଗୁଡା, ଜୁନାଗଡ, ସଂଯୋଜ ଶଗଡା ନଦୀରେ ନିର୍ମାଣ ହୋଇଥିବା ନିମ୍ନ ମାନର ବ୍ରିଜ ଏବଂ ପିଚୁ ରାସ୍ତାରେ ଫାଟ ସୃଷ୍ଟି ଯୋଗୁଁ ଜନଜୀବନର ଭବିଷ୍ୟତକୁ ଅସ୍ତବ୍ୟସ୍ତ କରିବାର ପରିଲକ୍ଷିତ ହେଉଛି । ଏଣୁ ଲକ୍ଷ ଲକ୍ଷ ଟଙ୍କାରେ ନିର୍ମାଣ ହୋଇଥିବା ରାସ୍ତା ଓ ପୋଲକୁ ତଦନ୍ତ କରି ଉଚ୍ଚସ୍ତରିୟ ଠୋଷ ପଦକ୍ଷେପ ନେବା ପାଇଁ ଜନସାଧାରଣରରେ ଦାବି ହେଉଛି ।

## ସରକାରୀ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ନିକଟରେ ଦେଶୀ ମଦ ଦୋକାନ

କଳାହାଣ୍ଡି ୧୮/୮ (ନି.ପ୍ର): ଜୁନାଗଡ ବ୍ଲକ ଛୋରିଆଗଡ ଗ୍ରାମ ପଂଚାୟତ ସ୍ଥିତ ସରକାରୀ ସ୍ୱାସ୍ଥ୍ୟ ଓ ଆରୋପ କେନ୍ଦ୍ର ନିକଟରେ ଦେଶୀ ମଦ ବିକ୍ରି ହେଉଥିବାର ଅଭିଯୋଗ ହୋଇଛି । ଛୋରିଆଗଡ ଏପରି ଏକ ଗ୍ରାମ ଲୋକକଳାର ଗ୍ରାମ ପୁଣି ସେଇ ଗାଁରେ ଶିକ୍ଷିତ ଓ ଅନେକ ଉଚ୍ଚ ଶିକ୍ଷିତ ବର୍ଗର ଲୋକମାନେ ବସବାସ କରନ୍ତି । ସେଭଳି ଗାଁରେ କି ପ୍ରକାର ସୁଯୋଗ ନେଇ ନିକଟରେ ଥିବା ବଣ୍ଡା କୁଟ୍‌ରା ଦେଶୀ ମଦଭାୟିରୁ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ନିକଟରେ ମଦ ବିକ୍ରି ହେଉଛି ଏହା ସ୍ଥାନୀୟ ବାସିନ୍ଦାକୁ ନାକେଦମ କରୁଛି । କାହା ଛତ୍ରଛାୟାତଳେ ବିକ୍ରି ହେଉଚି ମଦ? ଲାଭ ନେଉଛି କିଏ? ସରକାର ନା ବେସରକାରୀ?

ଏ ବିଷୟରେ କାର୍ଯ୍ୟରତ ଏଏନ୍‌ଏମ୍ ସୁପରଭାଇଜର, ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କୁ ପଚାରିବାରୁ ମିଡିଆରେ ନଦେବାକୁ ସିଧା ସଳଖ ମନ କରିଥିଲେ । ଆଗକୁ ପଶ୍ଚିମ ଓଡିଶାର ଗଣପର୍ବ ନୂଆଖାଇ ଓ ବାସୀ ଥିବାରୁ ବିଭିନ୍ନ ସ୍ଥାନରେ ଏଭଳି ମଦବିକ୍ରିକୁ ପ୍ରହସନ ନଦେବାକୁ ସାଧାରଣରରେ ଦାବି ହେଉଛି ।

# କନ୍ଧମାଳର ବିଭିନ୍ନ ସ୍ଥାନରେ ଉତ୍ସାହ ଉଦ୍ଦିପନାର ସହ ୭୬ ତମ ସ୍ୱାଧୀନତା ଦିବସ ପାଳିତ



ଫୁଲବାଣୀ , ୧୮/୮ (ନି.ପ୍ର): ପ୍ରବଳ ବର୍ଷା ସତ୍ୱେ କନ୍ଧମାଳ ଜିଲାର ବିଭିନ୍ନ ସ୍ଥାନରେ ଉତ୍ସାହ ଉଦ୍ଦିପନାର ସହ ୭୬ ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଛି । ଆଯାଦି କି ଅମୃତ ମହୋତ୍ସବ ପାଳନ ସହ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଜାରି ରହିଥିବା ବେଳେ ଫୁଲବାଣୀ ସଦର ମହକୁମା ପୁଲିସ୍ ପଡିଆ ରେ ଆଦିବାସୀ ଓ ସଂଖ୍ୟାଲଘୁ ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା ଜିଲା ବାସୀ ଙ୍କ ପାଇଁ ଉଦ୍‌ବୋଧ ନ ଦେଇ ଥିବା ବେଳେ,ବାଲିଗୁଡା ଠାରେ ବାଲିଗୁଡା ଉପଜିଲାପାଳ ପୁଲିସ୍ ପ୍ୟାରେଡ୍ ରେ ଅଭିବାଦନ ଗ୍ରହଣ କରିଥିଲେ । ଜିଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ଶିକ୍ଷା ନୁଷ୍ଠାନରେ ଜାତୀୟ ପତାକା ଉତୋଳନ କରାଯିବା ସହ ଫୁଲବାଣୀ ପ୍ରେସ୍ କ୍ଲବ ଠାରେ ଆଡାମ୍ବର ସହକାରେ ପତାକା ଉତୋଳନ କରାଯାଇଥିଲା । ପ୍ରେସ କ୍ଲବ ସଭାପତି ସୁନୀଲ ପଟ୍ଟନାୟକ ଙ୍କ ସହ ସମ୍ପାଦକ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଯୋଗ ଦେଇଥିଲେ

# ରାହୁରେଖା ଲାଗି ହେଲେ ମହାପ୍ରଭୁ

ପୁରୀ, ୧୮/୮ (ନି.ପ୍ର): ଭାଦ୍ରବ କୃଷ୍ଣ ପଞ୍ଚମୀରେ ଶ୍ରୀମନ୍ଦିରରେ ଶ୍ରୀଜିଉମାନଙ୍କ ରାହୁରେଖା ଲାଗି ନୀତି ସମ୍ପନ୍ନ ହୋଇଯାଇଛି । ମଙ୍ଗଳବାର ସକାଳ ୬ଟାରେ ମନ୍ଦିରର ଦ୍ୱାର ଫିଟିଥିଲା । ୬ଟା ୩୫ ମିନିଟ୍‌ରେ ଭିତରଶୋଧ, ୬ଟା ୪୫ମିନିଟ୍‌ରେ ମଙ୍ଗଳ ଆଳତି, ୬ଟା ୫୦ମିନିଟ୍‌ରେ ମଇଲମ, ୭ଟା ୧୫ମିନିଟ୍‌ରେ ତଡ଼ପଲାଗି, ୭ଟା ୪୦ରୁ ୮ଟା ମଧ୍ୟରେ ଅବକାଶ, ୮ଟା ୦୫ମିନିଟ୍‌ରେ ପୁନଶ୍ଚ ମଇଲମ, ୮ଟା ୧୫ମିନିଟ୍‌ରେ ରୋଷହୋମ, ୮ଟା ୩୫ମିନିଟ୍‌ରେ ବେଶ ଶେଷ, ୯ଟା ୦୫ମିନିଟ୍‌ରେ ସୂର୍ଯ୍ୟପୂଜା, ୯ଟା ୧୦ମିନିଟ୍‌ରେ ଦ୍ୱାରପାଳ ପୂଜା, ୯ଟା ୪୫ରୁ ୯ଟା ୫୫ମିନିଟ୍ ମଧ୍ୟରେ ଗୋପାଳ ବଲ୍ଲଭ ନୀତି ସମ୍ପନ୍ନ ହୋଇଥିଲା । ସକାଳ ଧୂପ ପୂଜା ୧୦ଟା ୫୦ମିନିଟ୍‌ରେ ଆରମ୍ଭ ହୋଇ ୧୧ଟା ୪୦ମିନିଟ୍‌ରେ ଶେଷ ହୋଇଥିଲା । ୧୧ଟା ୪୫ମିନିଟ୍‌ରେ ଭୋଗମଣ୍ଡପ ଉଠିଥିଲା ଓ ୧ଟା ୫୦ରୁ ୨ଟା ମଧ୍ୟରେ ଭୋଗମଣ୍ଡପ ପୂଜା ଶେଷ ହୋଇଥିଲା । ୨ଟା ୧୦ମିନିଟ୍‌ରେ ଠାକୁରମାନେ ପୁନଶ୍ଚ ମଇଲମ ହୋଇଥିଲେ । ୨ଟା ୧୫ମିନିଟ୍‌ରେ ଲକ୍ଷ୍ମୀ ସରସ୍ୱତୀ ଖଟଶେଯ ଘରକୁ ବିଜେ କରିଥିଲେ ଓ ୨ଟା ୨୦ମିନିଟ୍‌ରେ ଜୟବିଜୟ ଦ୍ୱାର ବନ୍ଦ ହୋଇଥିଲା । ଅପରାହ୍ନ ୩ଟାରେ ରାହୁରେଖା ଲାଗି ପାଇଁ ଦଇତାପତି ପ୍ରବେଶ କରିଥିଲେ । ଶୁଦ୍ଧ ସୁଆରଙ୍କ ଦ୍ୱାରା ଓଷୁଅ ପ୍ରସ୍ତୁତ କରାଯାଇ ସିଂହାସନ ତଳେ ରଖାଯାଇଥିଲା । ବଣିଆମାନେ ବୋଇରାଣୀ ପାହାଡ଼ । ଉପରେ ସଫା କରି ରଖିଥିବା ରାହୁରେଖାର ମୁହଁ ଓଷୁଅରେ ମୁଦ କରାଯାଇଥିଲା । ଦଇତାପତି ସେବକମାନେ ବେହରଣ ତଳେ ଗୋଡ଼ ଧୋଇ ରତ୍ନ ସିଂହାସନ ଉପରକୁ ଉଠିଥିଲେ । କାଳିଆ ମେକାପ ବାଡ଼ ବାଡ଼ କରି ପତି ମହାପାତ୍ରଙ୍କ ହାତକୁ ବଢ଼ାଇଥିଲେ । ପତି ମହାପାତ୍ର ବାଡ଼ଗ୍ରାହୀମାନଙ୍କୁ ରାହୁରେଖା ଦେବା ପରେ ଦଇତାପତିମାନେ ଶୁଦ୍ଧ ସୁଆରଙ୍କ ଠାରୁ ଓଷୁଅ ଓ ଟାଙ୍ଗଡ଼ା ମେକାପଙ୍କ ଠାରୁ ବଇତମ ନେଇ ରୁନ୍ଧା କାର୍ଯ୍ୟ ଶେଷ କରିଥିଲେ ।

# ଜିଲ୍ଲାସ୍ତରୀୟ ୭୬ତମ ସ୍ୱାଧୀନତା ଦିବସ



ନବରଙ୍ଗପୁର,୧୮।୮ (ନି.ପ୍ର): ଜିଲ୍ଲାସ୍ତରୀୟ ୭୬ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ଜିଲ୍ଲା ସଦର ମହକୁମାରେ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରାତଃ ସହରରେ ଡାକବାଜୀ ଯନ୍ତ୍ର ଯୋଗେ ରାମଧୁନ ପରିବେଷଣ , ସହରସ୍ଥିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତୋଳନ କରାଯାଇଥିଲା । ପୂର୍ବାହ୍ନ ୯ଟା୧୫ମିନିଟରେ ସ୍ଥାନୀୟ ରିଜର୍ଭ ପୋଲିସ ପଡିଆ ଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଡକ୍ଟର କମଳ ଲୋଚନ ମିଶ୍ର ଯୋଗଦେଇ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ ଏବଂ ତାଙ୍କ ଅଭିଭାଷଣ ରେ ଭାରତର ଯେଉଁ ସ୍ୱାଧୀନତା ସଂଗ୍ରାମୀ, ମହାପୁରୁଷଙ୍କ ଅକ୍ଳାନ୍ତ ପରିଶ୍ରମ,ତ୍ୟାଗ ଓ ବଳିଦାନରେ ଦେଶ ସ୍ୱାଧୀନ ହୋଇପାରିଥିଲା ସେମାନଙ୍କ ସ୍ମୃତି ଚାରଣ କରି ତାଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଭାରତର ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇ ଦେଶମାତୃକା ପାଇଁ ତ୍ୟାଗ,ବଳିଦାନ ଦେଇ ଇତିହାସର ସ୍ୱର୍ଣ୍ଣାକ୍ଷର ରେ ଲିପିବଦ୍ଧ କରିଥିବା ନବରଙ୍ଗପୁର ମାଟିର ବୀର ସ୍ୱାଧୀନତା ସଂଗ୍ରାମୀ, ସହୀଦଙ୍କ ସ୍ମୃତି ଚାରଣ କରି ସେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏବଂ ସ୍ୱାଧୀନତାର ଆଜାଦି କା ଅମୃତ ମହୋତ୍ସବ ପାଳନର ତାତ୍ପର୍ଯ୍ୟ ଓ ସରକାରଙ୍କର ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ମହାମାରୀ କରୋନା ଭୂତାଣୁ ସଂକ୍ରମଣର ଆଶଙ୍କା ଥିବାରୁ କୋଭିଡ୍-୧୯ ମାର୍ଗଦର୍ଶିକା ଅନୁଯାୟୀ ସୀମିତ ଅତିଥି, ପଦାଧିକାରୀ, ପୋଲିସ ବାହିନୀ, କରୋନା ଯୋଦ୍ଧା, ଗଣମାଧ୍ୟମର ପ୍ରତିନିଧିଙ୍କୁ ନେଇ ଜିଲ୍ଲାସ୍ତରୀୟ ଉତ୍ସବର ଆୟୋଜନ କରାଯାଇଥିଲା । ଏହି ଅବସରରେ ମହାମାରୀ କୋଭୀଡ ସମୟରେ ଉତ୍ତମ ସେବା ପାଇଁ ସ୍ୱାସ୍ଥ୍ୟ ବିଭାଗର ଡାକ୍ତର, କର୍ମଚାରୀ, ପୌରପାଳୀକାର କର୍ମଚାରୀ ମାନଙ୍କୁ ମୁଖ୍ୟ ଅତିଥୀଙ୍କ ଦ୍ୱାରା କରୋନା ଯୋଦ୍ଧା ପୁରସ୍କାର ଦେଇ ସମ୍ମାନିତ କରାଯାଇଥିଲା । ଜିଲ୍ଲାରେ ଡାଇରିଆ ନିୟନ୍ତ୍ରଣ ରେ ସଫଳ ମୁକାବିଲା କ୍ଷେତ୍ରରେ ଉତମ ସେବା ପାଇଁ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର,ନନ୍ଦାହାଣ୍ଡି ଓ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ପାପଡାହାଣ୍ଡି ଟିମ୍ କୁ ମଧ୍ୟ ମୁଖ୍ୟଅତିଥୀଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ପବିତ୍ର ସ୍ୱାଧୀନତା ଦିବସ ପାଳନ ଅବସରରେ ଜିଲ୍ଲା ଓରମାସର ଯୋଗାଯୋଗରେ ଦିନଦୟାଲ ବାଳିକା ଆଶ୍ରମର ୪୨ଜଣ ବାଳୀକା ସ୍ଥାନୀୟ ଗାୟତ୍ରୀ କ୍ଲଥ ଷ୍ଟୋରେ କୁ ଆସି ନିଜ ମନପସନ୍ଦର ଡ୍ରେସ ବିନା ମୂଲ୍ୟରେ ନେଇଥିଲେ । ଏଭଳି ମହତ କାର୍ଯ୍ୟ କରି ଗରିବ ପିଲାଙ୍କ ମୁହଁରେ ହସ ଫୁଟାଇ ଥିବାରୁ ଲୁଗାଦୋକାନର ମାଲିକ ଶ୍ରୀନିବାସ ସୁବୁଦ୍ଧି ଓ ସାଇ ସୁବୁଦ୍ଧିଙ୍କୁ ମୁଖ୍ୟଅତିଥି ଜିଲ୍ଲାପାଳ ଡଃ. ମିଶ୍ର ପ୍ରଶଂସା କରିଥିଲେ । ଏହିସବୁ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏସ୍.ସୁଶ୍ରୀ,ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ରତ୍ନାକର ସାହୁ,ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜୟକୃଷ୍ଣ ବେହେରା,ଜିଲ୍ଲାମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର କାଳୀ ପ୍ରସାଦ ବେହେରା, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ରାଉତ, ପ୍ରଶାସକ ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା ଅଭିମନ୍ୟୁ ମାଝୀ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ, ଜିଲ୍ଲା ମଙ୍ଗଳ ଅଧିକାରୀ ସ୍ମୃତି ରଞ୍ଜନ ସାମନ୍ତରାୟ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ଓରମାସର ମୁଖ୍ୟ ଅଧିକାରୀ ଉମା ମହେଶ ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନୀଆଲ କାର୍ଯ୍ୟକ୍ରମ ପରିଚାଳନା ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ବିଦ୍ୟାଳୟ ଯାଇ ପାଠ ପଢ଼ିବା ପାଇଁ କାଠପୋଲ ଭରସା
## ବାଜିରେ ଲାଗୁଛି ଛାତ୍ରଛାତ୍ରୀଙ୍କ ଜୀବନ



ପାରଳାଖେମୁଣ୍ଡି,୧୮।୮ (ନିପ୍ର): ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ସ୍ମାର୍ଟ କରାଇବା ଉଦ୍ଦେଶ୍ୟରେ ଅନେକ ଯୋଜନା ମାଧ୍ୟମରେ ରାଜ୍ୟ ସରକାର ରାଜକୋଷରୁ ବ୍ୟୟ କରୁଛନ୍ତି କୋଟି କୋଟି ଟଙ୍କା । ତଥାପି ସ୍ଥାନୀୟ ବ୍ଲକର ବିଭିନ୍ନ ଅଞ୍ଚଳରେ ସୁଧୁରି ପାରୁନି ଶିକ୍ଷା ବ୍ୟବସ୍ଥା । ଗଜପତି ଜିଲ୍ଲା ମୋହନା ବ୍ଲକ ଅନ୍ତର୍ଗତ କଟାମା ପଞ୍ଚାୟତ ଅଧିନ ଖଣ୍ଡବା ସରକାରୀ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଥିବା ବିପଦପୂର୍ଣ୍ଣ କାଠପୋଲ ଉପର ଦେଇ ପ୍ରତ୍ୟେକ ଦିନ ବିଦ୍ୟାଳୟକୁ କୋମଳମତି ଛାତ୍ର ଛାତ୍ରୀମାନେ ପାଠ ପଢିବା ପାଇଁ ଯାଆନ୍ତି । ଗ୍ରାମବାସୀମାନେ ମଧ ଏହି କାଠପୋଲ ଉପରେ ଚାଲିବା ବେଳେ ତଳ ଉପର ହୋଇ ଦୋହଲୁଛି କାଠ । ଟିକିଏ ଅସାବଧାନତା ହେଲେ ପିଲାମାନେ ପଡିଯିବାର ଭୟ ମଧ୍ୟ ରହିଛି । ଦେଖିଲେ ଲାଗୁଛି କାଳେ ପିଲାମାନେ ପଡିଯିବେ କି ? ଏହି ଭୟ ମଧ ରହୁଛି । ତଥାପି ଏମିତି ବିପଦପୂର୍ଣ୍ଣ କାଠପୋଲ ଉପରେ ଦୈନନ୍ଦିନ ଯାତାୟତ କରୁଛନ୍ତି ଛାତ୍ରଛାତ୍ରୀ ଓ ଗ୍ରାମବାସୀ । ଏହି ଗ୍ରାମଟି ଦୁର୍ଗମ ତଥା ଉପାନ୍ତ ଅଞ୍ଚଳରେ ରହିଥିବା ବେଳେ ଏହି ଗ୍ରାମାଞ୍ଚଳର ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପ୍ରଦାନ କରିବା ପାଇଁ ୨୦୧୩ ମସିହାରେ ସରକାର ପ୍ରତିଷ୍ଠା କରିଥିଲେ ଗୋଟିଏ ସରକାରୀ ପ୍ରାଥମିକ ବିଦ୍ୟାଳୟ । ପ୍ରଥମ ରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଗ୍ରାମର ୨୦ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଶିକ୍ଷା ଗ୍ରହଣ କରୁଥିବା ବେଳେ ଶିକ୍ଷା ଦାନ ପାଇଁ ୨ ଜଣ ଶିକ୍ଷକ ମଧ ନିଯୁକ୍ତ ହୋଇଛନ୍ତି । ହେଲେ ବିଦ୍ୟାଳୟ ଯିବା ପୂର୍ବରୁ ବିଦ୍ୟାଳୟ ସମ୍ମୁଖରେ ଗୋଟିଏ ନାଳ ରହିଛି । ଯାହାକି ବର୍ଷା ଦିନ ହୋଇଗଲେ ଗାଁ ଠାରୁ ବିଦ୍ୟାଳୟକୁ ଛାତ୍ରଛାତ୍ରୀ ଯିବା ଅସମ୍ଭବ । ତେଣୁ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଏଠାରେ କାଠପୋଲ ନିର୍ମାଣ ହୋଇଛି । ଆଉ ଏହି ବିପଦସଂକୁଳ ପୋଲ ଉପର ଦେଇ ଏମିତି ଦୈନନ୍ଦିନ ଯାତାୟାତ କରୁଛନ୍ତି ଉଭୟ ଛାତ୍ରଛାତ୍ରୀ ଓ ଗ୍ରାମବାସୀ । ତେଣୁ ଗ୍ରାମବାସୀ ଏଠାରେ ପୋଲ ନିର୍ମାଣ ପାଇଁ ସରକାରଙ୍କୁ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ ଏଥିପାଇଁ କେହି ଗୁରୁତ୍ୱ ଦେଉନଥିବା କହିଛନ୍ତି ଗ୍ରାମାବାସୀ । ବିଦ୍ୟାଳୟକୁ ଯାତାୟାତର ସୁବିଧା ପାଇଁ ଏଠାରେ ଗୋଟିଏ କଂକ୍ରିଟ ପୋଲ ସରକାର ନିର୍ମାଣ କରିଦିଅନ୍ତୁ ବୋଲି ଅନୁରୋଧ କରିଛନ୍ତି ଛାତ୍ରଛାତ୍ରୀ । ଅନ୍ୟପଟେ ବିଦ୍ୟାଳୟ ପରିସରରେ ଲଟାବୁଦା ମାଡିଗଲାଣି । ନା ଅଛି ରୋଷେଇ ଘର ନା ଅଛି ଶୌଚାଳୟର ବ୍ୟବସ୍ଥା । ବର୍ଷା ଦିନେ ଛାତରୁ ଗଳୁଛି ପାଣି । ପାନୀୟଜଳ କଥା ନକହିବା ଭଲ । ଏମିତି ପାହାଡିଆ ଝରଣା ଜଳକୁ ସଂରକ୍ଷିତ କରି ସ୍କୁଲ ପରିସରରେ ପାଣି ଟାଙ୍କି ବ୍ୟବସ୍ଥା କରାଯାଇ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଷ୍ଟାଣ୍ଡ ପୋଷ୍ଟ ବସାଯାଇଛି । ସେଥିରୁ ଅହରହ ପାଣି ବାହାରୁଥିବା ବେଳେ ପରିଷ୍କାର ପରିଚ୍ଛନ୍ନ କରାଯାଉନଥିବାରୁ ଦୂଷିତ ପରିବେଶ ସୃଷ୍ଟି ହୋଇଛି । ଆଉ ସେଠାର ପାଣିକୁ ହିଁ ପାନୀୟଜଳ ରୂପେ ବ୍ୟବହାର କରାଯାଉଛି । ଏଭଳି ପାଣି ବ୍ୟବହାର କରିବା ଦ୍ୱାରା ଗାଁରେ କେତେବେଳେ ଯେ ମହାମାରୀ ବ୍ୟାପିବାର ଯଥେଷ୍ଟ ସମ୍ଭାବନା ରହିଛି । ଏଭଳି ସମସ୍ୟାର ସମାଧାନ କରିବା ନେଇ ନେତା ଓ ସରକାରୀ ବାବୁଙ୍କୁ ଗୁହାରୀ ଜଣାଇଲେ ମଧ କୌଣସି ସୁଫଳ ମିଳୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । କିଛି ଦିନ ତଳେ ଏହି ଗ୍ରାମକୁ ପରିଦର୍ଶନ କରିଥିଲେ ଜିଲ୍ଲା ପରିଷଦ ଉପାଧକ୍ଷା କୁନ୍ତଳା ମଳିକ । ଏନେଇ ସେ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରି ଏହି ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି ।

# ନିମାପଡ଼ାରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ନିମାପଡ଼ା, ୧୮।୮ (ନି.ପ୍ର.): ନିମାପଡ଼ା ତାଲୁକସ୍ତରୀୟ ଆଇନ୍ ସେବା କମିଟି ପକ୍ଷରୁ ସ୍ଥାନୀୟ କୋର୍ଟ ପରିସରରେ ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଲୋକ ଅଦାଲତରେ ଅତିରିକ୍ତ ଜିଲ୍ଲା ଜଜ୍ ଲୋକନାଥ ସାହୁ, ସିଭିଲ୍ ଜଜ୍ (ସିନିଅର୍ ଡ଼ିଭିଜନ) ନୀଳିମା ପଣ୍ଡା, ସିଭିଲ୍ ଜଜ୍ (ଜୁନିଅର ଡ଼ିଭିଜନ୍) ସୁରକ୍ଷିତ ମିଶ୍ର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ମିଲନ୍ ତାଣ୍ଡି ପ୍ରମୁଖ ଯୋଗ ଦେଇ ମାମଲା ଗୁଡ଼ିକରେ ପରିଚାଳନା କରିଥିଲେ । ମୋଟ ୧୨୫୯ଟି ମାମଲାରୁ ୮୯୯ଟି ମୋକଦ୍ଦମା ସଫଳତାର ସହ ଫଇସଲା ହୋଇଥିଲା । ରାଜସ୍ୱ ମୋକଦ୍ଦମାରେ ୭୦୦ ମୋକଦ୍ଦମାରୁ ୫୫୭ଟି ମୋକଦ୍ଦମା ଫଇସଲା କରାଯାଇ ୨ ଲକ୍ଷ ୩୦ ହଜାର ୭୧୫ ଟଙ୍କା ଜୋରିମାନା ଆଦାୟ କରାଯାଇଥିଲା । ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ମାମଲାରେ ୧୪ଟି ମୋକଦ୍ଦମାରୁ ୮ଟି ଫଇସଲା କରାଯାଇ ୬୭ ଲକ୍ଷ ୫ ହଜାର ଟଙ୍କା ପ୍ରଦାନ ପାଇଁ ସମାଧାନ ହୋଇଥିବା ସୂଚନା ମିଳିଛି । ଫୌଜଦାରୀ ୩୫୦ ରୁ ୨୯୫, ଚେକ୍ ବାଉନ୍ସ ମାଲା ୫୦ ରୁ ୬ଟି, ବ୍ୟାଙ୍କ ଋଣ ମାମଲା ୪୨ ରୁ ୧୩ଟି, ବୈବାହିକ ବିବାଦ ୩୦ ରୁ ୨ଟି ସମେତ ଅନ୍ୟାନ୍ୟ ମୋକଦ୍ଦମା ଫଇସଲା ହୋଇଥିବା ବିଭାଗ ସୂତ୍ରରୁ ପ୍ରକାଶ । ଆଇନଜୀବୀ ଅଭିମନ୍ୟୁ ସ୍ୱାଇଁ, ପ୍ରତାପ କିଶୋର ମହାନ୍ତି, ରବି ସେଠୀ, ପ୍ରତାପ ପଣ୍ଡା, ମହେନ୍ଦ୍ର ସାହୁ, ଦିଲ୍ଲିପ ପଟ୍ଟନାୟକ ପ୍ରମୁଖ ମୋକଦ୍ଦମା ପରିଚାଳନାରେ ଅଦାଲତକୁ ସହଯୋଗ କରିଥିଲେ ।

# ଗୁଣପୁରରେ ତ୍ରିରଙ୍ଗା ଯାତ୍ରା

ଗୁଣୁପୁର,୧୮।୮ (ନିପ୍ର): ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅମୃତ ମହୋତ୍ସବ ପାଳନ ଅବସରରେ ଗୁଣପୁରର କଲେଜ ବିଦ୍ୟାର୍ଥୀମାନଙ୍କୁ ନେଇ ଏକ ଶୋଭାଯାତ୍ରା ଗୁଣପୁର ସହର ପରିକ୍ରମା କରି ନୂତନ ବସ ଷ୍ଟାଣ୍ଡରେ ପହଞ୍ଚି ଅଛନ୍ତି । ସ୍ଥାନୀୟ ଶାନ୍ତି ନିକେତନ ମହାବିଦ୍ୟାଳୟ, ବଂଶଧାରା ମହାବିଦ୍ୟାଳୟ, ଗୁରୁକୁଳ ମହାବିଦ୍ୟାଳୟ, ଗାୟତ୍ରୀ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ସହାରର ବିଭିନ୍ନ ସାହି ଶ୍ରୀରାମ ନଗର, ବଳରାମ ନଗର, ଶାନ୍ତି ନଗର ,ଡେରା ସାହି ,ପୁରୁଣା ପୋଷ୍ଟ ଅଫିସ ସାହି ,ଢେପ ସାହି ଇତ୍ୟାଦି ପରିକ୍ରମା କରି ଶେଷରେ ନୂତନ ବସଷ୍ଟାଣ୍ଡ ରେ ପହଁଚି ଥିଲେ । ଶାନ୍ତି ନିକେତନ ର ଶିବ ପୂଜାରୀ, ରଜତ ସାର, ତାମସା ତମସା ପାତ୍ର ଅନ୍ୟ ଭାଗ ନେବା ବେଳେ ଗୁରୁକୁଳ କଲେଜ ର ମାନସ ବୈଦ ଭୂଷଣ, ବିଭୁତି ,ଗାୟତ୍ରୀ କଲେଜ ର ରାଜୀବ ପଣ୍ଡା ଓ ବଂଶଧାରା କଲେଜର ଲକ୍ଷ୍ମୀ ମହାଙ୍କୁଡ଼ ସହ ବିଦ୍ୟାର୍ଥୀ ପରିଷଦର ଇନ୍ଦ୍ରାକ୍ଷୀ ଦାଶ, ଉମା ଦାଶ, ଏସ ଶିବାଜୀ, ବି.ସତୀଶ କୁମାର ,ପ୍ରଭାତ ମହାପାତ୍ର, ଜିତେନ୍ଦ୍ର ପୃଷ୍ଟି , ଶିବ ଡାକୁଆ, ଚିନ୍ମୟ ପାଣିଗ୍ରାହୀ ,ସାଇ ପାଣିଗ୍ରାହୀ,ବି କିରଣ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ତୁଲାଇ ଥିଲେ । ନୂତନ ବସ ଷ୍ଟାଣ୍ଡ ନିକଟରେ ଶିଶୁ ବିଦ୍ୟା ମନ୍ଦିର ଛାତ୍ରୀଙ୍କ ଦ୍ୱାରା ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀଙ୍କ ମାର୍ଗଦର୍ଶକ ରେ ପୂର୍ଣ ବନ୍ଦେ ମାତାରମ ଗାନ କରି କାର୍ଯ୍ୟକ୍ରମ କୁ ସମାରାପ କରାଯାଇଥିଲା ।

# ୨୦୦୬ ମାଟ୍ରିକ ବ୍ୟାଚ୍‌ର ବନ୍ଧୁ ମିଳନ

କୃଷ୍ଣପ୍ରସାଦ ୧୮।୮ ନିପ୍ର) ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ ଅଧିନସ୍ଥ ସାନସୀମା ଉଚ୍ଚ ବିଦ୍ୟାଳୟ ର ୨୦୦୬ ମାଟ୍ରିକ ବ୍ୟାଚର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଚିଲିକା ତଟଦେଶ ରେ ଅବସ୍ଥିତ ହରିପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ରଛାତ୍ରୀମାନେ ସେମାନଙ୍କ ର ପରିବାର ବର୍ଗଙ୍କ ସହିତ ଯୋଗଦେଇ ନିଜ ନିଜ ସ୍କୁଲ ବେଳ ର ସ୍ମୃତି ତଥା ଅନୁଭୂତି କୁ ମନେପକାଇଥିଲେ ।

ଏହି ଅବସରରେ ପୁରାତନ ଛାତ୍ର ସିଦ୍ଧାର୍ଥ କୁମାର ସାହୁଙ୍କ ନେତୃତ୍ୱରେ ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେ ସମୟରେ ଶିକ୍ଷା ଦାନ କରୁଥିବା ସାନସୀମା ହାଇସ୍କୁଲର ପ୍ରଧାନ ଶିକ୍ଷକ ମାଚିରାମ ନାୟକ, ଭାଗିରଥି ପ୍ରଧାନ, ବିପ୍ରବର ତରେଇ, ଶଙ୍କର୍ଷଣ ଦାସ,ଅଜିତ କୁମାର ବାରିକିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ବନ୍ଧୁ ମିଳନ ଅବସରରେ ପୁରୁଣା ତଥା ଦୀର୍ଘ ଦିନର ସାଥୀମାନଙ୍କୁ ପାଖରେ ପାଇ ଅତ୍ୟନ୍ତ ଆନନ୍ଦ ଲାଭ କରିଥିଲେ । ଆଗାମୀ ଦିନରେ ପରସ୍ପର ମଧ୍ୟରେ ସେବା ମନୋଭାବ ରଖିଲେ ଜୀବନ ଆହୁରି ସରସ ସୁନ୍ଦର ହୋଇପାରିବ ବୋଲି ପୁରାତନ ଛାତ୍ର ଦୁଷ୍ମନ୍ତ କୁମାର ନାୟକ ପରାମର୍ଶ ଦେଇଥିଲେ ।

## ରାୟଗଡା ଜିଲ୍ଲାସ୍ତରୀୟ ୭୬ତମ ସ୍ୱାଧୀନତା ଦିବସ ପାଳିତ
# ଜିଲ୍ଲାର ସମଗ୍ର ବିକାଶ ପାଇଁ ଆମେ ସଂକଳ୍ପବୋଧ ହେବା: ଜିଲ୍ଲାପାଳ

ରାୟଗଡ,୧୮/୮(ନିପ୍ର): ଜିଲ୍ଲାସ୍ତରୀୟ ୭୬ତମ ସ୍ୱାଧୀନତା ଦିବସ ରାୟଗଡ ଜିଲ୍ଲା ସଦର ମହକୁମାର ସ୍ଥାନୀୟ ଜି.ସି.ଡି ଉଚ୍ଚ ବିଦ୍ୟାଳୟ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଶ୍ରୀମତୀ ସ୍ୱଧା ଦେବ ସିଂ, ମୁଖ୍ୟ ଅତିଥି ଭାବେ ଯୋଗଦେଇ ସକାଳ ଘ.୯.୧୫ମି ସମୟରେ ଜାତୀୟ ପତାକା ଉତ୍ତୋଳନ କରିବା ସଙ୍ଗ ସଙ୍ଗେ ପ୍ୟାରେଡ ଅବିବାଦନ ଗ୍ରହଣ କରିଥିଲେ । ଜିଲ୍ଲାବାସୀଙ୍କ ଉଦେଶ୍ୟରେ ସ୍ୱାଧୀନତା ଦିବସ ପାଳନ ଅବସରରେ ଉଦବାଧନ ଦେଇ କହିଥିଲେ ଯେ ଦେଶର ସ୍ୱାଧୀନତା ପାଇଁ ଅନେକ ସଂଗ୍ରାମୀଙ୍କୁ ଆତ୍ମ ବଳିଦାନ ଦେବାକୁ ପଡିଛି । ସେହି ଦେଶ ଭକ୍ତ ମାନଙ୍କୁ ସ୍ମୃତିଚାରଣ କରିବା ସହିତ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଯେପରି ଲୋକଙ୍କ ପାଖରେ ପହଞ୍ଚିବ ସେଥି ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଜିଲ୍ଲାରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମାନାଗମନ ଏବଂ ଏଠାରେ ବସବାସ କରୁଥିବା ଆଦିମ ଜନଜାତି ଡଙ୍ଗରିଆ କନ୍ଧ ଓ ଲାଞ୍ଜିଆ ସୌରାଙ୍କ ଉନ୍ନତି ନିମନ୍ତେ ଜିଲ୍ଲା ପ୍ରଶାସନ ଉଦ୍ୟମ ଜାରି ରହିଛି ବୋଲି କହିଥିଲେ । ଏହି ଅବସରରେ ୨୨ଜଣ କୋଭିଡଯୋଦ୍ଧା ଯଥା- ଡାକ୍ତର, ନର୍ସିଙ୍ଗ ଅଫିସର, ସ୍ୱାସ୍ଥ୍ୟ କର୍ମୀ ଏବଂ ସଫେଇ କର୍ମଚାରୀଙ୍କୁ ମୁଖ୍ୟ ଅତିଥି ତଥା ଜିଲ୍ଲାପାଳ, ରାୟଗଡ ସମ୍ମାନୀତ କରିଥିଲେ । ଏହା ସହିତ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ହୋଇଥିବା ବକ୍ତୃତା, ଦେଶାତ୍ମକବୋଧ ସଙ୍ଗୀତ ଓ ପ୍ରବନ୍ଧ ପ୍ରତିଯୋଗୀତାର ୩୯ଜଣ କୃତ୍ତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଚଳିତ ବର୍ଷ ବାର୍ଷିକ ପରୀକ୍ଷାରେ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ଜିଲ୍ଲାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ସେହିପରି ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖି ଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ସହିତ ଦଶ ହଜାର ଟଙ୍କା ଲେଖାଏଁ ଅର୍ଥ ରାଶି ପ୍ରଦାନ କରିଥିଲେ । ପ୍ରାତଃ ୫ ଘଟିକା ସମୟରେ ରାୟଗଡ ସହରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ରାମଧୂନ ପ୍ରଚାର କରାଯାଇଥିଲା । ସହରର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ କୋଭିଡ-୧୯ ନିୟମ ଅବଲମ୍ବନ କରି ଜାତୀୟ ପତାକା ଉତ୍ତୋଳନ କରାଯାଇଥିବା ବେଳେ ସହରର ଅବସ୍ଥାପିତ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ମାଲ୍ୟାର୍ପଣ କରିଥିଲେ । ଏହା ପରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକ ସ୍ଥାନୀୟ ସାଇ ପ୍ରିୟା ନଗର ସ୍ଥିତ ମାତୃ ଶକ୍ତି ବରିଷ୍ଠ ନାଗରୀକ ଗୃହ, ତୁମ୍ବିଗୁଡାରେ ଥିବା ବରିଷ୍ଠ ନାଗରିକ ଗୃହର ଏବଂ ସ୍ୱେଚ୍ଛା ସ୍ୱଦ୍ଧାର ଗୃହରେ ଥିବା ଅନ୍ତେବାସୀମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ । ସେହିପରି ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଚିକିତ୍ସିତ ହେଉଥିବା ରୋଗୀ, ଉପକାରାଗାର ଏବଂ ସେବା ସମାଜରେ ଥିବା ଅନ୍ତେବାସୀ ମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ, ଉପ-ଜିଲ୍ଲାପାଳ, ନଗରପାଳ, ତହସିଲଦାର ଏବଂ ଅତିରିକ୍ତ ତହସିଲଦାର ଆଦି ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ । ଏଥି ମଧ୍ୟରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମା, ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ ଓ ଧର୍ମାନନ୍ଦ ବେହେରା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ରବି ନାରାୟଣ ତ୍ରିପାଠୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ରାମ ପ୍ରସାଦ ସାହୁ, ଉପ-ଜିଲ୍ଲାପାଳ, ଭିମସେନ ଶବର, ନଗର ପାଳ, ମହେଶ ପଟ୍ଟନାୟକ, ଏସ୍.ଡି.ପି.ଓ, ଦେବ ଜ୍ୟୋତି ଦାସ, ପି.ଡି ଓ୍ୱାଟର ସେଡ୍ ଦୟାନିଧି ବାଗ, ପି.ଏ.ଆଇ.ଟି.ଡିଏ ପଦ୍ମ ଚରଣ ନାୟକ, ତହସିଲଦାର ତାପସ କୁମାର ସ୍ୱାଇଁ, ପୌର ନିର୍ବାହୀ ଅଧିକାରୀ, ୟାସିର ବିଲ୍ଲା ଅହମଦ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଅଶାକ କୁମାର ଶତପଥି, ଜିଲ୍ଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀଙ୍କ ସମେତ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ରହିଥିବା ବେଳେ ସହରରେ ଜିଲ୍ଲା ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥାର ବନ୍ଦୋବସ୍ତ କରାଯାଇଥିଲା ।

# ବିଜେପି ଭଦ୍ରକାଳୀ ମଣ୍ଡଳ ପକ୍ଷରୁ ୧୫୦ ମିଟର ଲମ୍ବ ତ୍ରିରଙ୍ଗା ଶୋଭାଯାତ୍ରା



ଭଦ୍ରକ,୧୭।୮ (ନିପ୍ର): ଭଦ୍ରକ ବିଧାନସଭା ଅନ୍ତର୍ଗତ ବିଜେପି ଭଦ୍ରକାଳୀ ମଣ୍ଡଳ ପକ୍ଷରୁ ଆଜି ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ସ୍ୱାଧୀନତାର ଅମୃତ ମହୋତ୍ସବ ପରିପ୍ରେକ୍ଷୀରେ ବିଜେପି ଜିଲ୍ଲା ସଭାପତି ହେମନ୍ତ ପାଢୀଙ୍କ ନେତୃତ୍ୱରେ ବ୍ରହ୍ମପୁର ପଞ୍ଚାୟତ ସରପଞ୍ଚ ନରହରି ସାହୁ, ବେନ୍ତାଳ ପଞ୍ଚାୟତର ସମିତି ସଭ୍ୟଙ୍କ ସହିତ ବହୁ ସରପଞ୍ଚ, ସମିତି ସଭ୍ୟ ବିଜେପି କାର୍ଯ୍ୟକର୍ତ୍ତା ୧୫୦ ମିଟର ଲମ୍ବର ତ୍ରିରଙ୍ଗା ଧରି ଶୋଭାଯାତ୍ରା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଶିଷ ମିଶ୍ର, ଗଦାଧର ଖାମୁରାଇ, ସାନୁ ମହାପାତ୍ର, ଅଜୟ ପଲାଇ, ଉପେନ୍ଦ୍ର ପଲାଇ, ସୁଜିତ ଗିରି, ଅନନ୍ତ ବେହେରା, ପଦ୍ମଲୋଚନ ଦାସ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

# ବସନ୍ତପୁର ଠାରେ ଦୟାନଦୀର ଦକ୍ଷଣପାର୍ଶ୍ୱ ବନ୍ଧରେ ଘଳିଆ



ଡେଲାଙ୍ଗ,୧୮।୮ (ନିପ୍ର): ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ସିଂହବ୍ରହ୍ମପୁର ପଞ୍ଚାୟତ ବସନ୍ତପୁର ଠାରେ ଦୟାନଦୀବନ୍ଧର ଦକ୍ଷଣପାର୍ଶ୍ୱରେ ଏକ ଘଳିଆ ପଡିଥିବା ଖବର ପାଇ ସ୍ଥାନୀୟ ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଘଟଣା ସ୍ଥଳରେ ପହଞ୍ଚି ବୁଲି ଦେଖିବା ସହ ତୁରନ୍ତ ବନ୍ଧର ସୁରକ୍ଷା ପାଇଁ ବ୍ୟବସ୍ଥା କରିଥିଲେ । ବିଭାଗୀୟ ଅଧିକାରୀ ଓ କଣ୍ଟ୍ରାକ୍ଟର ମାଧ୍ୟମରେ ବାଲି ବସ୍ତା ପ୍ୟାକିଂଗ କରାଯାଇଛି । ସୁରକ୍ଷା ବାଡ କରାଯାଇ ଘଳିଆଟିକୁ ରୋକାଯାଇ ପାରିଛି । ଅତୀତରେ ସେଠାରେ ଏକ ଘାଇ ସୃଷ୍ଟି ହୋଇ ଅଞ୍ଚଳର ବ୍ୟାପକ କ୍ଷୟକ୍ଷତି ଘଟିଥିଲା । ଲଘୁଚାପ ଜନିତ ପ୍ରବଳ ବର୍ଷା ଓ ହୀରାକୁଦରେ ୩୪ ଗେଟ ଖୋଲାଯିବା ଫଳରେ ଦୟାନଦୀରେ ବନ୍ୟାର ଆଶଙ୍କା ରହିଛି ।ବର୍ତ୍ତମାନ ପ୍ରଶାସନ ପକ୍ଷରୁ ସଜାଗ ରହିବା ସହ ଘୋରଡିଆ ଠାରୁ ପର୍ଯ୍ୟନ୍ତ ନଦୀ ବନ୍ଧର ସୁରକ୍ଷା ଓ ୨୪ଘଣ୍ଟିଆ ପେଟ୍ରୋଲିଂ ର ବ୍ୟବସ୍ଥା କରାଯାଇଛି ।

# ଡେଲାଙ୍ଗ ବ୍ଲକରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କଲେ ସାଂସଦ ଓ ବିଧାୟକ

ଡେଲାଙ୍ଗ,୧୮।୮(ନିପ୍ର): ଡେଲାଙ୍ଗ ବ୍ଲକରେ ବିଭିନ୍ନ ଉନ୍ନୟନ ବିଭାଗର ପ୍ରକଳ୍ପ କାର୍ଯ୍ୟକୁ ପୁରୀ ସାଂସଦ ପିନାକୀ ମିଶ୍ର ଓ ପିପିଲି ଡେଲାଙ୍ଗ ନିର୍ବାଚନ ମଣ୍ଡଳିର ବିଧାୟକ ରୁଦ୍ରପ୍ରତାପ ମହାରଥି ଯୋଗଦେଇ ଉଦଘାଟନ କରିଛନ୍ତି । ସାଂସଦ ଓ ବିଧାୟକ ପ୍ରଥମେ ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ସୁଜନପୁର ଗ୍ରାମ ପଞ୍ଚାୟତର ନବ ନିର୍ମୀତ ମିଶନ ଶକ୍ତି ଗୃହକୁ ଉଦ୍‌ଘାଟନ କରିଥିଲେ । ପରେ ବ୍ଲକ କାର୍ଯ୍ୟାଳୟ ପରିସରରେ ନବ ନିର୍ମିତ ସରକାରୀ ଆବାସିକା ଗୃହ,ନବ ନିର୍ମିତ ମିଶନ ଶକ୍ତି କାଫେ ସେଣ୍ଟର, ଜେନାପୁର ଗ୍ରାମ ପଞ୍ଚାୟତସ୍ତରୀୟ ମହିଳା ମହାସଂଘକୁ ନୂତନ ଟ୍ରାକ୍ଟର ପ୍ରଦାନ କରିଥିଲେ । ଏହି ଅବସରରେ ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ଏକ ସଭା ଅନୁଷ୍ଠିତ ହାଇଥିଲା । ଏଥିରେ ବ୍ଲକ ଅଧକ୍ଷା ବାସନ୍ତୀ ସାହୁ ଅଧକ୍ଷତା କରିଥିଲେ । ବିଡିଓ ଦିଲ୍ଲିପ କୁମାର ଷଡଙ୍ଗୀଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସାଂସଦ ଶ୍ରୀ ମିଶ୍ର ,ବିଧାୟକ ଶ୍ରୀ ମହାରଥି ଯୋଗଦେଇ ଡେଲାଙ୍ଗ ବ୍ଲକର ସର୍ବାଙ୍ଗିନ ଉନ୍ନତୀ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର ଯୋଜନାକୁ ସମସ୍ତ ନିକଟରେ ପହଞ୍ଚାଇ ପାରିଲେ ଏହି ଅଞ୍ଚଳର ଉନ୍ନତି ଓ ବିକାଶ ସମ୍ଭବ ବୋଲି କହିଥିଲେ । ଜିଲ୍ଲାପରିଷଦ ସଭ୍ୟ ପ୍ରସନ୍ନ ସାହୁ, ଜିଲ୍ଲାପରିଷଦ ସଭ୍ୟା ପ୍ରଜ୍ଞା ଛୋଟରାୟ ଓ ଦିପ୍ତୀଶ୍ରୀ ରାଉତରାୟ ପ୍ରମୁଖ ଯୋଗଦେଇ ସାଂସଦ ଓ ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ହୋଇଥିବାରୁ ସେମାନଙ୍କୁ ଭୁୟସି ପ୍ରଶଂସା କରିଥିଲେ । ସାଂସଦ ଶ୍ରୀ ମିଶ୍ର ମିଶନ ଶକ୍ତି କାଫେକୁ ଉଦଘାଟନ କରିବା ସହ ପୁରୀ ଜିଲ୍ଲାରେ ଯୁବ ବିଧାୟକ ଶ୍ରୀ ମହାରଥିଙ୍କ ପ୍ରଚେଷ୍ଟାରେ ପିପିଲି ଓ ଡେଲାଙ୍ଗ ବ୍ଲକରେ ଦୁଇଟି ମିଶନ ଶକ୍ତି କେଫେ ସେଣ୍ଟର ଖୋଲିବାରେ ସମ୍ଭବ ହୋଇ ପାରିଛି ବୋଲି କହିଥିଲେ । ପ୍ରଥମେ ପିପିଲିରେ ଖୋଲିଥିଲା କିଛିଦିନ ବ୍ୟବଧାନ ପରେ ଡେଲାଙ୍ଗ ବ୍ଲକରେ ଖୋଲିଛି । ଯାହା ପୁରୀ ସଂସଦିୟ କ୍ଷେତ୍ରର ସମୁଦାୟ ୭ଟି ନିର୍ବାଚନ ମଣ୍ଡଳି ମଧ୍ୟରେ କେବଳ ପିପିଲି ନିର୍ବାଚନ ମଣ୍ଡିଳିରେ ପିପିଲି ଓ ଡେଲାଙ୍ଗ ବ୍ଲକରେ ଦୁଇଟି ମିଶନ ଶକ୍ତି କାଫେ ଖୋଲା ଯାଇଥିବାରୁ ସାଂସଦ ଶ୍ରୀ ମିଶ୍ର ବିଧାୟକ ଶ୍ରୀମ ହାରଥିଙ୍କ ଆନ୍ତରିକତା କର୍ତବ୍ୟ ନିଷ୍ଠା ଓ ଦୃଢ ଇଚ୍ଛାଶକ୍ତି ବଳରେ ଏହା ସମ୍ଭବ ହୋଇ ପାରିଛି ବୋଲି ବୈଠକରେ ମତବ୍ୟକ୍ତ କରିଥିଲେ । ଡେଲାଙ୍ଗ ବ୍ଲକରେ ବିଭିନ୍ନ ପଞ୍ଚାୟତରୁ ୧୬୮ଜଣ ବାର୍ଦ୍ଧକ୍ୟ ଭତ୍ତା ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ସାଂସଦ ଓ ବିଧାୟକଙ୍କ ଉପସ୍ଥିତିରେ ୧୪ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ସେହୀପରୀ ୫ଟି ସ୍ୱଂୟ ସହାୟକ ଗୋଷ୍ଠୀଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ଚେକ ଆକାରରେ ପ୍ରଦାନ କରାଯିବା ସହ ଦିବ୍ୟାଙ୍ଗ ୫ଜଣ ବ୍ୟକ୍ତିଙ୍କୁ ଟ୍ରାଇ ସାଇକେଲ ବଣ୍ଟନ କରାଯାଇଥିଲା ।

# ଫ୍ରାଙ୍କଲିନ ଟେମ୍ପଲେଟନ ଓଡ଼ିଶାରେ ପ୍ରଚଳନ କଲା ଫ୍ରାଙ୍କଲିନ୍ ଇଣ୍ଡିଆ ବାଲାନ୍ସଡ୍ ଆଡଭାଣ୍ଟେଜ ଫଣ୍ଡ୍ (ଏଫଆଇବିଏଏଫ୍)

ଭୁବନେଶ୍ୱର, ୧୮।୮: ଫ୍ରାଙ୍କଲିନ୍ ଟେମ୍ପଲେଟନ (ଇଣ୍ଡିଆ) 'ଫ୍ରାଙ୍କଲିନ୍ ଇଣ୍ଡିଆ ବାଲାନ୍ସଡ୍ ଆଡଭାଣ୍ଟେଜ ଫଣ୍ଡ୍ (ଏଫଆଇବିଏଏଫ୍)' ନାମରେ ଏକ ଓପନ-ଏଣ୍ଡେଡ ଡାଇନାମିକ୍ ଆସେଟ ଆବଣ୍ଟନ ଫଣ୍ଡ୍ ଓଡ଼ିଶା ବଜାରରେ ପ୍ରଚଳନ କଲା । ଏହି ଫଣ୍ଡ୍ ଇକ୍ୱିଟି ଏବଂ ଇକ୍ୱିଟି ସମ୍ପର୍କିତ ଉପାଦାନ ଏବଂ ଫିକ୍ସଡ ଆୟ ତଥା ମନି ମାର୍କେଟ ଉପାଦାନ ଆଦି ଅତ୍ୟନ୍ତ ପ୍ରଗତିଶୀଳ ଭାବରେ ପରିଚାଳିତ ପୋର୍ଟଫୋଲିଓରେ ନିବେଶ କରିଥାରେ ଦୀର୍ଘସୂତ୍ରୀ ପୁଞ୍ଜିରେ ବୃଦ୍ଧି ଏବଂ ଆୟ ସୃଷ୍ଟି ଲକ୍ଷ୍ୟ ରଖିଛି । ନୂଆ ନିବେଶକମାନେ ପାରମ୍ପରିକ ଆସେ୍ୟାର୍ଡ ଆୟକାରୀ ଉତ୍ପାଦଗୁଡିକରୁ ଆୟ ହ୍ରାସ ପାଉଥିବା ଲକ୍ଷ୍ୟ କରିବାପରେ ନିବେଶର ବିକଳ୍ପ ପଦ୍ଧତି ସନ୍ଧାନ କରୁଥିବାବେଳେ ଫ୍ରାଙ୍କଲିନ୍ ଟେମ୍ପଲେଟନ ଓଡ଼ିଶାରେ ମ୍ୟୁଚୁଆଲ ଫଣ୍ଡର ଦୃଢ ଅଭିବୃଦ୍ଧି ସମ୍ଭାବନା ଥିବା ଲକ୍ଷ୍ୟ କରୁଛି । ଫଣ୍ଡ୍ ହାଉସ ସମ୍ପ୍ରତି ଓଡ଼ିଶାରେ ବିତରକ ନେଟୱର୍କ ବୃଦ୍ଧି ଦିଗରେ କାର୍ଯ୍ୟ କରୁଛି, ଏହା ଅଧିକରୁ ଅଧିକ ନିବେଶକଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ମ୍ୟୁଚୁଆଲ ଫଣ୍ଡରେ ନିବେଶ ଫାଇଦା ସମ୍ପର୍କରେ ପ୍ରଶିକ୍ଷିତ କରାଇବା ଲକ୍ଷ୍ୟ ରଖିଛି । ଓଡ଼ିଶାରେ ମ୍ୟୁଚୁଆଲ ଫଣ୍ଡ୍ ଶିଳ୍ପର ଆସେଟ୍ ଅଣ୍ଡର ମ୍ୟାନେଜମେଣ୍ଟ ପ୍ରାୟ ୩୫ ହଜାର କୋଟି ଟଙ୍କା ରହିଛି ଏବଂ ଏହା ଭୁବନେଶ୍ୱର, ରାଉରକେଲା ଓ କଟକ ସମେତ ଅନ୍ୟାନ୍ୟ ପ୍ରମୁଖ ସହରରେ ପରିବ୍ୟାପ୍ତ ହୋଇଛି ଏବଂ ଏହା ମଧ୍ୟମରୁ ଦୀର୍ଘସୂତ୍ରୀ ଆକାରରେ ବିପୁଳ ଅଭିବୃଦ୍ଧି ହାସଲ କରିବାକୁ ଯାଉଛି । ଏଫଆଇବିଏଏଫ୍ ବଜାର ମୂଲ୍ୟାଙ୍କନ ଏବଂ ବିଭିନ୍ନ କାରକ ଦ୍ୱାରା ପରିଚାଳିତ ମୌଳିକ ମତାମତ ଆଧାରରେ ଇକ୍ୱିଟି ଏବଂ ଡେବ୍ଟ ମଧ୍ୟରେ କୌଶଳାତ୍ମକ ଆବଣ୍ଟନ ସୁବିଧା ଯୋଗାଇଦେଇ ନିଜର ନିବେଶ ନିମନ୍ତେ ୱାନ ଷ୍ଟପ୍ ସମାଧାନ ଚାହୁଁଥିବା ନିବେଶକଙ୍କ ନିମନ୍ତେ ଏକ ବିଚାରବନ୍ତ ପସନ୍ଦ ହୋଇଛି । ଏହା ସେହି ନିବେଶକଙ୍କ ନିମନ୍ତେ ଉପଯୋଗୀ ହୋଇପାରିବ ଯେଉଁମାନେ ଇକ୍ୱିଟିରେ ଥିବା ଅଭିବୃଦ୍ଧି ସୁଯୋଗର ଫାଇଦା ଉଠାଇବାକୁ ଚାହୁଁଛନ୍ତି ଏବଂ ତାହାସହିତ ବଜାରରେ ହ୍ରାସବୃଦ୍ଧି ଜନିତ ପ୍ରଭାବ ହ୍ରାସ କରିବାକୁ ପସନ୍ଦ କରୁଛନ୍ତି । ନୂଆ ଫଣ୍ଡ୍ ଅଫର ୨୦୨୨ ଅଗଷ୍ଟ ୧୬ରେ ଉନ୍ମୁକ୍ତ




ହେବ ଏବଂ ୨୦୨୨ ଅଗଷ୍ଟ ୩୦ରେ ବନ୍ଦ ହେବ, ଯେଉଁ ସମୟରେ ପ୍ରତି ୟୁନିଟ୍ ପିଛା ୧୦ ଟଙ୍କା ମୂଲ୍ୟରେର ୟୁନିଟଗୁଡିକ ଉପଲବ୍ଧ ହେବ । ଏହି ଫଣ୍ଡ୍ ପ୍ରଚଳନ ସମ୍ପର୍କରେ ପ୍ରକାଶ କରି ଅବିନାଶ ସତ୍ୱାଲେକର, ପ୍ରେସିଡେଣ୍ଟ, ଫ୍ରାଙ୍କଲିନ୍ ଟେମ୍ପଲେଟନ-ଇଣ୍ଡିଆ କହିଛନ୍ତି, "ଆମେ ଆଉ ଏକ ବିବିଧକୃତ ନିବେଶ ଅଫରିଂ ଆଣିଥିବାରୁ ଉଲ୍ଲସିତ ଅଛୁ, ଯାହା ଓଡ଼ିଶାରେ ନିବେଶକଙ୍କୁ ପରିବର୍ତ୍ତନଶୀଳ ବଜାରରେ ଏକ ସହଜ ଏବଂ ଦକ୍ଷ ଭାବରେ ଆଗକୁ ବଢିବାରେ ସହାୟତା କରିବ । ଭାରତରେ ଅଭିବୃଦ୍ଧିର ଏକ ନୂଆ ଅଧ୍ୟାୟ ଆରମ୍ଭ କରିବାକୁ ଆମେ ଆଗ୍ରହର ସହିତ ଅପେକ୍ଷା କରୁଛୁ ଏବଂ ଏଫଆଇବିଏଏଫ୍ ପ୍ରଚଳନ ଏ ଦିଗରେ ନିଆଯିବାକୁ ଥିବା ଅନେକ ପଦକ୍ଷେପ ମଧ୍ୟରେ ପ୍ରଥମ ହୋଇଛି ।" "ଦୀର୍ଘସୂତ୍ରୀ ଆକାରରେ ଇକ୍ୱିଟି ଏବଂ ଡେବ୍ଟରେ ସମତୁଲ ନିବେଶ ନିମନ୍ତେ ସନ୍ଧାନ କରୁଥିବା ଏବଂ ବିଭିନ୍ନ ସମୟରେ ବଜାର ପକ୍ଷରୁ ଯୋଗାଇ ଦିଆଯାଉଥିବା ସୁଯୋଗଗୁଡିକର ଉପଯୋଗ କରିବାକୁ ଚାହୁଥିବା ନିବେଶକଙ୍କ ନିମନ୍ତେ ଏହି ନୂଆ ଫଣ୍ଡ୍ ଉଦ୍ଦିଷ୍ଟ । ବିବିଧକରଣର ଫାଇଦା ବ୍ୟତୀତ ଏହାର ଆଭ୍ୟନ୍ତରୀଣ 'କ୍ରୟ-ବିକ୍ରୟ' ଶୃଙ୍ଖଳାକୁ ନେଇ ଏହି ସୂତ୍ର-ପରିଚାଳିତ ଆଭିମୁଖ୍ୟ ଲୋଭ ଏବଂ ଭୟ କାରଣରୁ ସୃଷ୍ଟି ହେଉଥିବା ଆଚରଣଗତ ଭ୍ରାନ୍ତଧାରଣାକୁ ଦୂର କରିବାରେ ସହାୟତା କରୁଛି ।" ଫଣ୍ଡ୍ ପ୍ରଚଳନ ସମ୍ପର୍କରେ ମତଦେଇ ଆନନ୍ଦ ରାଧାକ୍ରିଷନ୍, ମ୍ୟାନେଜିଂ ଡାଇରେକ୍ଟର ଏବଂ ଚିଫ୍ ଇନଭେଷ୍ଟମେଣ୍ଟ ଅଫିସର-ଏମର୍ଜିଂ ମାର୍କେଟସ୍ ଇକ୍ୱିଟି-ଇଣ୍ଡିଆ, ଫ୍ରାଙ୍କଲିନ ଟେମ୍ପଲେଟନ କହିଛନ୍ତି, "ଚଳିତ ମାସଗୁଡିକରେ ବିଶ୍ୱସ୍ତରରେ ଇକ୍ୱିଟି ବଜାରରେ ସଂଶୋଧନ ଘଟିଛି ଏବଂ ମୁଦ୍ରାସ୍ଫୀତି, ସୁଧହାର ଏବଂ ସମ୍ପ୍ରତି ଚାଲିଥିବା ଭୂରାଜନୈତିକ ଉତ୍ତେଜନା ଆଦି ବହୁବିଧ ପ୍ରତିକୂଳ କାରଣରୁ ଅସ୍ଥିର ଅବସ୍ଥାରେ ରହିଛି । ଭାରତୀୟ ବଜାର ମଧ୍ୟ ଏହାଦ୍ୱାରା ପ୍ରଭାବିତ ହୋଇଛି, କିନ୍ତୁ ଅନ୍ୟାନ୍ୟ ପ୍ରମୁଖ ବିକଶିତ ଏବଂ ଇଏମ୍ ପ୍ରତିପକ୍ଷ (ଡଲାର ଆକାରରେ) ତୁଳନାରେ ଯଥେଷ୍ଟ ଉତ୍ତମ ସ୍ଥିତିରେ ରହିଛି । ବଜାର ଅସ୍ଥିରତାର ଏଭଳି ସମୟଗୁଡିକ ନିବେଶକଙ୍କୁ ପଥଚ୍ୟୁତ କରିପାରେ ଏବଂ ସେମାନଙ୍କୁ ଶ୍ରେଷ୍ଠ ବିବେଚିତ ହେଉନଥିବା ନିଷ୍ପତ୍ତି ନେବାକୁ ପ୍ରେରିତ କରିପାରେ । ଏହାକୁ ମନମଧ୍ୟରେ ରଖି ଫ୍ରାଙ୍କଲିନ ଇଣ୍ଡିଆ ବାଲାନ୍ସଡ୍ ଆଡଭାଣ୍ଟେଜ ଫଣ୍ଡ୍ ଇକ୍ୱିଟି ଆବଣ୍ଟନ ନିମନ୍ତେ ନମନୀୟ ଆଭିମୁଖ୍ୟ ପୋଷଣ କରିବ । ଏହି ଯୋଜନା ଉଚ୍ଚ ମାନର ଇନଷ୍ଟ୍ରୁମେଣ୍ଟରେ ନିବେଶ ନିମନ୍ତେ ପ୍ରଚେଷ୍ଟା କରିବ । ୮୦%ରୁ ଅଧିକ ଫିକ୍ସଡ ଆୟ ପୋର୍ଟଫୋଲିଓ ଏଏଏ-ମାନ୍ୟତାପ୍ରାପ୍ତ ପେପର୍ସ ହୋଇଥିବାବେଳେ ଏହା ଉଭୟ ଦୁନିଆଁର ସର୍ବୋତ୍ତମ ସନ୍ଧାନ କରୁଥିବା ନିବେଶକଙ୍କ ପାଇଁ ଉପଯୁକ୍ତ ହୋଇପାରିବ ।

# ବନ୍ୟା ପରିସ୍ଥିତି ପାଇଁ ସରକାରଙ୍କୁ ଦାୟୀ କଲା ବିଜେପି, ଗଢ଼ିଲା ୨ଟି ଟିମ୍

ଭୁବନେଶ୍ୱର,୧୮/୦୮ : ରାଜ୍ୟରେ ବନ୍ୟା ପରିସ୍ଥିତି ପାଇଁ ବିଜେପି ଆଜି ରାଜ୍ୟ ସରକାରଙ୍କୁ ଦାୟୀ କରିବା ବନ୍ୟାଂଚଳର ବାସ୍ତବ ସ୍ଥିତି ଅନୁଧ୍ୟାନ ଓ ରିଲିଫ କାର୍ଯ୍ୟ ତଦାରଖ କରିବା ନିମନ୍ତେ ନିଜର ୨ଟି ଉଚ୍ଚସ୍ତରୀୟ ଟିମ୍ ଗଠନ କରିଛି । ଏହାସହିତ ସେ ବିଜେପିର କର୍ମକର୍ତ୍ତାମାନଙ୍କୁ ବନ୍ୟା ପ୍ରଭାବିତଙ୍କ ସହାୟତା ପାଇଁ ଆଗେଇ ଆସିବାକୁ ଆହ୍ୱାନ କରିଛନ୍ତି । ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଆଜି ଦଳର ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବନ୍ୟା ପରିସ୍ଥିତି ପାଇଁ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରି କହିଛନ୍ତି ଯେ, ବନ୍ୟା ସ୍ଥିତି ଭୟଙ୍କର ଥିଲାବେଳେ ସରକାରଙ୍କ ଦେଖାନାହିଁ । ବନ୍ଧବାଡ଼ ସୁରକ୍ଷିତ ରଖିବା ସରକାରଙ୍କ ଦାୟିତ୍ୱ । ପୁରୀ, ବାଲେଶ୍ୱର, ଜଗତସିଂହପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା ଓ କଟକ ଜିଲ୍ଲା ଅଧିକ ପ୍ରଭାବିତ ହୋଇଛି




। ୧୦ଟି ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ବନ୍ୟା ସମୟରେ ରାଜ୍ୟ ସରକାରଙ୍କ ଅବହେଳା ପଦାକୁ ଆସିଛି । ନଦୀବନ୍ଧ ସୁରକ୍ଷା ନେଇ ଗତ ୩ବର୍ଷ ହେବ କୌଣସି ସମୀକ୍ଷା ବୈଠକ କରାଯାଇ ନାହିଁ । ବନ୍ୟା ପରିସ୍ଥିତିରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ନଥିବାବେଳେ ଲୋକେ ନିଜ ନିଜ ଘର ପରିବାର ଓ ଅଂଚଳକୁ ବଂଚେଇବା ପାଇଁ ବ୍ୟକ୍ତିଗତ ସ୍ତରରେ ମେଳି ହୋଇ ଉଦ୍ଧାର କାର୍ଯ୍ୟ ଓ ବନ୍ଧ ମରାମତିରେ ଲାଗିଛନ୍ତି । ଜନସାଧାରଣ ଏକାଠି ହୋଇ ନିଜ ଗାଁରେ ବଂଚାଇବା କାର୍ଯ୍ୟ କରୁଥିବାବେଳେ ରାଜ୍ୟ ସରକାର କେବଳ ପ୍ରଚାର ଏବଂ ନୋଟିସ୍ ଜାରି କରିବାରେ ବ୍ୟସ୍ତ ଅଛନ୍ତି ।ମହାନଦୀକୁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଅଣଦେଖା କରିଛନ୍ତି । ହୀରାକୁଦ ବନ୍ଧର ଜଳ ପରିଚାଳନା ପାଇଁ ଥିବା 'କର୍ଭ କୋର୍ଡ'କୁ ୩୮ବର୍ଷ ଭିତରେ କୌଣସି ସଂଶୋଧନ କରାଯାଇ ନାହିଁ । ଜଳବାୟୁ ପରିବର୍ତ୍ତନ, ଗୋବ୍ଲାଲ ୱାରମିଙ୍ଗ୍ ?, ଅଦିନିଆ ବନ୍ୟା ବାତ୍ୟା ପରିସ୍ଥିତିକୁ ନେଇ ପ୍ରତି ୧୦ବର୍ଷରେ 'କର୍ଭ କୋର୍ଡ'ର ସଂଶୋଧନ ହେବା କଥା କିନ୍ତୁ ୨୨ବର୍ଷର ସରକାର ନିଦ୍ରାରେ ଶୋଇଛନ୍ତି । ଫଳରେ ପ୍ରତିବର୍ଷ ବନ୍ୟାରେ ଶହ ଶହ ଗାଁ ଜଳମଗ୍ନ ହେଉଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି । ସେହିପରି ରାଜ୍ୟରେ ବନ୍ୟା ପରିସ୍ଥିତିର ଅନୁଧ୍ୟାନ, ଉଦ୍ଧାର ଓ ରିଲିଫ ସାମଗ୍ରୀ ବଂଟନର ତଦାରଖ ନିମନ୍ତେ ବିଜେପି ପକ୍ଷରୁ ୨ଟି ଉଚ୍ଚସ୍ତରୀୟ ଟିମ୍ ଗଠନ କରାଯାଇଛି । ଏହି ଟିମ୍ ବନ୍ୟା ପ୍ରଭାବିତ ଅଂଚଳକୁ ଯାଇ ଲୋକଙ୍କୁ ଭେଟିବା ସହ ବାସ୍ତବ ସ୍ଥିତି ଅନୁଧ୍ୟାନ କରିବ । ରାଜ୍ୟ ସଭାପତି ଶ୍ରୀ ମହାନ୍ତିଙ୍କ ଦ୍ୱାରା ଗଠିତ ୨ଟି ଟିମ୍ ମଧ୍ୟରୁ ଗୋଟିଏ ଟିମର ନେତୃତ୍ୱ ଦଳର ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଓ ଅନ୍ୟଟି ଦଳର ବରିଷ୍ଠ ନେତା ମନମୋହନ ସାମଲଙ୍କ ନେତୃତ୍ୱରେ ଗଠିତ ହୋଇଛି । ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନଙ୍କ ନେତୃତ୍ୱରେ ଗଠିତ ଟିମ୍‌ରେ ବିଧାୟକ ଜୟନ୍ତ ଷଡଙ୍ଗୀ, ରାଜ୍ୟ ଉପସଭାନେତ୍ରୀ ପ୍ରଭାତୀ ପରିଡା, ରାଜ୍ୟ ସାଧାରଣ ସଂପାଦକ ଲେଖାଶ୍ରୀ ସାମନ୍ତସିଂହାର, ଅନୁସୂଚିତ ମୋର୍ଚ୍ଚା ରାଜ୍ୟ ସଭାପତି ବିଭୁପ୍ରସାଦ ତରାଇ, ବରିଷ୍ଠ ନେତା ନୟନ କିଶୋର ମହାନ୍ତି ଏବଂ ଭୁବନ ମୋହନ ଜେନା ସାମିଲ ଥିବାବେଳେ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲଙ୍କ ନେତୃତ୍ୱରେ ଗଠିତ ଟିମରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ, ବରିଷ୍ଠ ନେତା ପଦ୍ମଲୋଚନ ପଣ୍ଡା, ରାଜ୍ୟ ସଂପାଦକ ଅମର ନାୟକ, ଅଭିମନ୍ୟୁ ସେଠୀ, ମହେଶ୍ୱର ସାହୁ ଓ ଠାକୁର ରଣଜିତ୍ ଦାଶ ପ୍ରମୁଖ ସାମିଲ ଅଛନ୍ତି । ଏହି ଟିମ୍ ବନ୍ୟା ପ୍ରଭାବିତ କଟକ, ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା, ଯାଜପୁର, ଜଗତସିଂହପୁର, ଭଦ୍ରକ, ବାଲେଶ୍ୱର, ସମ୍ବଲପୁର, ନୟାଗଡ଼ ଏବଂ ସୋନପୁର ଜିଲ୍ଲାର ବିଭିନ୍ନ ଅଂଚଳ ଗସ୍ତ କରି ରାଜ୍ୟ ସଭାପତିଙ୍କୁ ରିପୋର୍ଟ ପ୍ରଦାନ କରିବ ।

# ଖୋରଧା ସାହିତ୍ୟ ସଂସଦରେ ସ୍ୱାଧୀନତା ଦିବସ ପାଳନ



ଖୋର୍ଦ୍ଧା, ୧୮/୮ ନି.ପ୍ର): ବାଣୀପୀଠ ରାଜ୍ୟର ଏକ ପୁରାତନ ସାରସ୍ୱତ ଅନୁଷ୍ଠାନ ଖୋରଧା ସାହିତ୍ୟ ସଂସଦ ଆନୁକୂଲ୍ୟରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ସଭାପତି ଗୋପାଳକୃଷ୍ଣ ଦାସ ପତାକା ଉତ୍ତୋଳନ କରିବା ପରେ ଖୋରଧାର ସ୍ୱାଧୀନତା ସଂଗ୍ରାମ ସମ୍ପର୍କିତ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଗାନ୍ଧିଜୀଙ୍କ ଆହ୍ୱାନରେ ପଣ୍ଡିତ ଗୋଦାବରିଶ ମିଶ୍ର, ପ୍ରାଣନାଥ ପଟ୍ଟନାୟକ, ଗୋକୁଳ ମୋହନ ରାୟଚୂଡ଼ାମଣି, ପର୍ଶୁରାମ ପଦାତିକ ରାୟ ପ୍ରମୁଖ ସ୍ୱାଧୀନତା ସଂଗ୍ରାମର ବହ୍ନି ଏଠାରେ ପ୍ରଜ୍ୱୋଳିତ କରିଥିଲେ । ୧୮୯୬ ରେ ଖୋରଧା ହାଇ ଇଂଲିଶ ସ୍କୁଲର ପ୍ରଥମ ହେଡ୍‌ମାଷ୍ଟର ମାଧବଚନ୍ଦ୍ର ମିଶ୍ର, ଶିକ୍ଷକ କୃପାସିନ୍ଧୁ ହୋତା, ଛାତ୍ର ଶଚ୍ଚିଦାନନ୍ଦ ରାଉତରାୟ, ନୃସିଂହ ଚରଣ ସାମନ୍ତସିଂହାର(ସାଂସଦ), କୁନ୍ଦନ ରାମ, ଜାନକୀ ବଲ୍ଲଭ ପଟ୍ଟନାୟକ, ଗଙ୍ଗାଧର ପାଇକରାୟ, ରାମଚନ୍ଦ୍ର ରାମ, ନିରଞ୍ଜନ ମହାନ୍ତି, ଦିନବନ୍ଧୁ ମିଶ୍ର ଓ ଖୋରଧା ସ୍ୱରାଜ୍ୟ ଆଶ୍ରମର ବହୁ ଅନ୍ତେବାସୀ କିପରି ସ୍ୱାଧୀନତା ଆନ୍ଦୋଳନର ତିନୋଟି ପର୍ଯ୍ୟାୟ ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ଭାରତଛାଡ଼ ଆନ୍ଦୋଳନରେ ଯୋଗ ଦେଇଥିଲେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିରେ ଖୋରଧା ଓକିଲ ସଂଘର ସଭାପତି ବିଜୟ ସାମନ୍ତସିଂହାର, ଆଇନଜ୍ଞ ବିଧାନ ଚନ୍ଦ୍ର ମହାନ୍ତି, ପ୍ରାକ୍ତନ ଅଧକ୍ଷ ଡ. ବୃନ୍ଦାବନ ପଣ୍ଡା, ଶିକ୍ଷାବିତ୍ ପ୍ରଫୁଲ୍ଲ ସାମନ୍ତରାୟ, ସଂଗଠକ ଜ୍ଞାନ ରଂଜନ ଦାଶ, କବି ଆରତୀ ମଞ୍ଜରୀ ଦାସ ପ୍ରଭୃତି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ସମାଜସେବୀ ଇତିଶ୍ରୀ ସାହୁ ।

## ବଲାଙ୍ଗିର ମେଡିକାଲ ପରିସରରେ ହତ୍ୟାକାଣ୍ଡ

# ୨୪ ଘଂଟା ବିତିଲା, ପୁଲିସ ହାତ ଖାଲି

ବଲାଙ୍ଗିର, ୧୮/୮ ନି.ପ୍ର): ଗତକାଲି ବଲାଙ୍ଗିର ମେଡିକାଲ ପରିସରରେ ହୋଇଥିବା ଅମାନୁଷିକ ହତ୍ୟାକାଣ୍ଡର ୨୪ ଘଂଟା ପରେ ମଧ ପୁଲିସ ହାତ ଖାଲି ଏପର୍ଯ୍ୟନ୍ତ ପୁଲିସ ହାତରେ ସୁରାକ୍ ଲାଗି ପାରିନାହିଁ । ପୁଲିସ ସଦର୍ ଏସଡିପିଓ ତୋଫାନ୍ ବାଗ କହିଛନ୍ତି ଯେ, ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ହୋଇଛି । ଖୁବଶୀଘ୍ର ପୁଲିସ ହତ୍ୟାକାରୀକୁ ଧରିବାରେ ସଫଳ ହେବ । ଏହାର ତଦନ୍ତ ଭାର ଏକ ସ୍ୱତନ୍ତ୍ର ପୋଲିସ ଦଳକୁ ଦିଆଯାଇଛି । ଗତକାଲି ହତ୍ୟାକାଣ୍ଡ ପରେ ସାଇଂଟିଫିକ୍ ଟିମ୍ ଯାଇ ପରୀକ୍ଷା କରିଥିଲେ । ଏହି ଘଟଣା ସିକ୍ୟୁରିଟି ଅଫିସ ଆଗରେ ହୋଇଥିବା ବେଳେ ଜଣେ ସିକ୍ୟୁରିଟି ଗାର୍ଡ ପ୍ରତ୍ୟକ୍ଷଦର୍ଶୀ ଥିବା ଖବର ପାଇ ପୋଲିସ ତାଙ୍କୁ ନେଇ ପଚରାଉଚରା କରିଥିବା ବେଳେ ଅନ୍ୟ ସୂତ୍ରକୁ ନେଇ ତଦନ୍ତ ଜାରି ରଖିଛି । ଗତକାଲି ସକାଳେ ସୁଦପଡାର ୨୫ ବର୍ଷୀୟ ଅଜୟ ଦୋରା ଓ ତାଙ୍କର ମା ଜୟନ୍ତୀ ଦୋରା ହସ୍ପିଟାଲ ଆଗରେ ଲାଗୁଥିବା ତାଙ୍କର ଦୋକାନ ଖୋଲିବାକୁ ସ୍କୁଟିରେ ଅକ୍ସିଜେନ ପ୍ଲାଂଟ ରାସ୍ତାରେ ଯାଉଥିବା ବେଳେ ଭୀମଭୋଇ ମେଡିକାଲ୍ ହସ୍ପିଟାଲ ପରିସରରେ ପୁରୁଣା ଡାଇରିଆ ୱାର୍ଡ ଏବେ ଘରୋଇ ସିକୁରିଟି ଅଫିସ ଆଗରେ ଆଗରୁ ଛପି ରହିଥିବା ଦୁଇଜଣ ମୁଖା ପିନ୍ଧା ଦୁର୍ବୃତଙ୍କ ଆକ୍ରମଣରେ ପୁଅର ମୃତ୍ୟୁ ହୋଇଥିବା ବେଳେ ମା ଗୁରୁତର ହୋଇ ସର୍ଜରୀ ୱାର୍ଡରେ ଭର୍ତ୍ତି ହୋଇଛନ୍ତି । ସେଠାରେ ତାଙ୍କର ଚିକିତ୍ସା ଚାଲିଛି । ହତ୍ୟାକାରୀକୁ ଜୟନ୍ତୀ ମୁଖା ପିନ୍ଧି ଥିବାରୁ ଚିହ୍ନଟ କରି ପାରିନାହାନ୍ତି, ଘଟଣାସ୍ଥଳରେ ଟାଉନ୍ ଥାନା ପୁଲିସ ପହଂଚି ଶବକୁ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଇଥିବା ବେଳେ ତଦନ୍ତ ଜାରି ରଖିଛି । ମୃତକଙ୍କ ପିତା ଏସମ୍ପର୍କରେ ପ୍ରତିକ୍ରିୟା ଦେଇ ଠେଲା ଲଗାଇବାକୁ ନେଇ ଆଗରୁ ତାଙ୍କୁ ଆକ୍ରମଣ ହୋଇଥିଲା । ଏନେଇ ଥାନାରେ ଅଭିଯୋଗ ହୋଇଥିବା ବେଳେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ ବୋଲି କହିଛନ୍ତି ।

# ରାଜ୍ୟରେ ବିଜ୍ଞାନ ଓ କାରିଗରୀ ପରିବେଶର ଦୃଢ଼ୀକରଣ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୧୮ ଅଗଷ୍ଟ - ବିଜ୍ଞାନ ଓ କାରିଗରୀ ବିଭାଗ ଆନୁକୂଲ୍ୟରେ ରାଜ୍ୟ ବିଜ୍ଞାନ ଓ କାରିଗରୀ ପରିଷଦ ଏବଂ ଭୁବନେଶ୍ୱର ସିଟି ନଲେଜ ଇନୋଭେସନ୍ କ୍ଲଷ୍ଟର (ବିସିକେଆଇସି) ଫାଉଣ୍ଡେସନ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି । ବୁଧବାର ଅପରାହ୍ନରେ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଉପସ୍ଥିତିରେ ଏହା ସ୍ୱାକ୍ଷରିତ ହୋଇଛି । ସମ୍ମିଳିତ ଉଦ୍ୟମରେ ବିଜ୍ଞାନ ଓ କାରିଗରୀ କାର୍ଯ୍ୟକ୍ରମ ତଥା ଅଭିନବ ଭିତିଭୂମିର ଉନ୍ନତିକରଣ ଉପରେ ବୁଝାମଣାପତ୍ରରେ ଗୁରୁତ୍ୱାରୋପ କରାଯାଇଛି । ବିଜ୍ଞାନ ଓ କାରିଗରୀ କ୍ଷେତ୍ରରେ ରାଜ୍ୟର ସାମର୍ଥ୍ୟକୁ ଏପରି ପଦକ୍ଷେପ ଅଧିକ ସାହାଯ୍ୟ କରିବ ବୋଲି ଉଲ୍ଲେଖ କରି




ମନ୍ତ୍ରୀ ଶ୍ରୀ ପଣ୍ଡା ରାଜ୍ୟରେ ବିଜ୍ଞାନ ଶିକ୍ଷା, ଗବେଷଣା, ଯୋଗାଯୋଗ ଓ ନୂତନ ଉଦ୍ଭାବନ ଇତ୍ୟାଦିକୁ ପ୍ରୋତ୍ସାହନ ଦେବାରେ ଏପରି ବୁଝାମଣା ଲାଭଦାୟକ ହେବ ବୋଲି ଆଶାପ୍ରକାଶ କରିଛନ୍ତି । ସେ ମଧ୍ୟ ରାଜ୍ୟରେ ବାୟୋଟେକ୍‌ନୋଲୋଜି କ୍ଷେତ୍ରରେ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦେଇଛନ୍ତି । ବୁଝାମଣାପତ୍ର ଅନୁସାରେ ବିଜ୍ଞାନ ଓ କାରିଗରୀ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମରେ ବିସିକେଆଇସି ସହଯୋଗୀ ଭାବରେ କାର୍ଯ୍ୟ କରିବ । ରାଜ୍ୟର ବିଜ୍ଞାନ ଓ କାରିଗରୀ ନୀତି ପ୍ରଣୟନ, ବିଭିନ୍ନ ବିଜ୍ଞାନଭିତ୍ତିକ କୌଶଳର ହସ୍ତାନ୍ତରଣ, ଶିକ୍ଷା-ସ୍ୱାସ୍ଥ୍ୟ-ପରିମଳ-ପରିବେଶ ଓ ଯୋଗାଯୋଗ କ୍ଷେତ୍ରରେ ଅଧିକ ଜ୍ଞାନବିନିମୟ, ତାଲିମ ଓ ଦକ୍ଷତା ବୃଦ୍ଧି, ଉଦ୍ୟୋଗ ତଥା ବୁଦ୍ଧିଜୀବୀଙ୍କ ମିଳିତ ଉଦ୍ୟମ ନିମନ୍ତେ ପ୍ରୋତ୍ସାହନ ଏବଂ ବିଦ୍ୟାଳୟସ୍ତରରୁ ପରୀକ୍ଷାମୂଳକ ଶିକ୍ଷଣ ନିମନ୍ତେ କାର୍ଯ୍ୟକ୍ରମ ରୂପାୟନ ଇତ୍ୟାଦି କ୍ଷେତ୍ରରେ ଉଭୟ ବିଜ୍ଞାନ ଓ କାରିଗରୀ ବିଭାଗ ତଥା ବିସିକେଆଇସି ଏକତ୍ର କାର୍ଯ୍ୟ କରିବେ ବୋଲି ବୁଝାମଣାପତ୍ରରେ ଦର୍ଶାଯାଇଛି । ବିଜ୍ଞାନ ଓ କାରିଗରୀ ବିଭାଗର କମିଶନର ତଥା ଶାସନ ସଚିବ ସୁରେଶ କୁମାର ବଶିଷ୍ଠ କହିଛନ୍ତି ଯେ ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଗଠନ ଓ ନାଗରିକଙ୍କ ମଧ୍ୟରେ ମତାମତ ଆଦାନପ୍ରଦାନ କ୍ରମେ ବିଜ୍ଞାନ ଶିକ୍ଷା ତଥା ଗବେଷଣା କାର୍ଯ୍ୟକୁ ସଂପ୍ରସାରିତ କରିବାରେ ଏପରି ଉଦ୍ୟମ ଯଥେଷ୍ଟ ସହାୟକ ହେବ । ବିଭାଗ ପକ୍ଷରୁ ରାଜ୍ୟ ବିଜ୍ଞାନ ଓ କାରିଗରୀ ପରିଷଦର ସଂପାଦକ ପୂଜା ମିଶ୍ର ଓ ବିସିକେଆଇସି ପକ୍ଷରୁ ତା'ର ଅଧକ୍ଷ ଡ. ମୃତ୍ୟୁଞ୍ଜୟ ସୁଆର ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ ।

# ପଂଚପାଇକ ପୀଠରେ ପତାକା ଉତ୍ତୋଳନ



ଖୋର୍ଦ୍ଧା, ୧୮/୮ ନି.ପ୍ର): ଜାତୀୟ ଅସ୍ମିତାର ତ୍ୟାଗ ଓ ବଳିଦାନର ପ୍ରତୀକ ପାଇକ ବିଦ୍ରୋହର ମହାବୀର ପଂଚ ପାଇକ ପୀଠରେ ଗଜପତି ରାମଚନ୍ଦ୍ରଦେବ ବିଦ୍ୟା ନିକେତନ ଓ ଗଜପତି ମୁକୁନ୍ଦଦେବ ପାଇକ ଆଖଡ଼ା ସଂଘ ଆନୁକୂଲ୍ୟରେ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳିତ ହୋଇଯାଇଛି । ପ୍ରାକ୍ତନ ରୋଭର ଡିଷ୍ଟ୍ରିକ୍ଟ ଅର୍ଗାନାଇଜିଂ କମିଶନର୍ ଗୋପାଳ କୃଷ୍ଣ ଦାସ ପତାକା ଉତ୍ତୋଳନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ସର୍ବେଶ୍ୱର ମାର୍ଥାଙ୍କ ପୌରହିତ୍ୟରେ ଆୟୋଜିତ ସାନ୍ଧ୍ୟ ଉତ୍ସବରେ ମୁଖ୍ୟ ଅତିଥି ଶିକ୍ଷାବିତ୍ ସରୋଜିନୀ ସୁନ୍ଦରାୟ ଯୋଗ ଦେଇଥିଲେ । ପ୍ରବନ୍ଧ ବକ୍ତୃତା, ସାଧାରଣଜ୍ଞାନ, ଦେଶାତ୍ମବୋଧକ ଗୀତ ଓ ନୃତ୍ୟରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଉତ୍ସବକୁ ଅନିଲ କୁମାର ପ୍ରଧାନ, ଆଲୋକ ବରାଳ, ରଂଜନ ମହାରଥା ପ୍ରମୁଖ ଆୟୋଜନ କରିଥିଲେ ।

# ଅନ୍ୟ ଜାତି ଘରେ ଖାଇଥିଲେ ପୁଅ , ମାର ଶବ ଛୁଇଁଲେନି ଗ୍ରାମବାସୀ



ଜୟପୁର, ୧୮/୮ ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ବୈରାଗିମଠ ଗ୍ରାମରେ ଜଣେ ବୃଦ୍ଧା ମୁକ୍ତା ପରଜା ଙ୍କ ମୃତ୍ୟୁ ହୋଇଥିବା ବେଳେ ଗ୍ରାମବାସୀମାନେ ଶବ ଛୁଇଁ ନଥିବା ଅଭିଯୋଗ ହୋଇଛି । ଗତ ୬ ମାସ ତଳେ ମୃତ ମୁକ୍ତାଙ୍କ ପୁଅ ମଙ୍ଗଳା ପରଜା ଅନ୍ୟ ଜାତିର ଘରେ ଖାଇଥିବାରୁ ଗ୍ରାମବାସୀ ତାଙ୍କ ପରିବାରକୁ ବାସନ୍ଦ କରିଥିଲେ । ଗାଁ ଭୋଜି ଭାତରେ ବି ସାମିଲ କରୁ ନଥିଲେ । ଏନେଇ ମଙ୍ଗଳାଙ୍କ ମା ମୃତ୍ୟୁ ବରଣ କରିବାରୁ ତାଙ୍କ ଶବକୁ ଛୁଇଁ ନଥିଲେ । ମୁକ୍ତାଙ୍କୁ ଚାରି କାନ୍ଧ ମଧ ଦେଇନଥିଲେ । ଶେଷରେ ପୁଅ ମଙ୍ଗଳା ସ୍ତ୍ରୀ କୁନି ସହ ମିଶି କୋକେଇକୁ ରାସ୍ତାରେ ଘୋଷାଡି ଘୋଷାଡି ନେଇଥିଲେ । ଦୁନିଆ କେତେ ଆଗକୁ ଯାଇଥିଲ ବି ଆଜି ବି ଗ୍ରାମରେ ସେହି ଅନ୍ଧ ବିଶ୍ୱାସକୁ ଧରି ବସିଛନ୍ତି ଗ୍ରାମବାସୀ । ମଙ୍ଗଳାର ଭୁଲ ଥିଲା ଅନ୍ୟ ଜାତି ଘରେ ଖାଇଥିଲା । ସେତିକି ଭୁଲ ପାଇ ଆଜି ମା ର ସବ କୁ ୪ ରି କାନ୍ଧ ମିଳି ନଥିଲା । ଏପରି ଘଟଣା ଆଜି କୋରାପୁଟ ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି ।

# ଜୱାଦ କ୍ଷତିପୂରଣ ପାଇଁ ତହସିଲ ଘେରିଲେ ଚାଷି

ଜଗତସିଂହପୁର (ନି.ପ୍ର):ଜୱାଦ ବାତ୍ୟାର ୯ମାସ ପରେ ରାଢଙ୍ଗ ଚାଷିଙ୍କୁ ଯେଉଁ କ୍ଷତି ସହାୟତା ମିଳିଲା ତାହା ଅବଶ୍ୟକ ଠାରୁ ଖୁବ୍‌କମ । ୨୦୨୦-୨୧ ସେପ୍ଟେମ୍ବରର ବର୍ଷା ବିତିପାତ ଓ ଜୱାଦ ବାତ୍ୟାରେ କ୍ଷତିଗ୍ରସ୍ତ ଚାଷିଙ୍କ ତାଲିକା ପ୍ରସ୍ତୁତ କରିବା ଏବଂ କ୍ଷତି ଆକଳନ କାର୍ଯ୍ୟଟି ତହସିଲ ଓ କୃଷି ବିଭାଗ ଦ୍ୱାରା କରାଯାଇଥିଲା । କେଉଁ ଚାଷିର କେତେ ପରିମାଣ ଫସଲ ନଷ୍ଟ ହୋଇଛି ସେ ସମ୍ପର୍କରେ କୌଣସି ସୂଚନା ତହସିଲଦାର ଦେଉନାହାଁନ୍ତି । ଚାଷିର ସୂଚନା ପାଇବାର ସ୍ୱାଧିନତାକୁ ତହସିଲ ପକ୍ଷରୁ ଖୁନ କରାଯାଉଥିବା ବେଳେ ମହାସମାରେହରେ ପାଳନ କରାଯାଉଛି ଅମୃତ ମହୋତ୍ସବ । ତେବେ ଜୱାଦ କ୍ଷତିପୁରଣ ଦେବାରେ ଜଗତସିଂହପୁର ଜିଲ୍ଲାର କେତେକ ତହସିଲ ଟାଳଟୁଳ ନିତି ଅବଲମ୍ବନ କରୁଥିବା ଦେଖିବାକୁ ମିଳିଛି । କେଉଁ ତହସିଲରେ ମନମୁଖି ଭାବେ ଏହା ପ୍ରଦାନ କରାଯାଉଛି ତ କେଉଁଠାରେ ଏବର୍ଯ୍ୟନ୍ତ ଜୱାଦ କ୍ଷତିପୂରଣ ଦିଆଯାଇନାହିଁ । ଜଗତସିଂହପୁର ତହସିଲ ପକ୍ଷରୁ ଏପର୍ଯ୍ୟନ୍ତ ଜୱାଦ କ୍ଷତିପୂରଣ କୌଣସି ପଞ୍ଚାୟତକୁ ଦିଆଯାଇନଥିବା ବେଳେ ରଘୁନାଥପୁର ତହସିଲ ପକ୍ଷରୁ ମାତ୍ର କେତଗୋଟି ପଞ୍ଚାୟତକୁ ଏହା ନାମକୁ ମାତ୍ର ପ୍ରଦାନ କରାଯାଇଛି । ଆଜି ବୁଧବାର ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଦେବୀପ୍ରସାଦ ମହାରଣା, ରଶ୍ମୀରଂଜନ ସ୍ୱାଇଁଙ୍କ ନେତୃତ୍ୱରେ କେତେକ କୃଷକ ନେତା ରଘୁନାଥପୁର ତହସିଲଦାରଙ୍କ ପାଖରେ ଜୱାଦ କ୍ଷତିପୁରଣ ସମ୍ପର୍କରେ ନିଜର ମତ ପ୍ରକାଶ କରିଥିଲେ । ଏବଂ ଯଦି ତୁରନ୍ତ କ୍ଷତିଗ୍ରସ୍ତଙ୍କୁ କ୍ଷତିପୁରଣ ପ୍ରଦାନ ନକରାଯାଏ ତେବେ କୃଷି ଆନ୍ଦୋଳନ ଯୋରଦାର କରାଯିବ ବୋଲି ପ୍ରକାଶ କରିଥିଲେ ।

Printed, Published & Owned by Ramdas Lima, Published from Neheru Nagar 2nd Lane, Po/Dist.Rayagada(Odisha)765001, Printed at-Aditya Graphics, Hotel Kapilash Lane, New Colony, Po/Dist.Rayagada(Odisha). Mob:09438610559, Email: prajabartanews@gmail.com
Editor : Ramdas Lima, All legal matters subject to Rayagada Jurisdiction only ସମ୍ପାଦକ: ରାମଦାସ ଲିମା